وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
ବଦର
Weekly
BADAR
କାଦିଆନ
Qadian
Odia

## ଅଲ୍ଲାଃତାଲାଙ୍କ ବାଣୀ

### ବାସ୍ତବରେ ନମାଜ୍ ସମସ୍ତ ପ୍ରକାରର ଅଶ୍ଳୀଳ ଓ ମନ୍ଦ୍ୟ କାର୍ଯ୍ୟରୁ ନିବୃତ୍ତ କରେ ।

اُتۡلُ مَاۤ اُوۡحِیَ اِلَیۡکَ مِنَ الۡکِتٰبِ وَاَقِمِ الصَّلٰوۃَ ؕ اِنَّ الصَّلٰوۃَ تَنۡہٰی عَنِ الۡفَحۡشَآءِ وَالۡمُنۡکَرِ ؕ وَلَذِکۡرُ اللّٰہِ اَکۡبَرُ ؕ وَاللّٰہُ یَعۡلَمُ مَا تَصۡنَعُوۡنَ ﴿۴۶﴾

**ଅନୁବାଦ:** ହେ ମୁହମ୍ମଦ୍ ସ.ଅ ! ଏହି ଧର୍ମଗ୍ରନ୍ଥ (କୁରଆନ)ରେ ଯାହା କିଛି ତୁମ୍ଭ ପ୍ରତି (ଉପରେ) ଓହି କରାଯାଇଛି ତାହାକୁ ପାଠ କର ଏବଂ ଅନ୍ୟମାନଙ୍କୁ ଶୁଣାଅ ଓ ନିୟମାନୁସାରେ ନମାଜ୍ ପାଠ କର । ବାସ୍ତବରେ ନମାଜ୍ ସମସ୍ତ ପ୍ରକାରର ଅଶ୍ଳୀଳ ଓ ମନ୍ଦ କାର୍ଯ୍ୟରୁ ନିବୃତ୍ତ କରେ ଏବଂ ଅଲ୍ଲାଃଙ୍କୁ ସ୍ମରଣ କରିବା ସର୍ବୋତ୍କୃଷ୍ଟ କାର୍ଯ୍ୟ ଅଟେ । ଅଲ୍ଲାଃତାଲା ତୁମମାନଙ୍କ କାର୍ଯ୍ୟକୁ ଜାଣନ୍ତି । **(ଅଲ୍ ଅନକବୁତ୍ : 46)**

**ସମ୍ପାଦକ:** କମୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ଓାହାବ୍ | **ଖଣ୍ଡ: 11 | ସଂଖ୍ୟା: 41** | 22 ରବିଉସ୍ ସାନି, 1448 ହି.କ, 08 ଜୁମାଦିଉଲ୍ ଅୱଲ୍ 1405 ହି.ଶ, 08 Oct 2026



## ଆଁହଜରତ୍ ସ.ଅଙ୍କ ବାଣୀ

### ଅଲ୍ଲାଃତାଲା ନମାଜ୍ ମାଧ୍ୟମରେ ପ୍ରତ୍ୟେକ ପାପକୁ ଧୋଇ ଦେଇଥାଆନ୍ତି ।

عَنۡ اَبِیۡ ھُرَیۡرَۃَ اَنَّہٗ سَمِعَ رَسُوۡلَ اللّٰہِ صَلَّی اللّٰہُ عَلَیۡہِ وَسَلَّمَ یَقُوۡلُ: "اَرَاَیۡتُمۡ لَوۡ اَنَّ نَہۡرًا بِبَابِ اَحَدِکُمۡ یَغۡتَسِلُ فِیۡہِ کُلَّ یَوۡمٍ خَمۡسًا مَا تَقُوۡلُ ذٰلِکَ یُبۡقِیۡ مِنۡ دَرَنِہٖ، قَالُوۡا: لَا یُبۡقِیۡ مِنۡ دَرَنِہٖ شَیۡئًا، قَالَ: فَذٰلِکَ مِثۡلُ الصَّلَوَاتِ الۡخَمۡسِ، یَمۡحُو اللّٰہُ بِہِ الۡخَطَایَا"

**ଅନୁବାଦ:** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ମହାବତାର ମୁହମ୍ମଦ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, "ଭଲା କୁହ ତ' ଯଦି ତୁମମାନଙ୍କ ମଧ୍ୟରୁ କାହା ଘର ସମ୍ମୁଖରେ ଏକ ଜଳଧାରା (ଅର୍ଥାତ୍ ଝରଣା) ପ୍ରବାହିତ ହେଉଥାଏ ଏବଂ ଜଣେ ବ୍ୟକ୍ତି ପ୍ରତିଦିନ ସେହି ଝରଣରେ ପାଞ୍ଚବେଳା ସ୍ନାନ କରେ (ଗାଧାଏ) ତେବେ ତୁମମାନେ ସେହି ବ୍ୟକ୍ତି ସଂପର୍କରେ ଏହା ଚିନ୍ତା କର ଯେ, କ'ଣ ତା'ର ଶରୀରରେ କୌଣସି ମଇଳା ବା ଅପବିତ୍ରତା ଅବଶିଷ୍ଟ (ବାକି) ରହିପାରିବ କି ?" ସାହାବାମାନେ କହିଲେ, "ନା, ଟିକିଏ ବି ମଇଳା ରହିବ ନାହିଁ ।" ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, "ତେବେ ଏହା ହିଁ ପାଞ୍ଚବେଳା ନମାଜର ଉଦାହରଣ ଅଟେ । ଅଲ୍ଲାଃତାଲା ଏହା ମାଧ୍ୟମରେ ବ୍ୟକ୍ତିର ପାପକୁ ଧୋଇ ଦିଅନ୍ତି ।" **(ସହିହୁଲ୍ ବୁଖାରୀ କିତାବୁ ମୱାକିତୁସ୍ ସଲାତି, ବାବ୍-ଅସ୍ ସଲାତୁଲ୍ ଖମ୍ସି କଫ୍ଫାରତୁ ଲିଲ୍ ଖତାୟା)**



## ହ. ମସିହ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ ମଉଦ୍ ଅ.ସ)

### ନମାଜ୍ ପ୍ରକୃତରେ ମହା ପ୍ରଭୁଙ୍କ ନିକଟରେ ଏକ ପ୍ରାର୍ଥନା ଯାହା ବିନା ମନୁଷ୍ୟ ବଞ୍ଚି ରହିପାରିବ ନାହିଁ ।"

ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସ କୁହନ୍ତି: ନମାଜ୍ କ'ଣ ଅଟେ ? ନମାଜ୍ ବାସ୍ତବରେ ଅଲ୍ଲାଃଙ୍କ ନିକଟରେ ଏକ ପ୍ରାର୍ଥନା ଅଟେ । ଏହା ବିନା ମନୁଷ୍ୟ ଜୀବିତ ରହିପାରିବ ନାହିଁ ଏବଂ ନା ହିଁ ଶାନ୍ତି ଓ ଖୁସିର ସାଧନ ମିଳିପାରିବ । ଯେତେବେଳେ ଅଲ୍ଲାଃତାଲା ତା' ଉପରେ ନିଜର କୃପା ଅବତୀର୍ଣ୍ଣ କରିବେ ସେତେବେଳେ ତାକୁ ପ୍ରକୃତ ଆନନ୍ଦ ଓ ଶାନ୍ତି ମିଳିବ । ସେହି ସମୟରୁ ତାକୁ ନମାଜ୍‌ରେ ଏପରି ଆନନ୍ଦ ଏବଂ ସ୍ୱାଦ ଆସିବାକୁ ଲାଗିବ ଯେପରି ସ୍ୱାଦିଷ୍ଟ ଖାଦ୍ୟ ଖାଇବା ଦ୍ୱାରା ମଜା ଲାଗିଥାଏ । ଠିକ୍ ସେହିପରି ପୁନର୍ବାର କାନ୍ଦିବା ଏବଂ ବିଳାପ କରିବାର ଆନନ୍ଦ ମଧ୍ୟ ମିଳିବ ଓ ନମାଜ୍‌ରେ ଏହି ଅବସ୍ଥା ସୃଷ୍ଟି ହୋଇଯିବ । ଅର୍ଥାତ୍ ଯେପରି ଜଣେ ବ୍ୟକ୍ତି କଡ଼ା ଅର୍ଥାତ୍ ଶକ୍ତିଶାଳୀ ଔଷଧ ଏଇଥି ପାଇଁ ସେବନ କରିଥାଏ (ଖାଇଥାଏ) ଯେ, ତାର ଯେପରି ସ୍ୱାସ୍ଥ୍ୟଲାଭ ହୋଇପାରିବ ଓ ରୋଗରୁ ତାକୁ ଉପଶମ ମିଳିବ । ଠିକ୍ ସେହିପରି ଏହି ସ୍ୱାଦହୀନ ନମାଜ୍ ପାଠ କରିବା ଏବଂ ପ୍ରାର୍ଥନା କରିବା ମଧ୍ୟ ଆବଶ୍ୟକ ଅଟେ । ଏହି ସ୍ୱାଦହୀନ ଅବସ୍ଥାରେ ବ୍ୟକ୍ତି ଏହା ଧାର୍ଯ୍ୟ କରୁ ଯେ, ନମାଜ୍ ପାଠ କରିବା ଦ୍ୱାରା ଆନନ୍ଦ ଓ ଆସ୍ୱାଦନ ସୃଷ୍ଟି ହେବ ।

ସୁତରାଂ ଏଥି ନିମନ୍ତେ ଏହି ପ୍ରାର୍ଥନା କରିବା ଉଚିତ୍ ଯେ, ହେ ଅଲ୍ଲାଃତାଲା ! ତୁମ୍ଭେ ମୋତେ ଦେଖୁଛ ଯେ, ମୁଁ କିପରି ଅନ୍ଧ ଏବଂ ଦୃଷ୍ଟିହୀନ ଅଟେ ? ମୁଁ ଏହି ସମୟରେ ସମ୍ପୂର୍ଣ୍ଣ ମୃତାବସ୍ଥାରେ ଅଛି । ମୁଁ ଜାଣିଛି ଯେ, କିଛି ସମୟ ପରେ ମୋର ଡାକରା ଆସିଯିବ ଓ ମୁଁ ତୁମ ଆଡ଼କୁ ଚାଲିଯିବି । ସେତେବେଳେ ମୋତେ କେହି ଅଟକାଇ ପାରିବେ ନାହିଁ । କିନ୍ତୁ ମୋର ହୃଦୟ ଅନ୍ଧ ଏବଂ ଅଜ୍ଞ ଅଟେ । ତୁମେ ଏପରି ଏକ ଜ୍ୟୋତିର ଶିଖା ଏହି ବିନୀତ ଉପରେ ଅବତୀର୍ଣ୍ଣ କର ଯେପରିକି ତୁମ ପ୍ରତି ପ୍ରେମାନୁରାଗ ଏବଂ ଆକର୍ଷଣ ଏହି ବିନୀତ ହୃଦୟ ମଧ୍ୟରେ (ବ୍ୟକ୍ତି ମଧ୍ୟରେ) ସୃଷ୍ଟି ହୋଇଯିବ । ତୁମେ ମୋ ଉପରେ ଏପରି କୃପା କର ଯେ, ମୁଁ ଅନ୍ଧ ଭାବରେ ଉଠିବି ନାହିଁ ଏବଂ ଅନ୍ଧମାନଙ୍କ ମଧ୍ୟରେ ସାମିଲ୍ ହେବି ନାହିଁ। ଯେତେବେଳେ ସେ (ବ୍ୟକ୍ତି) ଏହି ପ୍ରକାରର ପ୍ରାର୍ଥନା କରିବ ଏବଂ ଏଥିରେ ଦୃଢ଼ ରହିବ ସେତେବେଳେ ସେ ଦେଖିବ ଯେ ତା'ଜୀବନରେ ଏପରି ଏକ ସମୟ ଆସିବ ଯେ, ଏହି ନିଃସ୍ୱାଦ ନମାଜରେ ଆକାଶରୁ ଏକ ବସ୍ତୁ ତା' ଉପରେ ଖସିବ ଯାହାକି ହୃଦୟରେ କୋମଳତା ଏବଂ ଭାବ ପ୍ରବଣତା ସୃଷ୍ଟି କରିଦେବ ।

**"(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-481, ସଂସ୍କରଣ ବର୍ଷ-2022 ମସିହା)**

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍‌ଲେହ୍ ମଉଦ୍ ର.ଅ)

### ନମାଜ୍‌ରେ ଅତିବାହିତ ହୋଇଥିବା ସମୟ ଅଶ୍ଳୀଳତା ଏବଂ କୁକର୍ମ ଠାରୁ ରକ୍ଷା କରିଥାଏ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଅନ୍‌କବୁତ୍‌ର ଆୟତ୍ ସଂଖ୍ୟା: 46 اِنَّ الصَّلٰوۃَ تَنۡہٰی عَنِ الۡفَحۡشَآءِ وَالۡمُنۡکَرِ ର ବ୍ୟାଖ୍ୟା କରି କୁହନ୍ତି: "ନମାଜ୍ ନିଃସନ୍ଦେହ ରୂପେ ଖରାପ ଏବଂ ଅପ୍ରୀତିକର କାର୍ଯ୍ୟରୁ ଲୋକଙ୍କୁ ବାରଣ କରିଥାଏ ଓ ନିବୃତ୍ତ ରଖିଥାଏ (ରୋକିଥାଏ) । ସେହି ଖରାପ କଥାଗୁଡ଼ିକ ମଧ୍ୟରୁ ଯେଉଁ ପ୍ରସଙ୍ଗଗୁଡ଼ିକ ମନୁଷ୍ୟର ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ତଥା ସଂଶ୍ଲିଷ୍ଟ ଅଟନ୍ତି ତନ୍ମଧ୍ୟରୁ ମଧ୍ୟ ଯାହା ସମାଜ ପକ୍ଷେ ମଧ୍ୟ କଷ୍ଟକର ହୋଇଥାଏ । କାରଣ ଜମାଅତ୍ ସହିତ ଦିନକୁ ପାଞ୍ଚ ଥର ନମାଜ୍ ପାଠ କରିବା ମୁସଲମାନମାନଙ୍କ ପାଇଁ ପାଇଁ ନିର୍ଦ୍ଧାରିତ (ଧାର୍ଯ୍ୟ) କରାଯାଇଛି । ଯଦି ସେମାନେ ଅର୍ଥାତ୍ ମୁସଲମାନମାନେ ଜମାଅତ୍ ସହିତ ନମାଜ୍ କାଏମ୍ (ନିୟମାନୁବର୍ତ୍ତୀ) ହୋଇଯାଆନ୍ତି ତେବେ ସେମାନଙ୍କର ଅନେକ ସମୟ ଈଶ୍ୱରଙ୍କ ଉପାସନାରେ ଲାଗିଯିବ । ନମାଜ୍‌ରେ ଅତିବାହିତ ହେଉଥିବା ସମୟ ସେମାନଙ୍କୁ ଅଶ୍ଳୀଳତା ଏବଂ ପାପ କାର୍ଯ୍ୟରୁ ହିଁ ରକ୍ଷା କରିବ । ଏହିପରି ଭାବରେ ନମାଜ୍‌ରେ ଯେତେବେଳେ ଦୁଆ ହେଉଥିବ ଅର୍ଥାତ୍ ନିଜ ପାଇଁ ମଧ୍ୟ ଏବଂ ଅନ୍ୟମାନଙ୍କ ପାଇଁ ମଧ୍ୟ ଦୁଆ ହେଉଥିବ ସେତେବେଳେ ସେହି ଦୁଆଗୁଡ଼ିକ ଈଶ୍ୱରଙ୍କ କୃପାକୁ ଆକର୍ଷିତ କରି ସେମାନଙ୍କ ନିଜ ସଂଶୋଧନର କାରଣ ମଧ୍ୟ ହୋଇଯିବ । ତତ୍‌ସହିତ ଅନ୍ୟମାନଙ୍କର ସଂଶୋଧନ ଏବଂ ଉନ୍ନତିର କାରଣ ମଧ୍ୟ ପାଲଟିଯିବ । ଏହିପରି ଭାବରେ ନମାଜ୍‌ରେ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଆୟତ୍‌ଗୁଡ଼ିକ ପାଠ କରାଯାଏ ଏବଂ ତସ୍‌ବିହ୍ ଓ ତହ୍‌ମୀଦର (ଈଶ୍ୱରଙ୍କ ପବିତ୍ରତାମୂଳକ ମହିମା ଓ ତାହାଙ୍କର ପ୍ରଶଂସା) ବହୁଳତା ହୋଇଥାଏ ତାହାର ପ୍ରଭାବ ମନ ଉପରେ ଏପରି ପଡ଼ିଥାଏ ଯେପରିକି ମନୁଷ୍ୟ ପାପକୁ ଘୃଣା କରିବାକୁ ଲାଗିଥାଏ। ସଂକ୍ଷେପରେ କହିବାକୁ ଗଲେ, اُتۡلُ مَاۤ اُوۡحِیَ اِلَیۡکَ مِنَ الۡکِتٰبِ ର ଠିକ୍ ପରେ ପରେ اَقِمِ الصَّلٰوۃَ ଏବଂ اِنَّ الصَّلٰوۃَ تَنۡہٰی عَنِ الۡفَحۡشَآءِ وَالۡمُنۡکَرِ ର ଉଲ୍ଲେଖ କରି ଏହି ଦିଗ ଆଡ଼କୁ ଇଙ୍ଗିତ କରାଯାଇଛି ଯେ, ଦୁଆ ବ୍ୟତୀରେକ (ବ୍ୟତୀତ) ପବିତ୍ରତା ହାସଲ ହୋଇପାରିବ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ତିଲାଓ୍ୱତ୍ କରିବା ଦ୍ୱାରା ତୁମେମାନେ ଦୁନିଆର ଚିନ୍ତାଧାରାକୁ ନିଶ୍ଚିତ ଭାବରେ ପରିବର୍ତ୍ତନ କରିପାରିବ । କିନ୍ତୁ ସଂସାରେ ପବିତ୍ରତା ଈଶ୍ୱରଙ୍କ କୃପା ବିନା କଦାପି ମିଳିପାରିବ ନାହିଁ ଏବଂ ଏହି କୃପା କେବଳ ଅବଶିଷ୍ଟାଂଶ... ପୃ-୨ ରେ

## ଅହମଦିୟା ଖବର

### ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ସମ୍ପାଦକୀୟ

## ହ. ଖଲୀଫତୁଲ ମସୀହ୍ ଖାମିସ୍ ଅ.ବଙ୍କର 2026 ମସିହା ଜଲ୍‌ସା ସାଲାନା ବ୍ରିଟେନ ଅବସରରେ ମହିଳାମାନଙ୍କୁ ଦିଆଯାଇଥିବା ଏକ ଜ୍ଞାନଗର୍ଭକ ଉଦବୋଧନର ସାରାଂଶ !

لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

ତଶ୍‌ହୁଦ, ତାଉଜ୍ ଏବଂ ସୁରାଃ ଅଲ୍ ଫାତିହା ପାଠ କରିବା ପରେ ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଆପଣମାନେ ଏହି ଜଲସାରେ ସାମିଲ୍ ହୋଇଛନ୍ତି । ଏହା ଉକ୍ତ କଥାର ପ୍ରମାଣ ଯେ, ଅହମଦି ମହିଳାମାନେ ଧର୍ମ ପ୍ରତି ଆଗ୍ରହୀ ଏବଂ ସେମାନେ ଧାର୍ମିକ ଜ୍ଞାନ ବୃଦ୍ଧି କରିବାକୁ ଚାହୁଁଛନ୍ତି, ସେମାନେ ଈଶ୍ୱରଙ୍କ ସାନ୍ନିଧ ଲାଭ କରିବାକୁ ଚେଷ୍ଟା କରୁଛନ୍ତି, ତାହା ଅର୍ଥାତ୍ ପ୍ରଭୁଙ୍କର ପ୍ରସନ୍ନତା ହାସଲ କରିବାକୁ ଚାହୁଁଛନ୍ତି । ସେମାନେ ଧର୍ମକୁ ସଂସାରିକତା ଉପରେ ପ୍ରାଥମିକତା ଦେବାର ଯେଉଁ ପ୍ରତିଜ୍ଞା କରିଛନ୍ତି ତାହାକୁ ପୂରଣ କରିବାକୁ ସକ୍ଷମ ହୁଅନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଗତକାଲିର ଭାଷଣରେ ମୁଁ କହିଥିଲି ଯେ, ହ. ମସିହ୍ ମଉଦ୍ ଅ.ସ. ଜଲସାର ଆୟୋଜନର ଉଦ୍ଦେଶ୍ୟ ସଂଯମତା ଓ ଧର୍ମପରାୟଣତା ସୃଷ୍ଟି କରିବା ଏବଂ ନୈତିକ ଅବସ୍ଥାକୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ବୋଲି ଦର୍ଶାଇଛନ୍ତି। ଆମକୁ କେବଳ ଏହି ଦିନମାନଙ୍କରେ ନୁହଁ ବରଂ ନିରନ୍ତର ପ୍ରୟାସ କରିବାକୁ ହେବ ଏବଂ ଉକ୍ତ କଥା ଉପରେ ଦୃଷ୍ଟି ରଖିବାକୁ ହେବ ଯେ, ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କ ଠାରୁ କ'ଣ ଚାହାଁନ୍ତି ? ଆପଣ ଅ.ସଙ୍କୁ ଅଲ୍ଲାଃତାଲା ଧର୍ମର ପୁନରୁଦ୍ଧାର ପାଇଁ ପଠାଇଛନ୍ତି । ତେଣୁ ଏହି ଉଦ୍ଦେଶ୍ୟ ସେତେବେଳେ ପୂରଣ ହୋଇପାରିବ ଯେତେବେଳେ ଆମେମାନେ ଆପଣ ଅ.ସଙ୍କ ବୈଅତ୍(ଦୀକ୍ଷା)ରେ ଆସି ନିଜର ଧାର୍ମିକ ଅବସ୍ଥାକୁ ସୁଧାରିବା ପାଇଁ ଆପଣଙ୍କ ଉପଦେଶଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ, ତୁମେ ଏପରି ଏକ ଜାତି ହୁଅ ଯାହା ସମ୍ବନ୍ଧରେ କୁହାଯାଇଛି فَاِنَّهُمْ قَوْمٌ لَا يَشْقٰى جَلِيْسُهُمْ ଅର୍ଥାତ୍ ସେମାନେ ଏପରି ଏକ ଜାତି ଅଟନ୍ତି ଯେ, ସେମାନଙ୍କ ସଙ୍ଗରେ ବସୁଥିବା ବ୍ୟକ୍ତି ହତଭାଗ୍ୟ ହୁଏ ନାହିଁ। ସେମାନଙ୍କ ସହ ବସୁଥିବା ବ୍ୟକ୍ତି କଦାପି ଦୁର୍ଭାଗ୍ୟ ହୁଏ ନାହିଁ ଏବଂ ସେମାନଙ୍କ ଚରିତ୍ର ଉଚ୍ଚକୋଟୀର ହୋଇଥାଏ । ଏହା ଏକ ମୂଳ କଥା ଯାହାକୁ ଆମକୁ ବୁଝିବାକୁ ପଡ଼ିବ ଏବଂ ଏଥିପାଇଁ ଚେଷ୍ଟା ମଧ୍ୟ କରିବାକୁ ପଡ଼ିବ । ତେଣୁ ସଦାସର୍ବଦା ମନେ ରଖନ୍ତୁ ଯେ, ଆମର ମୂଳ ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ପ୍ରସନ୍ନତା ହାସଲ କରିବା । ଏହା ସେତେବେଳେ ସମ୍ଭବପର ଅଟେ ଯେତେବେଳେ ଆମର ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକ କଥା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପାଇଁ ଉଦ୍ଦିଷ୍ଟ ହେବ ଏବଂ ଆମେମାନେ ତାହାଙ୍କ ଶିକ୍ଷା ଉପରେ କାର୍ଯ୍ୟକାରୀ କରୁଥିବୁ ।

ଆପଣ ଅ.ସ କହିଲେ, ମୋର କଥାଗୁଡ଼ିକୁ ପୂର୍ଣ୍ଣ ଧ୍ୟାନ ଓ ଗାମ୍ଭୀର୍ଯ୍ୟର ସହିତ ଶୁଣ, କାରଣ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ (ମାମୁର ମିନଲ୍ଲାଃ) ବ୍ୟକ୍ତିଙ୍କ କଥାକୁ ଧ୍ୟାନର ସହିତ ଶୁଣିବା ଉଚିତ୍ । ଯେତେବେଳେ ତୁମେମାନେ ତାହାକୁ ଧ୍ୟାନର ସହିତ ଶୁଣିବ ସେତେବେଳେ ହିଁ ସେହି ଉଦ୍ଦେଶ୍ୟ ହାସଲ କରିପାରିବ ଯାହା ଦୀକ୍ଷା ଗ୍ରହଣ କରିବାର ଏବଂ ମାମୁରଙ୍କ ସହ ନିଜକୁ ଯୋଡ଼ିବାର ଉଦ୍ଦେଶ୍ୟ ଅଟେ । ତେଣୁ ଏହି କଥା ସର୍ବଦା ମନେରଖ ଯେ, ତୁମକୁ ପ୍ରତ୍ୟେକ କଥା ଧ୍ୟାନପୂର୍ବକ ଶୁଣିବାକୁ ପଡ଼ିବ । କାରଣ ଏହା ବିଶ୍ୱାସର ପ୍ରସଙ୍ଗ ଅଟେ ।

ଆପଣ ଅ.ସ. କୁହନ୍ତି, "ଯେତେବେଳେ ଲୋକେ ବିଶ୍ୱାସ ସଂପର୍କରେ ଅବହେଳା ପ୍ରଦର୍ଶନ କରନ୍ତି ଏବଂ ଯେତେବେଳେ ସେମାନଙ୍କୁ ସମ୍ବୋଧନ କରି କିଛି କୁହାଯାଏ ସେତେବେଳେ ସେମାନେ ତାହାକୁ ଧ୍ୟାନର ସହ ବୁଝନ୍ତି ନାହିଁ । ତେବେ ମନେରଖନ୍ତୁ ! ଯେ, ସେମାନଙ୍କୁ ବକ୍ତାଙ୍କ ବକ୍ତବ୍ୟରୁ ତାହା ଯେତେ ଉଚ୍ଚକୋଟୀର ଏବଂ ପ୍ରଭାବଶାଳୀ ହୋଇଥାଉ କାହିଁକି କିଛି ବି ଫାଇଦା ମିଳେ ନାହିଁ । ଲୋକେ କେତେବେଳେ କେମିତି ଅନ୍ୟମାନଙ୍କ ପ୍ରରୋଚନାରେ ଆସିଯାଆନ୍ତି, ସେମାନଙ୍କ କଥାରେ ପଡ଼ିଯାଆନ୍ତି ଏବଂ ପୁଣି ସଂଗଠନ (ଜମାଅତ୍) ଉପରେ ଆକ୍ଷେପ କରିବା ମଧ୍ୟ ଆରମ୍ଭ କରିଦିଅନ୍ତି। କେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ମଧ୍ୟ ଆକ୍ଷେପ କରିବା ଆରମ୍ଭ କରିଦିଅନ୍ତି । ତେଣୁ ଆପଣମାନଙ୍କୁ ନିଜର ଜ୍ଞାନ ବୃଦ୍ଧି କରିବାକୁ ପଡ଼ିବ । ହ. ମସିହ୍ ମଉଦ୍ ଅ.ସଙ୍କ କଥାକୁ ଧ୍ୟାନର ସହିତ ଶୁଣିବାକୁ ପଡ଼ିବ ତେବେ ହିଁ ଆମେମାନେ ଆମର ଆଧ୍ୟାତ୍ମିକ ଏବଂ ବ୍ୟାବହାରିକ ଅବସ୍ଥାକୁ ସୁଧାରିପାରିବା । ଯଦି ଆମେମାନେ କେବଳ ବୈଅତ୍ କରି (ଦୀକ୍ଷା ନେଇ) ବସିଯିବା ଏବଂ ନିଜର ଧାର୍ମିକ ଜ୍ଞାନ ନ ବଢ଼ାଇବା ତେବେ ଆମେମାନେ କୌଣସି ସଫଳତା ହାସଲ କରିପାରିବା ନାହିଁ ।

ଆପଣ ଅ.ସ କହିଲେ, ଈଶ୍ୱର ଏହି ସଂପ୍ରଦାୟକୁ ସତ୍ୟ ଉଦଘାଟନ ପାଇଁ ସ୍ଥାପନ କରିଛନ୍ତି ଅର୍ଥାତ୍ ସତ୍ୟତାକୁ ସ୍ପଷ୍ଟ କରିବା, ପରିପ୍ରକାଶ କରିବା ଏବଂ ଗୁପ୍ତ ସତ୍ୟକୁ ଉନ୍ମୋଚିତ (ଖୋଲିବା) ପାଇଁ ସ୍ଥାପନ କରିଛନ୍ତି । ଏଥିପାଇଁ ମୁଁ ଚାହେଁ ଯେ, କେବଳ କଥାରେ ନୁହଁ ବରଂ ବ୍ୟାବହାରିକ ସତ୍ୟତା ମାଧ୍ୟମରେ ଇସଲାମ ଧର୍ମର ସୌନ୍ଦର୍ଯ୍ୟ ସଂସାର ଆଗରେ ପ୍ରକାଶ ପାଉ । ଇସଲାମ୍ ଧର୍ମ ଉପରେ ଆକ୍ଷେପ କରୁଥିବା ଲୋକେ ଅନେକ କଥା କୁହନ୍ତି ଏବଂ ମହିଳାମାନଙ୍କୁ ମଧ୍ୟ ଏହାର ସାମ୍ନା କରିବାକୁ ପଡ଼ିଥାଏ ।

ଯଦି ପବିତ୍ର କୁରଆନ କରୀମକୁ ଧ୍ୟାନର ସହିତ ପାଠ କରାଯାଏ ତେବେ ସମସ୍ତ ପ୍ରଶ୍ନର ଉତ୍ତର ମିଳିଯିବ । ଏହା ବ୍ୟତୀତ ଆଜିକାଲି ତ' ଆମର ବ୍ୟାଖ୍ୟାଗ୍ରନ୍ଥ (ତଫ୍‌ସୀର୍) ଗୁଡ଼ିକ ମଧ୍ୟ ଅଛି । ସେଥିରୁ ମଧ୍ୟ ଅନେକ ଲାଭ ମିଳିପାରିବ ।

ଆପଣ ଅ.ସ କହିଲେ, ମନେରଖ ! ପବିତ୍ର କୁରଆନ୍ କରୀମ୍ ପୂର୍ବବର୍ତ୍ତୀ ଗ୍ରନ୍ଥ ଏବଂ ଅବତାରମାନଙ୍କ ଉପରେ ମଧ୍ୟ ଉପକାର କରିଛି ଯେ, ପବିତ୍ର କୁରଆନ୍ କରୀମରେ ସେହି ଗ୍ରନ୍ଥମାନଙ୍କର ଘଟଣାବଳୀ ବର୍ଣ୍ଣନା କରିଛି ଏବଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌କୁ ଏପରି ଏକ ଜ୍ଞାନାତ୍ମକ ରୂପ ଦେଇଛନ୍ତି ଯାହା ପ୍ରତ୍ୟେକ ପ୍ରମାଣରେ ପରିପୂର୍ଣ୍ଣ ଅଟେ । ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଏପରି ବ୍ୟାପକ ଶିକ୍ଷା ଯେ ଏହା ସାମ୍ନାରେ କେହି ତିଷ୍ଠି ପାରିବେ ନାହିଁ । କିନ୍ତୁ ସର୍ତ୍ତ ଏହିକି ଯେ, କେବଳ ପବିତ୍ର କୁରଆନ୍ କରୀମ୍ ପାଠ କରାଯାଉ ନାହିଁ ବରଂ ଏହାର ଅନୁବାଦ ମଧ୍ୟ ପାଠ କରାଯାଉ ଏବଂ ଏହାର ବ୍ୟାଖ୍ୟା (ତଫସୀର୍) ପାଠ କରିବା ଆଡ଼କୁ ମଧ୍ୟ ଧ୍ୟାନ ଦିଆଯାଉ ।

ଆପଣ ଅ.ସ କହିଲେ, ଯେ ପବିତ୍ର କୁରଆନ୍ କରୀମ୍ ତ' ଏକ ଜୀବନ୍ତ ଏବଂ ଉଜ୍ଜ୍ୱଳ ଧର୍ମଗ୍ରନ୍ଥ ଅଟେ । ଏଥିପାଇଁ ଆମକୁ କୌଣସି ବିରୋଧୀଙ୍କ ବିରୋଧର ଖାତିର୍ ନାହିଁ। ଆମକୁ କୌଣସି ଭୟ କିମ୍ବା ନିଃଶଙ୍କୋଚ ଏହା ପ୍ରମାଣିତ କରିବାକୁ ହେବ ଯେ, ଆମର ଶିକ୍ଷା ସବୁଠାରୁ ଶ୍ରେଷ୍ଠ ଶିକ୍ଷା ଅଟେ । ଆଜିକାଲି ପାଶ୍ଚାତ୍ୟ ସମାଜରେ ରହି ଯୌବନରେ ପାଦ ଦେଉଥିବା ଅନେକ ଝିଅ ପ୍ରଶ୍ନ କରନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଉପରେ ଏହିସବୁ ଆକ୍ଷେପ କରାଯାଉଛି । ଯଦି ନିଜେ ମଧ୍ୟ ପବିତ୍ର କୁରଆନ୍ ପାଠ କରିବା ଆଡ଼କୁ ଧ୍ୟାନ ଦେବେ ତେବେ ସେମାନେ ନିଜେ ମଧ୍ୟ ସେଗୁଡ଼ିକର ଉତ୍ତର ଦେଇପାରିବେ। ଏହା ବିନା ବ୍ୟାବହାରିକ ଜୀବନରେ କୌଣସି ଆଲୋକ ସୃଷ୍ଟି ହୋଇପାରିବ ନାହିଁ ।

ଆପଣ ଅ.ସ କହିଲେ,"ମୁଁ ଚାହେଁ ବ୍ୟାବହାରିକ ସତ୍ୟତା ମାଧ୍ୟମରେ ଇସଲାମ୍ ଧର୍ମର ସୌନ୍ଦର୍ଯ୍ୟ ସଂସାର ଆଗରେ ପ୍ରକାଶ ପାଉ । ପବିତ୍ର କୁରଆନ୍ କରୀମ୍ ଆମକୁ ଯେଉଁ ଶିକ୍ଷା ଦେଇଛି ତାହାକୁ ନିଜ କାର୍ଯ୍ୟରେ ଢାଳନ୍ତୁ (କାର୍ଯ୍ୟକାରୀ କରନ୍ତୁ) ଏବଂ ତାହାକୁ ସତ୍ୟ ବୋଲି ପ୍ରମାଣିତ କରନ୍ତୁ । କେବଳ କାହାଣୀ ଭାବି ପଢ଼ନ୍ତୁ ନାହିଁ ବରଂ ଶିକ୍ଷା ଭାବି ପଢ଼ନ୍ତୁ ଏବଂ ଏହା ଉପରେ ଚିନ୍ତନ (ବିଚାର) କରନ୍ତୁ । ମହିଳାମାନଙ୍କୁ ମଧ୍ୟ ଏହି ଯୁଗରେ ଧର୍ମ ପ୍ରଚାର (ତବଲିଗ୍) ପାଇଁ ସେହିପରି ଚେଷ୍ଟା କରିବା ଉଚିତ୍ ଯେପରି ପୁରୁଷମାନଙ୍କୁ କରିବା ଉଚିତ୍ । ଏହା ହିଁ ଆଜିକାଲିର ଜିହାଦ୍ ଅଟେ । ବିଗତ ଯୁଗରେ ଆମେ ହ. ଆଏଶା ର.ଅଙ୍କ ଉଦାହରଣ ଦେଇଥାଉ । ଲୋକେ ତାଙ୍କଠାରୁ ଜ୍ଞାନ ଆହରଣ କରିବାକୁ ଆସୁଥିଲେ । ଅନେକ କୁରଆନୀୟ ଆୟାତର ବ୍ୟାଖ୍ୟା, ସେଗୁଡ଼ିକର ସ୍ପଷ୍ଟୀକରଣ ଏବଂ ଅନେକ ଆହାଦିସର ବିବରଣୀ ସହାବାମାନେ ତାଙ୍କଠାରୁ ଶିଖିଛନ୍ତି। ତେଣୁ ମହିଳାମାନଙ୍କ ପକ୍ଷେ ଉଚିତ୍ ଯେ, ସେମାନେ ନିଜ ଜ୍ଞାନକୁ ବୃଦ୍ଧି କରନ୍ତୁ ଏବଂ କେବଳ ଏହା ଦେଖନ୍ତୁ ନାହିଁ ଯେ ପ୍ରତ୍ୟେକ ଉତ୍ତର ପୁରୁଷମାନଙ୍କ ତରଫରୁ ହିଁ ମିଳିବ ବରଂ ନିଜେ ମଧ୍ୟ ଜ୍ଞାନ ଓ ବିଚାରରେ ଏତେ ଉନ୍ନତି କରିବା ଉଚିତ୍ ଯେ, ସେମାନେ ଆଧ୍ୟାତ୍ମିକ ବିଷୟଗୁଡ଼ିକରେ ପୁରୁଷମାନଙ୍କଠାରୁ ଆଗକୁ ବଢ଼ିଯିବେ କେବଳ ସମାନ ହୋଇ ରୁହନ୍ତୁ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, اَشْهَدُ اَنْ لَّا اِلٰهَ اِلَّا اللّٰهُ ଏପରି ଏକ ପ୍ରିୟ ବାକ୍ୟ ଯେ, ଯଦି ଏହି ଗୋଟିଏ ବାକ୍ୟ ଏହି କଲମା ଯଦି ଇହୁଦୀ ଏବଂ ଖ୍ରୀଷ୍ଟିଆନମାନଙ୍କୁ ଦିଆଯାଇଥାନ୍ତା ତେବେ ସେମାନେ ଧର୍ମରୁ ବିଚ୍ୟୁତ ହୋଇନ ଥାନ୍ତେ । ଯଦି ତୁମକୁ ଧର୍ମ ଉପରେ ଅବିଚଳ ରହିବାର ଅଛି ତେବେ ମନେରଖ ଯେ '**ଲା ଇଲାହା ଇଲ୍ଲଲ୍ଲାଃହ**' ଉପରେ ଚିନ୍ତନ କର ଓ ଏହାକୁ ବୁଝ । ଆପଣ ଅ.ସ କୁହନ୍ତି ଯେ, ତୁମେମାନେ ଯେଉଁମାନେ ମୋ ସହିତ ସମ୍ପର୍କ ସ୍ଥାପନ କରିଛ, କେବଳ ଏହି କଥାରେ ଗର୍ବିତ ହୋଇଯାଅ ନାହିଁ ଯେ, ଆମକୁ ଅବିଶ୍ୱାସକାରକାରୀମାନଙ୍କ ତୁଳନାରେ ସୌଭାଗ୍ୟ ମିଳିଗଲା । ସତ କଥା ହେଉଛି ତୁମେମାନେ ସେହି ଝରଣା ନିକଟରେ ପହଞ୍ଚିଛ ଯାହା ପାଣିର ଝରଣା ଅଟେ । କିନ୍ତୁ ପାଣି ପିଇବା ବାକି ଅଛି । ତେଣୁ ପାଣି ପିଇବା ପାଇଁ ମଧ୍ୟ ଈଶ୍ୱରଙ୍କ କୃପା ଓ ଦୟା ଦରକାର । ଅଲ୍ଲାଃତାଲାଙ୍କ ତରଫରୁ ସାମର୍ଥ୍ୟ ମିଳିଲେ ହିଁ ଏହା ସମ୍ଭବ ହୋଇଥାଏ । ତେଣୁ ତୁମେମାନେ ଅଲ୍ଲାଃତାଲାଙ୍କ ଠାରୁ ସାମର୍ଥ୍ୟ ପ୍ରାର୍ଥନା କର ଯେପରି କି ଅଲ୍ଲାଃତାଲା ତୁମକୁ ତୃପ୍ତ ହୋଇ ପାଣି ପିଇବାର ସାମର୍ଥ୍ୟ ପ୍ରଦାନ କରି ଦିଅନ୍ତୁ । ପାଣି ପିଇ ତୃପ୍ତ ହୋଇଯାଅ, ନିଜର ଜ୍ଞାନକୁ ବୃଦ୍ଧି କର ନିଜର ଆଧ୍ୟାତ୍ମିକତାକୁ ବୃଦ୍ଧି କର । ଆଜିକାଲି ସୋସିଆଲ୍ ମିଡିଆ ଅଛି । ବହୁତଗୁଡ଼ିଏ ପ୍ରିଣ୍ଟ ମିଡିଆ (ମୁଦ୍ରିତ ଗଣମାଧ୍ୟମ) ମଧ୍ୟ ରହିଛି । ଧର୍ମରୁ ଦୂରେଇବା ପାଇଁ ଏବଂ ସଇତାନ୍ ଆଡ଼କୁ ନେଇଯିବା ପାଇଁ ଅନ୍ୟାନ୍ୟ ଅସଂଖ୍ୟ ଏପରି ଜିନିଷ ବାହାରିଛି ଯାହାର ପୂର୍ବରୁ କଳ୍ପନା କରାଯାଇ ନଥିଲା । ଏପରି ପରିସ୍ଥିତିରେ ଆମ ପକ୍ଷେ ଉଚିତ୍ ଯେ ଆମେମାନେ ପୂର୍ବାପେକ୍ଷା ଅଧିକ ଈଶ୍ୱରଙ୍କ ସାନ୍ନିଧ ଲାଭ କରିବାକୁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ତର୍ବିୟତ୍ (ଆଧ୍ୟାତ୍ମିକ ପ୍ରଶିକ୍ଷଣ ବା ସଂସ୍କାର) ସକାଶେ ପଠାଇଛନ୍ତି । ତେଣୁ ଆମ ପକ୍ଷେ ଏହା ଉଚିତ୍ ଯେ, ତାଙ୍କ କଥା ଶୁଣିବା ଏବଂ ପଢ଼ିବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୁମର ଅସଲ୍ ଉଦ୍ଦେଶ୍ୟ ଏହା ହେବା ଉଚିତ୍ ଯେ, ତୁମକୁ ଏକେଶ୍ୱରବାଦ (ତୌହିଦ୍)କୁ ଅକ୍ଷୁର୍ଣ୍ଣ ରଖିବାକୁ ହେବ ଏବଂ ଏହାକୁ ଅକ୍ଷୁର୍ଣ୍ଣ ବା ବଜାୟ ରଖିବା ପାଇଁ ତୁମର ପୂର୍ଣ୍ଣ ଚେଷ୍ଟା ହେବାଉ ଉଚିତ୍ ଯେପରିକି ତୁମମାନଙ୍କ ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରେମ ସୃଷ୍ଟି ହୁଏ । ଏହାର ସ୍ୱୀକୃତି କେବଳ ମୁଖର ସ୍ୱୀକୃତି ଦ୍ୱାରା ନ ହେଉ ବରଂ ଏଥିପାଇଁ ବ୍ୟାବହାରିକ ପୁଷ୍ଟି ଅପରିହାର୍ଯ୍ୟ ଅଟେ । ଏଥିପାଇଁ ଜରୁରୀ ଯେ, ସର୍ବଦା ଅଲ୍ଲାଃତାଲାଙ୍କ ଦୁଆରରେ ପଡ଼ିରୁହ । ନିଜ ଉପାସନାର (ଇବାଦତ୍) ସ୍ତରକୁ ଉଚ୍ଚ କର । ଉପାସନାର ସ୍ତର ଉଚ୍ଚ କରିବାର ଅର୍ଥ ହେଉଛି ପ୍ରତ୍ୟେକ ସାଂସାରିକ ସମ୍ପର୍କ ଅପେକ୍ଷା ତୁମକୁ ଅଲ୍ଲାଃତାଲାଙ୍କ ପ୍ରେମ ଅଧିକ ପ୍ରିୟ ହେଉ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବା ସବୁଠାରୁ ପ୍ରାଥମିକ (ପ୍ରାଧାନ୍ୟ)ହୋଇଯାଉ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କହୁନ୍ତି: فَاذْكُرُوا اللّٰهَ كَذِكْرِكُمْ اٰبَآءَكُمْ ଅର୍ଥାତ୍ ଅଲ୍ଲାଃଙ୍କୁ ଏପରି ସ୍ମରଣ କର ଯେପରି ତୁମେମାନେ ନିଜର ପିତୃ ପିତାମହମାନଙ୍କୁ ସ୍ମରଣ କରିଥାଅ ।

ଅବଶିଷ୍ଟାଂଶ... ପୃ-୨ ରେ

(ଖୁତ୍‌ବା ଜୁମା)



## ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା) ସଂପର୍କରେ ସିରତୁନ୍ ନବୀ[ସ.ଅ]ର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଖୁତ୍‌ବା ଜୁମା 04 Sep 2026 ମସିହା ଅନୁଯାୟୀ ୦୪ ତୁବୁକ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

الرَّجِيْمِ ۔ بِسْمِ اللهِ الرَّحْمٰنِ الرَّحِيْمِ ۔ اَلْحَمْدُ لِلّٰهِ رَبِّ الْعَالَمِيْنَ ۔ الرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ
وَاِيَّاكَ نَسْتَعِيْنُ ۔ اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯେତେବେଳେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ 'ଇନ୍‌ସାନେ କାମିଲ୍' (ପୂର୍ଣ୍ଣ ମାନବ) ରୂପେ ଗଢ଼ି ସମଗ୍ର ମାନବଜାତି ପାଇଁ 'ଉସ୍‌ୱାଏ ହସନା' (ଉତ୍ତମ ଆଦର୍ଶ) କଲେ ସେତେବେଳେ ପ୍ରତ୍ୟେକଟି ଉତ୍ତମ ଗୁଣକୁ ଆପଣ ସ.ଅଙ୍କ ବ୍ୟକ୍ତିତ୍ୱରେ ସୃଷ୍ଟି କରି ତାହାକୁ ଏକ ମହାନ୍ ଗୁଣରେ ପରିଣତ କଲେ । ବିଶ୍ୱାସକାରୀମାନଙ୍କୁ ଉପଦେଶ ଦେଲେ ଯେ, ଯଦି ତୁମେମାନେ ନିଜ ଭିତରେ ଭଲ ଗୁଣଗୁଡ଼ିକ ସୃଷ୍ଟି କରିବାକୁ ଏବଂ ଉଚ୍ଚ ସ୍ତର ପ୍ରାପ୍ତ କରିବାକୁ ଚାହୁଁଛ ତେବେ ତୁମେମାନେ ଏହି ମହାନ ରସୁଲ୍ (ବାର୍ତ୍ତାବହ) ସ.ଅଙ୍କର ଅନୁସରଣ କର ଓ ତାହାଙ୍କ ଆଜ୍ଞା ପଳନ କର । ଏହା ହିଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ସନ୍ତୋଷ ତଥା ପ୍ରସନ୍ନତା ପ୍ରାପ୍ତ କରିବାର ମାଧ୍ୟମ ଯୋଗାଇବ ଅର୍ଥାତ୍ ସହାୟକ ହେବ । ଆଁହଜରତ୍ ସ.ଅ ଅଲ୍ଲାଃତାଲାଙ୍କ ଆଦେଶ ଅନୁସାରେ ଯେପରି ପ୍ରତ୍ୟେକ ଗୁଣକୁ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇଲେ ଠିକ୍ ସେହିପରି ବିଶ୍ୱାସକାରୀମାନଙ୍କୁ ମଧ୍ୟ ଏହାର ଉଚ୍ଚ ସ୍ତର ପ୍ରାପ୍ତ କରିବା ନିମନ୍ତେ ଚେଷ୍ଟା କରିବାକୁ ମଧ୍ୟ ଉପଦେଶ ଦେଲେ । ଯେହେତୁ ଆଜିକାଲି ଆପଣ ସ.ଅଙ୍କ ସିରତ୍‌ର (ଜୀବନୀର) ବିଭିନ୍ନ ଦିଗ ତଥା ପକ୍ଷ ସମ୍ପର୍କରେ ଆଲୋଚନା (ଚର୍ଚ୍ଚା) କରାଯାଉଛି ତେଣୁ ସେହି ପରିପ୍ରେକ୍ଷୀରେ ଆଜି ମୁଁ ତୱକ୍କୁଲ୍ ଅଲଲ୍ଲାଃହ (ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ଅଗାଧ ଭରସା) ସମ୍ପର୍କରେ ଆପଣ ସ.ଅଙ୍କ ଜୀବନର ବିଭିନ୍ନ ଦିଗ ତଥା ପକ୍ଷ, ଆପଣ ସ.ଅଙ୍କ ମହାନ୍ ପଦମର୍ଯ୍ୟାଦା, ବିଶ୍ୱାସକାରୀମାନଙ୍କ ପ୍ରତି ଆପଣ ସ.ଅଙ୍କ ଉପଦେଶ ଓ ଆପଣ ସ.ଅଙ୍କ ନିଜସ୍ୱ ଆଚରଣ ସମ୍ପର୍କରେ ଚର୍ଚ୍ଚା (ଆଲୋଚନା) କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ବିଭିନ୍ନ ପ୍ରସଙ୍ଗ ଏବଂ ପ୍ରାମାଣ୍ୟ ସଂପର୍କରେ ଓ ତୱକ୍କୁଲ୍ (ଭରସା) ସଂପର୍କରେ ବର୍ଣ୍ଣନା କରିଛନ୍ତି। ବିଭିନ୍ନ ସମୟରେ ଅଲ୍ଲାଃତାଲା ଏହାର ଘୋଷଣା ମଧ୍ୟ କରିଛନ୍ତି । ଏକ ସ୍ଥାନରେ ଆପଣଙ୍କୁ ସମ୍ବୋଧନ କରି ଅଲ୍ଲାଃତାଲା କୁହନ୍ତି - يٰٓاَيُّهَا النَّبِيُّ اِنَّآ اَرْسَلْنٰكَ شَاهِدًا وَّمُبَشِّرًا وَّنَذِيْرًا - وَّدَاعِيًا اِلَى اللّٰهِ بِاِذْنِهٖ وَسِرَاجًا مُّنِيْرًا - وَبَشِّرِ الْمُؤْمِنِيْنَ بِاَنَّ لَهُمْ مِّنَ اللّٰهِ فَضْلًا كَبِيْرًا - وَلَا تُطِعِ الْكٰفِرِيْنَ وَالْمُنٰفِقِيْنَ وَدَعْ اَذٰىهُمْ وَتَوَكَّلْ عَلَى اللّٰهِ ۗ وَكَفٰى بِاللّٰهِ وَكِيْلًا (ଅନୁବାଦ: ହେ ନବୀ (ମହାବତାର) ! ଆମ୍ଭେ ଆପଣ ସ.ଅଙ୍କୁ ଏଭଳି ଏକ ଅବସ୍ଥାରେ ପଠାଇଛୁ ଯେ, ଆପଣ ସ.ଅ ସଂସାରରେ ଜଣେ ପର୍ଯ୍ୟବେକ୍ଷକ, ବିଶ୍ୱାସକାରୀମାନଙ୍କୁ ଶୁଭ ସନ୍ଦେଶ ଦେଉଥିବା ବ୍ୟକ୍ତି ଏବଂ (ଅବିଶ୍ୱାସକାରୀମାନଙ୍କୁ) ସତର୍କ କରୁଥିବା ବ୍ୟକ୍ତି ଅଟନ୍ତି । ଆଉ ମଧ୍ୟ ଅଲ୍ଲାଃଙ୍କ ଆଦେଶକ୍ରମେ ତାହାଙ୍କ ଆଡ଼କୁ ଆହ୍ୱାନ କରୁଥିବା ଏବଂ ଏକ ଦୀପ୍ତିମାନ ସୂର୍ଯ୍ୟ ରୂପେ (ପଠାଇଛୁ) । ଆଉ ବିଶ୍ୱାସକାରୀମାନଙ୍କୁ ଏହି ଶୁଭସନ୍ଦେଶ (ସମାଚାର) ଦିଅନ୍ତୁ ଯେ, ସେମାନଙ୍କୁ ଅଲ୍ଲାଃଙ୍କ ପକ୍ଷରୁ ଏକ ବିରାଟ ଅନୁଗ୍ରହ ମିଳିବ । ଅବିଶ୍ୱାସକାରୀ ଓ କପଟବିଶ୍ୱାସକାରୀମାନଙ୍କ କଥା ଆଦୌ ଶୁଣନ୍ତୁ ନାହିଁ । ସେମାନଙ୍କ ଦ୍ୱାରା ଦିଆଯାଉଥିବା କଷ୍ଟକୁ ଏଡ଼ାଇ ଦିଅନ୍ତୁ ଏବଂ ଅଲ୍ଲାଃଙ୍କ ଉପରେ ଭରସା କରନ୍ତୁ ଏବଂ କାର୍ଯ୍ୟ ସାଧନ ପାଇଁ ଅଲ୍ଲାଃ ହିଁ ଯଥେଷ୍ଟ ଅଟନ୍ତି ।

**(ସୁରାଃ ଅଲ୍ ଅହଜାବ୍: 46-49)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଏହା ଯେପରି ଆପଣ ସ.ଅଙ୍କ ପାଇଁ ଏକ ଶୁଭସନ୍ଦେଶ ଥିଲା ସେହିପରି ବିଶ୍ୱାସକାରୀମାନଙ୍କ ପାଇଁ ମଧ୍ୟ ଏହା ଏକ ଶୁଭସନ୍ଦେଶ ଥିଲା। କାରଣ ଯଦି ସେମାନେ ଈଶ୍ୱରବିଶ୍ୱାସ ଉପରେ ଅଟଳ (ତିଷ୍ଠି) ରହିବେ, ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବେ ଏବଂ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ସମ୍ପୂର୍ଣ୍ଣ ଭରସା ରଖିବେ ତେବେ ଅଲ୍ଲାଃତାଲା ପ୍ରତ୍ୟେକ ବିପଦରେ ସେମାନଙ୍କ ପାଇଁ ଯଥେଷ୍ଟ ଓ ସାହା ହେବେ । ପୁନଶ୍ଚ ବିଶ୍ୱାସକାରୀମାନଙ୍କୁ ସଚେତନ କରାଇ ଅଲ୍ଲାଃତାଲା କୁହନ୍ତି: اَللّٰهُ لَآ اِلٰهَ اِلَّا هُوَ وَعَلَى اللّٰهِ فَلْيَتَوَكَّلِ الْمُؤْمِنُوْنَ ଅର୍ଥାତ୍ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ବିଶ୍ୱାସକାରୀମାନଙ୍କର କେବଳ ଅଲ୍ଲାଃଙ୍କ ଉପରେ ହିଁ ଭରସା ରଖିବା (କରିବା) ଉଚିତ୍ । (ସୁରାଃ ଅତ୍ ତଗାବୁନ୍: 14)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଯଦି ଆମେମାନେ ଅଲ୍ଲାଃତାଲାଙ୍କ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବୁ, ଅଲ୍ଲାଃତାଲାଙ୍କ ଉପରେ ଭରସା କରିବୁ ତେବେ ଆମେମାନେ ଐଶୀ ନିଦର୍ଶନଗୁଡ଼ିକ ମଧ୍ୟ ଅବଶ୍ୟ ଦେଖିବାକୁ ପାଇବୁ । ଏହାର ସର୍ବୋଚ୍ଚ ନମୁନା (ଆଦର୍ଶ) ଆମମାନଙ୍କୁ ଆଁହଜରତ ସ.ଅଙ୍କ ବ୍ୟକ୍ତିତ୍ୱରେ ହିଁ ଦେଖିବାକୁ ମିଳିଥାଏ ଏବଂ ଆପଣ ସ.ଅଙ୍କ ମାଧ୍ୟମରେ ଆପଣ ସ.ଅଙ୍କ ସାହାବାମାନେ ଏହାଦ୍ୱାରା ଉପକୃତ ହୋଇ ଆମମାନଙ୍କ ସମ୍ମୁଖରେ ଉଦାହରଣ ପ୍ରସ୍ତୁତ କରିଯାଇଛନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ହଜରତ୍ ଖାତମୁଲ୍ ଆମ୍ବିୟା (ଅବତାରମାନଙ୍କର ମୋହର)ସ.ଅଙ୍କ ଘଟଣାବଳୀଗୁଡ଼ିକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଏବଂ ପ୍ରକାଶିତ ହୁଏ ଯେ, ଆଁହଜରତ୍ ସ.ଅ ସର୍ବୋଚ୍ଚ ସ୍ତରର ଏକନିଷ୍ଠ ନିର୍ମଳ ଅନ୍ତରୀୟ, ଅଲ୍ଲାଃଙ୍କ ପାଇଁ ପ୍ରାଣବଳି ଦେବାକୁ ପ୍ରସ୍ତୁତ ଏବଂ ସୃଷ୍ଟିର ଭୟ ଓ ଆଶାରୁ ସମ୍ପୂର୍ଣ୍ଣ ମୁକ୍ତ ତଥା କେବଳ ଅଲ୍ଲାଃଙ୍କ ଉପରେ ଭରସା କରୁଥିବା ବ୍ୟକ୍ତି ଆପଣ ସ.ଅ ଥିଲେ... ସମସ୍ତ ଅବତାରମାନଙ୍କ ଘଟଣାରେ ବିପଦର ଏପରି ସ୍ଥାନ ଏବଂ ଖୋଲାଖୋଲି ଭାବରେ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଓ ମୂର୍ତ୍ତିପୂଜାକୁ ମନା କରିବା ଏବଂ ଏତେ ଶତ୍ରୁତା ସତ୍ତ୍ୱେ ଏପରି ଅଟଳ ରହିବା ଭଳି ଦୃଷ୍ଟାନ୍ତ ଅନ୍ୟ କୌଣସି ଅବତାରଙ୍କ କ୍ଷେତ୍ରରେ ଦେଖିବାକୁ ମିଳି ନାହିଁ ।" **(ବରାହିନେ ଅହମଦିୟା, ଚାର୍ ହସସ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-111-112)**

ଆପଣ ଅ.ସ କହିଲେ, "ଅବତାରମାନଙ୍କ ମର୍ଯ୍ୟାଦା ମଧ୍ୟ ବଡ଼ ଅଟେ । କିନ୍ତୁ ସେଠାରେ ମଧ୍ୟ ଆଁହଜରତ୍ ସ.ଅଙ୍କ ଭରସାର ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ ।" ପୁନଶ୍ଚ ଆପଣ ଅ.ସ କୁହନ୍ତି: "ତବତ୍ତୁଲ୍' ଅର୍ଥାତ୍ ଅଲ୍ଲାଃତାଲାଙ୍କ ସହିତ ମନ ବଳାଇବା (ମନୋଯୋଗ କରିବା) ଏବଂ ସଂସାରକୁ ତ୍ୟାଗ କରିବାର ବାସ୍ତବ ନମୁନା ହେଉଛନ୍ତି ଆମର ପୈଗମ୍ବର ହ. ମୁହମ୍ମଦ ସ.ଅ । ଆପଣ ସ.ଅ କାହାର ପ୍ରଶଂସା କିମ୍ବା ନିନ୍ଦାକୁ ଭ୍ରୂକ୍ଷେପ କରୁ ନଥିଲେ... ଆପଣ ସ.ଅଙ୍କୁ ଅନେକ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ଆପଣ ସ.ଅ କିଛି ବି ଭ୍ରୂକ୍ଷେପ କଲେ ନାହିଁ । କୌଣସି ଲୋଭ କିମ୍ବା ପ୍ରଲୋଭନ ଆପଣଙ୍କୁ ସେହି କାର୍ଯ୍ୟରୁ ନିବୃତ୍ତ କରିପାରିଲା ନାହିଁ ଯାହା କରିବାକୁ ଆପଣ ଅଲ୍ଲାଃଙ୍କ ତରଫରୁ ଆସିଥିଲେ ତାହା ହିଁ ଆପଣ ସ.ଅ ସମ୍ପାଦନ କଲେ । ଯେତେବେଳେ ପର୍ଯ୍ୟନ୍ତ ମନୁଷ୍ୟ ଏହି ଅବସ୍ଥା ନିଜ ମଧ୍ୟରେ ଅନୁଭବ କରି ନନେଇଛି ଏବଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହୋଇଛି ସେପର୍ଯ୍ୟନ୍ତ ସେ କେବେ ବି ଚିନ୍ତାମୁକ୍ତ ହୋଇପାରିବ ନାହିଁ ।" ଏଠାରେ ଆପଣ ଅ.ସ ଉପଦେଶ ଦେଲେ ଯେ "ଏହି ମର୍ଯ୍ୟାଦା ପ୍ରାପ୍ତ କରିବାକୁ ଚେଷ୍ଟା କରିବା ଉଚିତ୍ । ନିଶ୍ଚିନ୍ତ ହୋଇ ବସିଯିବା ଉଚିତ୍ ନୁହେଁ । ଅଲ୍ଲାଃତାଲାଙ୍କ ଉପରେ ଭରସା କରିବାର ଏହି ଉଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ଉଚିତ୍ । କାରଣ କେବଳ ଅଲ୍ଲାଃତାଲାଙ୍କ ସତ୍ତା (ଅସ୍ତିତ୍ୱ) ହିଁ ଆଖି ଆଗରେ ରହିବା ଉଚିତ୍ ।" ପୁନଶ୍ଚ ଆପଣ ଅ.ସ କୁହନ୍ତି ଯେ, "ଏହା ମଧ୍ୟ ସ୍ମରଣ (ମନେରଖିବା) ଯୋଗ୍ୟ ଯେ, ଯେଉଁ ବ୍ୟକ୍ତି 'ମୁତବତ୍ତିଲ୍' (ଈଶ୍ୱରଙ୍କ ଧ୍ୟାନରେ ମଗ୍ନ ଥିବା ବ୍ୟକ୍ତି) ହେବ, ସେ ହିଁ 'ମୁତୱକ୍କୁଲ୍' (ଅଲ୍ଲାଃଙ୍କ ଉପରେ ଭରସାକାରୀ) ହେବ । ଅର୍ଥାତ୍ ମୁତୱକ୍କୁଲ୍ ହେବା ପାଇଁ ମୁତବତ୍ତିଲ୍ ହେବା ସର୍ତ୍ତ ଅଟେ ।"

ଅର୍ଥାତ୍ ଯଦି ଭରସା କରିବାକୁ ହୁଏ ତେବେ ସେଥିପାଇଁ ଅଲ୍ଲାଃତାଲାଙ୍କ ଆଡ଼କୁ ଅନତ ହେବା ମଧ୍ୟ ଜରୁରୀ ଅଟେ । "କାରଣ ଯେତେବେଳେ ପର୍ଯ୍ୟନ୍ତ ଅନ୍ୟମାନଙ୍କ ସହିତ ସମ୍ପର୍କ ଏପରି ଥାଏ ଯେ, ସେମାନଙ୍କ ଉପରେ ଭ୍ରମ ଏବଂ ଭରସା କରାଯାଏ ସେତେବେଳେ ପର୍ଯ୍ୟନ୍ତ କେବଳ ଅଲ୍ଲାଃଙ୍କ ଉପରେ କିପରି ନିଷ୍ଠାପୂର୍ଣ୍ଣ ଭରସା ହୋଇପାରିବ ? ଯେତେବେଳେ ସେ ଅଲ୍ଲାଃଙ୍କ ଆଡ଼କୁ ସମ୍ପୂର୍ଣ୍ଣ ସଂପର୍କ ସ୍ଥାପନ କରେ ସେତେବେଳେ ସେ ସଂସାର ଠାରୁ ମୁହଁ ଫେରାଇ ଅଲ୍ଲାଃଙ୍କ ସହିତ ସଂପର୍କ ସ୍ଥାପନ କରିଥାଏ ଏବଂ ଏହା ସେତେବେଳେ ହୋଇଥାଏ ଯେତେବେଳେ ପୂର୍ଣ୍ଣ ଭରସା ଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରି ଆମର ପ୍ରିୟ ମହାବତାର ହ. ମୁହମ୍ମଦ ସ.ଅ ପୂର୍ଣ୍ଣ ମୁତବତ୍ତିଲ୍ ଥିଲେ ଠିକ୍ ସେହିପରି ପୂର୍ଣ୍ଣ ମୁତୱକ୍କୁଲ୍ ମଧ୍ୟ ଥିଲେ ଏବଂ ଏହା ହିଁ ସେହି କାରଣ ଯେ, ଏତେ ପ୍ରଭାବଶାଳୀ ଏବଂ ଗୋଷ୍ଠୀ ଓ ଜାତିର ସର୍ଦ୍ଦାରମାନଙ୍କୁ ଆପଣ ସ.ଅ ସାମାନ୍ୟ ଭ୍ରୂକ୍ଷେପ (ପରୁଆ) ମଧ୍ୟ କଲେ ନାହିଁ ଏବଂ ସେମାନଙ୍କ ବିରୋଧାଚରଣ ଦ୍ୱାରା ସାମାନ୍ୟ ମଧ୍ୟ ପ୍ରଭାବିତ ହେଲେ ନାହିଁ । ଆପଣଙ୍କ ଠାରେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ଏକ ଅଲୌକିକ ଦୃଢ଼ ବିଶ୍ୱାସ ଥିଲା । ସେଇଥିପାଇଁ ଆପଣ ସ.ଅ ଏତେ ବଡ଼ ମହାନ୍ ବୋଝକୁ ବହନ କଲେ ଏବଂ ସମଗ୍ର ସଂସାରର ବିରୁଦ୍ଧାଚରଣର ସମ୍ମୁଖୀନ ହୋଇ ସେମାନଙ୍କୁ କୌଣସି ଅସ୍ତିତ୍ୱ ବୋଲି ମନେକଲେ ନାହିଁ । ଏହା ହେଉଛି ଭରସାର ଏକ ବିରାଟ ନମୁନା, ଯାହାର ଦୃଷ୍ଟାନ୍ତ ସଂସାରରେ ଦେଖିବାକୁ ମିଳେ ନାହିଁ । ଏହାର କାରଣ ହେଉଛି ଏଥିରେ ଅଲ୍ଲାଃତାଲାଙ୍କୁ ପସନ୍ଦ କରି ସଂସାରକୁ ବିରୋଧୀ କରିଦିଆଯାଏ କିନ୍ତୁ ଏହି ଅବସ୍ଥା ସେତେବେଳେ ପର୍ଯ୍ୟନ୍ତ ସୃଷ୍ଟି ହୁଏ ନାହିଁ ଯେତେବେଳେ ପର୍ଯ୍ୟନ୍ତ ସେ ଅଲ୍ଲାଃଙ୍କୁ ଦେଖି ନାହାନ୍ତି । ଯେତେବେଳେ ଏହି ଆଶା ଏବଂ ବିଶ୍ୱାସ ଜାତ ହୁଏ ଯେ ଏହା ପରେ ଅନ୍ୟ ଏକ ଦ୍ୱାର ନିଶ୍ଚିତ ଭାବରେ ଖୋଲିବାକୁ ଯାଉଛି ସେତେବେଳେ ସେ ଅଲ୍ଲାଃଙ୍କ ପଥରେ ନିଜ ଆତ୍ମୀୟମାନଙ୍କୁ ମଧ୍ୟ ଶତ୍ରୁ କରିଦିଏ । କାରଣ ସେ ଜାଣେ ଯେ, ଅଲ୍ଲାଃ ଅନ୍ୟ ବନ୍ଧୁମାନଙ୍କୁ ସୃଷ୍ଟି କରିଦେବେ । ସେ ସମ୍ପତ୍ତି ହରାଇ ବସେ କାରଣ ଏହାଠାରୁ ଭଲ ସମ୍ପତ୍ତି ମିଳିବାର ଦୃଢ଼ ବିଶ୍ୱାସ ଥାଏ । ସଂକ୍ଷେପରେ କହିବାକୁ ଗଲେ କେବଳ ଅଲ୍ଲାଃଙ୍କ ସନ୍ତୋଷ ତଥା ତାହାଙ୍କ ପ୍ରସନ୍ନତାକୁ ପ୍ରାଥମିକତା ଦେବା ହେଉଛି ତବତ୍ତୁଲ୍ ଅଟେ ଏବଂ ପୁନଶ୍ଚ ତା'ପରେ ତବତ୍ତୁଲ୍ ଓ ତୱକ୍କୁଲ୍ ଦୁଇଜଣ ହେଉଛନ୍ତି ଯାଆଁଳା (ଅଙ୍ଗାଅଙ୍ଗି ଭାବେ ଜଡ଼ିତ) ।

**(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-2, ପୃ-302, ସଂସ୍କରଣ-2022 ମସିହା ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଆମେମାନେ ଅଲ୍ଲାଃତାଲାଙ୍କ ଆଡ଼କୁ ସମ୍ପୂର୍ଣ୍ଣ ଭାବେ ଆନତ ହେବୁ ଏବଂ ସଂସାର ଉପରେ ନିର୍ଭରଶୀଳତାକୁ ସମାପ୍ତ କରିଦେବୁ ସେତେବେଳେ ଯାଇ ପ୍ରକୃତ ଭରସାର ଅବସ୍ଥା ସୃଷ୍ଟି ହେବ । ଯେପରି ମୁଁ କହିଲି ଏବଂ ଆମେମାନେ ସମସ୍ତେ ଏକଥା ଜାଣିବୁ ଯେ, ଏହାର ସର୍ବୋଚ୍ଚ ଉଦାହରଣ ହେଉଛନ୍ତି ଆମର ପ୍ରିୟ ମୁନିବ ମହାମାନ୍ୟ ତଥା ମହାବତାର ହ. ମୁହମ୍ମଦ ମୁସ୍ତଫା ସ.ଅ। ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହା ମନେକର ନାହିଁ ଯେ, ଅଲ୍ଲାଃତାଲା

ଦୁର୍ବଳ ଅଟନ୍ତି । ସେ ଜଣେ ମହାଶକ୍ତିଶାଳୀ ସତ୍ତା ଅଟନ୍ତି । ଯେତେବେଳେ ଆପଣମାନେ କୌଣସି କାର୍ଯ୍ୟରେ ତାହାଙ୍କ ଉପରେ ଭରସା କରିବେ ସେତେବେଳେ ନିଶ୍ଚିତ ଭାବରେ ଆପଣମାନଙ୍କୁ ସାହାଯ୍ୟ କରିବେ ଏବଂ وَمَنۡ يَّتَوَكَّلۡ عَلَى اللّٰهِ فَهُوَ حَسۡبُهٗ ଯେକେହି ଅଲ୍ଲାଃଙ୍କ ଉପରେ ଭରସା କରେ, ଅଲ୍ଲାଃ ତା' ପାଇଁ ଯଥେଷ୍ଟ ଅଟନ୍ତି । **(ସୁରାଃ ଅତ୍ ତଲାକ୍:-4)** କିନ୍ତୁ ଯେଉଁ ଲୋକମାନେ ଏହି ଆୟାତ୍‌ଗୁଡ଼ିକର ପ୍ରଥମ ସମ୍ବୋଧିତ ବ୍ୟକ୍ତି ଥିଲେ ସେମାନେ ଧର୍ମପରାୟଣ ଥିଲେ । ସେମାନଙ୍କର ସମସ୍ତ ଚିନ୍ତା କେବଳ ଧାର୍ମିକ ବିଷୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ସେମାନଙ୍କର ପାର୍ଥିବ ବିଷୟଗୁଡ଼ିକ ଅଲ୍ଲାଃଙ୍କ ଉପରେ ନ୍ୟସ୍ତ ଥିଲା । ସେଇଥିପାଇଁ ଅଲ୍ଲାଃତାଲା ସେମାନଙ୍କୁ ଆଶ୍ୱାସନା ଦେଲେ ଯେ, ମୁଁ ତୁମ ସହିତ ଅଛି । ଅତଏବ୍ ତକ୍‌ୱା (ଧର୍ମନିଷ୍ଠତା)ର କଲ୍ୟାଣଗୁଡ଼ିକ ମଧ୍ୟରୁ ଗୋଟିଏ କଲ୍ୟାଣ ଏହା ଯେ, ଅଲ୍ଲାଃତାଲା ଧର୍ମନିଷ୍ଠ ବ୍ୟକ୍ତିଙ୍କୁ ସେହି ବିପଦରୁ ମୁକ୍ତି ପ୍ରଦାନ କରନ୍ତି ଯାହା ଧାର୍ମିକ କାର୍ଯ୍ୟଗୁଡ଼ିକରେ ବାଧା ସୃଷ୍ଟି କରିଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବରେ ଜୀବିକା (ରିଜ୍‌କ) ପ୍ରଦାନ କରନ୍ତି । ଏଠାରେ ମୁଁ 'ମାଆରିଫ୍' (ଦିବ୍ୟଜ୍ଞାନ ବା ଅଧ୍ୟାତ୍ମ ପରିଚୟ)ର ଜୀବିକା ସମ୍ପର୍କରେ ଆଲୋଚନା କରିବି । ଆପଣ ଅ.ସ ପାର୍ଥିବ ଜୀବନ ସଂପର୍କରେ ଚର୍ଚ୍ଚା କରୁ ନାହାନ୍ତି (ଅର୍ଥାତ୍ ପାର୍ଥିବ ଜୀବନର କଥା କହୁ ନାହାନ୍ତି) ବରଂ ଅଧ୍ୟାତ୍ମ ପରିଚୟର ଜୀବିକା କଥା କୁହନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି ଯେ, "ଆଁହଜରତ୍ ସ.ଅ ନିରକ୍ଷର ହେବା ସତ୍ତ୍ୱେ ସମଗ୍ର ବିଶ୍ୱର ମୁକାବିଲା କରିବାର ଦକ୍ଷତା ଥିଲା, ଯହିଁରେ ଏହ୍‌ଲେ କିତାବ୍ (ଗ୍ରନ୍ଥଧାରୀ ଲୋକ), ଦାର୍ଶନିକମାନେ, ଉଚ୍ଚକୋଟୀର ଜ୍ଞାନଗତ ରୁଚି ସମ୍ପନ୍ନ ବ୍ୟକ୍ତି ଏବଂ ବିଦ୍ୱାନ୍‌ମାନେ ସାମିଲ୍ ଥିଲେ । କିନ୍ତୁ ଆପଣ ସ.ଅଙ୍କୁ ଏପରି ଆଧ୍ୟାତ୍ମିକ ଜୀବିକା (ଜ୍ଞାନ) ମିଳିଲା ଯେ, ଆପଣ ସ.ଅ ସମସ୍ତଙ୍କ ଉପରେ ବିଜୟୀ ହେଲେ ଏବଂ ସେମାନଙ୍କର ସମସ୍ତ ଭୁଲ୍‌ଗୁଡ଼ିକୁ (ଦୋଷ ଦୁର୍ବଳତା) ବାହାର କଲେ । ଏହା ଥିଲା ଏକ ଆଧ୍ୟାତ୍ମିକ ଜୀବିକା ଯାହାର କୌଣସି ଦୃଷ୍ଟାନ୍ତ ନାହିଁ ।"

**(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-1, ପୃ-11, ସଂସ୍କରଣ-2022 ମସିହା ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ହଜରତ୍ ଉମର୍ ବିନ୍ ଖତ୍ତାବ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କହିଲେ, "ଯଦି ତୁମେମାନେ ଅଲ୍ଲାଃଙ୍କ ଉପରେ ସେହିପରି ଭରସା କର ଯେପରି ଭରସାର ପ୍ରକୃତ ଅଧିକାର ରହିଛି ତେବେ ତୁମକୁ ଅବଶ୍ୟ ସେହିପରି ଜୀବିକା ଯୋଗାଇ (ଉପଲବ୍ଧ କରାଇ) ଦିଆଯିବ ଯେପରି ପକ୍ଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ । ଏଠାରେ ଆପଣ ସ.ଅ ପାର୍ଥିବ ଜୀବିକା ସମ୍ପର୍କରେ ମଧ୍ୟ କହିଲେ ଯେ, ଯଦି ତୁମେ ଭରସା କରିବ, ତେବେ ଏହା ନିଶ୍ଚୟ ମିଳିବ । ସେମାନେ ସକାଳେ ଖାଲି ପେଟରେ ବାହାରନ୍ତି ଏବଂ ସନ୍ଧ୍ୟାରେ ପେଟ ପୂରି ଖାଇ ଫେରି ଆସନ୍ତି ।

**(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଜ୍ ଜୋହୋଦ୍... ହଦିସ ନଂ-2344)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ୍ ଅବୁ ଜର୍ ର.ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ନବୀ କରୀମ୍ ସ.ଅ କହିଲେ, ଦୁନିଆ ପ୍ରତି ବିରକ୍ତିଭାବ ଅର୍ଥାତ୍ ହଲାଲ୍‌କୁ ହାରାମ୍ କରିବା (ବୈଧକୁ ଅବୈଧ କରିବା) ନୁହେଁଏବଂ ନା ହିଁ ଧନସମ୍ପତ୍ତି ନଷ୍ଟ କରିବା ଯେ, ଆମର ଧନପ୍ରତି କୌଣସି ଆଗ୍ରହ ନାହିଁ । ଯେଉଁ ଜିନିଷଗୁଡ଼ିକ ବୈଧ ଅଟେ ସେଗୁଡ଼ିକୁ ମଧ୍ୟ କହିଦେବା ଯେ ଭାଇ ! ଆମେ ତ' ଏହାକୁ ମାନୁ ନାହିଁ, ଯେପରିକି ଆଜିକାଲିର କେତେକ ପୀର୍ ଫକୀର୍‌ମାନଙ୍କର ପନ୍ଥା ରହିଛି । କିନ୍ତୁ ସଂସାର ପ୍ରତି ବିରକ୍ତିଭାବ ହେଉଛି ଏହା ଯେ, ତୁମ ଦୁଇ ହାତରେ ଯାହା ଅଛି, ତାହା ଅଲ୍ଲାଃଙ୍କ ହାତରେ ଥିବା ଜିନିଷ ଠାରୁ ମଧ୍ୟ ଅଧିକ ଭରସାଯୋଗ୍ୟ ହେବା ଉଚିତ୍ ନୁହେଁ। ଏହା ହେଉଛି ବିରକ୍ତିଭାବ ଯେ, ତୁମ ପାଖରେ ଯେଉଁ ନିଜସ୍ୱ ଧନ ଅଛି ତାହାଠାରୁ ଅଧିକ ଏହି ବିଶ୍ୱାସ ରହିବା ଉଚିତ୍ ଯେ ଅଲ୍ଲାଃଙ୍କ ପାଖରେ ଯାହା ଅଛି, ତାହା ଦ୍ୱାରା ମୋତେ ଅଧିକ ଲାଭ ମିଳିବ ଏବଂ ବିପଦର ପ୍ରତିଦାନ ତଥା ପ୍ରତିଫଳ (ସୱାବ୍) ସମ୍ପର୍କରେ ତୁମେ ଏପରି ହେବା ଉଚିତ ଯେ, ଯେତେବେଳେ ତୁମକୁ କୌଣସି ବିପଦ ପହଞ୍ଚେ (ଅର୍ଥାତ୍ ତୁମେ ଯେତେବେଳେ କୌଣସି ବିପଦର ସମ୍ମୁଖୀନ ହୁଅ) ସେତେବେଳେ ତୁମେ ଏଥିପାଇଁ ଅଧିକ ଆଗ୍ରହୀ ହେବା ଉଚିତ୍ ଯେ, ଏପରି ହୁଅନ୍ତା କି ! ସେହି ବିପଦ ତୁମ ପାଇଁ ବାକି ରହିଥାଆନ୍ତା ।

**(ସୁନନୁତ୍ ତିର୍ମିଜି, ଅବୱାବୁଜ୍ ଜୋହୋଦ୍... ହଦିସ୍-2340)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଏହା ହେଉଛି ଭରସା ଯେ, ନିଜ ପାଖରେ ଥିବା ଜିନିଷ ଠାରୁ (ଅପେକ୍ଷା) ଏହି ଦୃଢ଼ ବିଶ୍ୱାସ ରହିବା ଉଚିତ୍ ଯେ, ଅଲ୍ଲାଃତାଲା ମୋର ଆବଶ୍ୟକତା ପୂରଣ କରିବେ । ମୋର କେତେକ ଜିନିଷ ନଷ୍ଟ ହୋଇପାରେ, କିନ୍ତୁ ଅଲ୍ଲାଃତାଲାଙ୍କ ପାଖରେ ଯାହା ଅଛି ତାହା କେବେ ବି ନଷ୍ଟ ହୁଏ ନାହିଁ ଏବଂ ଆବଶ୍ୟକତା ଅନୁଯାୟୀ ଭରସାକାରୀଙ୍କୁ ସତ୍‌କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ହିଁ ମିଳିଥାଏ। ହଜରତ୍ ଅମ୍ର ବିନ୍ ଆସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅ କହିଛନ୍ତି ଯେ, ଆଦମ୍‌ଙ୍କ ସନ୍ତାନର ହୃଦୟ ଠାରୁ ପ୍ରତ୍ୟେକ ଉପତ୍ୟକାରେ ଏକ ରାସ୍ତା ରହିଛି । ଯେଉଁ ବ୍ୟକ୍ତିର ମନ ଏହି ସମସ୍ତ ରାସ୍ତାଗୁଡ଼ିକର ଅନୁସରଣ କଲା ତେବେ ଅଲ୍ଲାଃ କୌଣସି ପରୁଆ କରନ୍ତି (ଅର୍ଥାତ୍ ଭ୍ରୂକ୍ଷେପ କରନ୍ତି) ନାହିଁ ଯେ, ସେ ତାହାକୁ ଯେକୌଣସି ଉପତ୍ୟକାରେ ଚଲାଇଦେବ କିମ୍ବା ନଷ୍ଟ କରିଦେବ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଉପରେ ଭରସା କରେ ତେବେ ଅଲ୍ଲାଃତାଲା ବିଭିନ୍ନ ରାସ୍ତାରେ ଚାଲିବାରେ ତା' ପାଇଁ ଯଥେଷ୍ଟ ହୋଇଯିବେ । **(ସୁନନ୍ ଇବ୍‌ନ୍ ମାଜା, କିତାବୁଜ୍ ଜୋହୋଦ୍, ବାବ୍-ଅତ୍ ତୱକ୍କଲୁ ୱଲ୍ ୟକିନି.. ହଦିସ୍-4166)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ ହଦିସର ବ୍ୟାଖ୍ୟାରେ ଉଲ୍ଲେଖ କରାଯାଇଛି ଯେ, ଏହାର ଅର୍ଥ ହେଉଛି ଯେ, ଯେଉଁ ବ୍ୟକ୍ତି ନିଜ ମନକୁ ବିଭିନ୍ନ ଇଚ୍ଛା, ଚିନ୍ତା ଏବଂ ପାର୍ଥିବ ସମସ୍ୟାର ଅଧୀନ କରିଦିଏ ଏବଂ ପ୍ରତ୍ୟେକ ପାର୍ଶ୍ୱରେ ତା'ର ଧ୍ୟାନ ବିକ୍ଷିପ୍ତ ରହେ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ପ୍ରତି କୌଣସି ଭ୍ରୂକ୍ଷେପ କରନ୍ତି ନାହିଁ ଯେ, ସେ କେଉଁ ଉପତ୍ୟକାରେ ଯାଇ ନଷ୍ଟ ହେଉଛି, କେଉଁଠାରେ ବଞ୍ଚୁଛି, କେଉଁଠାରେ ମରୁଛି, ଅଲ୍ଲାଃଙ୍କୁ ସେଥିପାଇଁ କୌଣସି ଚିନ୍ତା ନାହିଁ । କିନ୍ତୁ ଯିଏ ଅଲ୍ଲାଃଙ୍କ ଉପରେ ଭରସା କରେ (ଅର୍ଥାତ୍ ଅଲ୍ଲାଃତାଲା ତା'ର ବିଭିନ୍ନ ଏବଂ ବିକ୍ଷିପ୍ତ ଆବଶ୍ୟକତା, ସମସ୍ୟା ଏବଂ ଚାହିଦାଗୁଡ଼ିକର ଦାୟିତ୍ୱ ନିଅନ୍ତି ଯିଏ କି ଅଲ୍ଲାଃଙ୍କ ଆଡ଼କୁ ଆନତ୍ ହୋଇଥାଏ (ନଇଁଥାଏ) ଏବଂ ଏହି ଅବିଶ୍ୟକତାଗୁଡ଼ିକୁ ଅଲ୍ଲାଃତାଲା ପୂର୍ଣ୍ଣ କରିଦିଅନ୍ତି । ଏହି ଅର୍ଥକୁ ଏହି ବର୍ଣ୍ଣନା ମାଧ୍ୟମରେ ମଧ୍ୟ ସମର୍ଥନ ମିଳିଥାଏ ଯେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କହିଲେ, ଯେଉଁ ବ୍ୟକ୍ତି ନିଜର ସମସ୍ତ ଚିନ୍ତାଗୁଡ଼ିକୁ କେବଳ ଗୋଟିଏ ଚିନ୍ତା ଅର୍ଥାତ୍ ଧର୍ମର ଚିନ୍ତା କରିଦିଏ, ସେ ନିଜ ଧର୍ମକୁ ଦେଖେ ଯେ କ'ଣ ଅଟେ ? ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କକୁ ଦେଖେ ଯେ କ'ଣ ଅଟେ ? ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଦେଖେ ଯେ କ'ଣ ଅଟେ ? ତେବେ ଅଲ୍ଲାଃତାଲା ତା' ପାଇଁ ଇହକାଳ ଏବଂ ପରକାଳର ଅନ୍ୟ ସମସ୍ତ ଚିନ୍ତାଗୁଡ଼ିକ ପାଇଁ ଯଥେଷ୍ଟ ହୋଇଯାଆନ୍ତି । ଏହା ହେଉଛି ଉକ୍ତ ହଦିସ୍‌ର ଅର୍ଥ । **(ମିର୍‌କାତୁଲ୍ ମଫାତିହ୍ ଗ୍ରନ୍ଥଖଣ୍ଡ-9, ପୃ-498, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବୈରୁତ୍ 2001 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ କେତେ ସୂକ୍ଷ୍ମ ଭାବରେ ଅଲ୍ଲାଃତାଲାଙ୍କ ଉପରେ ଭରସାକୁ ସାମାନ୍ୟ ଆଖି ଆଗରେ ରଖି ନିଜର ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ପାଇଁ ଦୁଆ କରୁଥିଲେ । ହଜରତ୍ ଉମ୍ମେ ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଯେତେବେଳେ ନିଜ ଘରୁ ବାହାରୁଥିଲେ, ସେତେବେଳେ ଆପଣ ସ.ଅ କହୁଥିଲେ: بِسۡمِ اللّٰهِ تَوَكَّلۡتُ عَلَى اللّٰهِ اَللّٰهُمَّ إِنَّا نَعُوذُبِكَ مِنۡ أَنۡ نَزِلَّ أَوۡ نَضِلَّ أَوۡ نَظۡلِمَ أَوۡ نُظۡلَمَ أَوۡ نَجۡهَلَ أَوۡ يُجۡهَلَ عَلَيۡنَا । ଅର୍ଥାତ୍ ଅଲ୍ଲାଃଙ୍କ ନାମ ସହିତ ମୁଁ ଅଲ୍ଲାଃଙ୍କ ଉପରେ ଭରସା କଲି । ହେ ଅଲ୍ଲାଃ ! ଆମ୍ଭେମାନେ ତୁମ୍ଭର ଆଶ୍ରୟ ଭିକ୍ଷା କରୁଛୁ ଏହି କଥାରୁ ଯେ, ଆମର ପାଦ ଖସିଯାଉ କିମ୍ବା ଆମେମାନେ ପଥଭ୍ରଷ୍ଟ ହୋଇଯାଉ ଅବା ଆମେ ଅନ୍ୟାୟ କରୁ କିମ୍ବା ଆମମାନଙ୍କ ପ୍ରତି ଅନ୍ୟାୟ କରାଯାଉ ଅବା ଆମେମାନେ ଅଜ୍ଞତା ପ୍ରଦର୍ଶନ କରୁ ଅବା ଆମମାନଙ୍କ ପ୍ରତି ଅଜ୍ଞତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରାଯାଉ ।

**(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଦ୍ ଦାୱାତ୍... ହଦିସ୍-3427)**

ସେହିପରି ଅନ୍ୟ ଏକ ବର୍ଣ୍ଣନା ମଧ୍ୟ ରହିଛି । ହଜରତ୍ ବୁରୈଦାହ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ନବୀ କରୀମ୍ ସ.ଅ ଯେତେବେଳେ ନିଜ ଘରୁ ବାହାରକୁ ଯାଉଥିଲେ, ସେତେବେଳେ ଆପଣ ସ.ଅ ଏହି ଦୁଆ କହୁଥିଲେ: بِسۡمِ اللّٰهِ تَوَكَّلۡتُ عَلَى اللّٰهِ لَا حَوۡلَ وَلَا قُوَّةَ إِلَّا بِاللّٰهِ اَللّٰهُمَّ إِنِّيۡ أَعُوذُبِكَ أَنۡ أَضِلَّ أَوۡ أُضَلَّ أَوۡ أَزِلَّ أَوۡ أُزَلَّ أَوۡ أَظۡلِمَ أَوۡ أُظۡلَمَ أَوۡ أَجۡهَلَ أَوۡ يُجۡهَلَ عَلَيَّ أَوۡ أَبۡغِيَ أَوۡ يُبۡغٰى عَلَيَّ ଅର୍ଥାତ୍ ଅଲ୍ଲାଃଙ୍କ ନାମ ସହିତ ମୁଁ ଅଲ୍ଲାଃଙ୍କ ଉପରେ ଭରସା କଲି ଏବଂ କେବଳ ଅଲ୍ଲାଃଙ୍କ ଅନୁଗ୍ରହ ତଥା ତାହାଙ୍କ ସାମର୍ଥ୍ୟତାରୁ ହିଁ ଭଲ କାମ କରିବାର ଶକ୍ତି ଏବଂ ମନ୍ଦରୁ ବର୍ତ୍ତିବାର ଶକ୍ତି ମିଳିଥାଏ । ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ଆଶ୍ରୟ ଭିକ୍ଷା କରୁଛି ଏହି କଥାରୁ ଯେ, ମୁଁ ପଥଭ୍ରଷ୍ଟ ହୋଇଯିବି କିମ୍ବା ମୋତେ ପଥଭ୍ରଷ୍ଟ କରିଦିଆଯିବ। ମୁଁ ତ୍ରୁଟିର ଶିକାର ହୁଏ କିମ୍ବା ମୋତେ ତ୍ରୁଟି ମଧ୍ୟରେ ପକାଇ ଦିଆଯାଏ । ମୁଁ କାହା ପ୍ରତି ଅନ୍ୟାୟ ପ୍ରଦର୍ଶନ କରେ କିମ୍ବା ମୋ ପ୍ରତି ଅନ୍ୟାୟ ପ୍ରଦର୍ଶନ କରାଯାଏ। ମୁଁ ଅଜ୍ଞତାର ଆଚରଣ କରେ କିମ୍ବା ମୋ ସହିତ ଅଜ୍ଞତାମୂଳକ ବ୍ୟବହାର ପ୍ରଦର୍ଶନ କରାଯାଏ ଏବଂ ମୁଁ କାହା ପ୍ରତି ଅତ୍ୟାଚାର ପ୍ରଦର୍ଶନ କରେ କିମ୍ବା ମୋ ବିରୁଦ୍ଧରେ ଅତ୍ୟାଚାର ପ୍ରଦର୍ଶନ କରାଯାଏ । **(କନ୍‌ଜୁଲ୍ ଉମ୍ମାଲ୍ ଗ୍ରନ୍ଥଖଣ୍ଡ-7, ପୃ-54, ରିୱାୟତ୍-18416, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ସମସ୍ତ ବିଷୟ ଏଥିରେ କଭର୍ ହୋଇଗଲା। ସେହିପରି ଘରେ ପ୍ରବେଶ କରିବାର ଦୁଆର ମଧ୍ୟ ବର୍ଣ୍ଣନା ମିଳେ । ହ. ଅବୁ ମାଲିକ୍ ଅଶ୍‌ଅରୀ ର.ଅ ବର୍ଣ୍ଣନା କଲେ ଯେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅ କହିଲେ, ଯେତେବେଳେ କୌଣସି ବ୍ୟକ୍ତି ନିଜ ଘର ଭିତରକୁ ପ୍ରବେଶ କରେ, ସେତେବେଳେ ତା' ପକ୍ଷେ ଏହା ଉଚିତ୍ କି ସେ ଏହି ଦୁଆପାଠ କରୁ: [اَللّٰهُمَّ إِنِّيۡ أَسۡأَلُكَ خَيۡرَ الۡمَوۡلِجِ وَخَيۡرَ الۡمَخۡرَجِ بِسۡمِ اللّٰهِ وَلَجۡنَا وَبِسۡمِ اللّٰهِ خَرَجۡنَا وَعَلَى اللّٰهِ رَبِّنَا تَوَكَّلۡنَا] ଅର୍ଥାତ୍ ହେ ଅଲ୍ଲାଃ ! ମୁଁ ତୁମ୍ଭ ଠାରୁ ଘରେ ପ୍ରବେଶ କରିବାର କଲ୍ୟାଣ ଭିକ୍ଷା କରୁଛି ଏବଂ ଘରୁ ବାହାରକୁ ଯିବାର କଲ୍ୟାଣ ଭିକ୍ଷା କରୁଛି । ଅଲ୍ଲାଃଙ୍କ ନାମ ସହିତ ଆମ୍ଭେ ପ୍ରବେଶ କରିଥାଉ ଏବଂ ଅଲ୍ଲାଃଙ୍କ ନାମ ସହିତ ଆମ୍ଭେମାନେ ବାହାରକୁ ବାହାରିଥାଉ ଓ ଯିଏ ଆମ୍ଭମାନଙ୍କରର ପ୍ରଭୁ ଅଟନ୍ତି ସେହି ଅଲ୍ଲାଃଙ୍କ ଉପରେ ଆମ୍ଭେମାନେ ଭରସା କରୁ । ଏହାପରେ ସେ ନିଜ ପରିବାରବର୍ଗଙ୍କୁ ସଲାମ୍ (ନମସ୍କାର) କରୁ ।

**(ସୁନନ୍ ଅବୁ ଦାଉଦ୍ କିତାବୁଲ୍ ଅଦବ୍... ହଦିସ୍-5096)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଏହି ଦୁଆ ପାଠ କରୁଥିଲେ ଏବଂ ତା'ପରେ ଯାଇ ଆପଣ ସ.ଅ ଘରେ ପ୍ରବେଶ କରି ପରିବାରବର୍ଗଙ୍କୁ ସଲାମ୍ (ନମସ୍କାର) କରୁଥିଲେ । ତେଣୁ ଜଣେ ବ୍ୟକ୍ତି ପକ୍ଷେ ଏହା ଉଚିତ୍ କି ସେ ଏହି ଦୁଆ ପାଠ କରୁ ଓ ତା' ପରେ ଯାଇ ସେ ନିଜ ଘର ମଧ୍ୟକୁ ପ୍ରବେଶ କରି ପରିବାରବର୍ଗଙ୍କୁ ନମସ୍କାର କରୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହାପରେ ଆପଣ ସ.ଅଙ୍କ ଭରସା ଏବଂ ଅଲ୍ଲାଃତାଲାଙ୍କ ଭୟ ସମ୍ପର୍କରେ ଏକ ବର୍ଣ୍ଣନା ରହିଛି । ହଜରତ୍ ଅବୁ ହୁରୈରାହ୍ ର.ଅଙ୍କ ଠାରୁ ଏହି ବର୍ଣ୍ଣନା ରହିଛି ଯେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅ ହଜରତ୍ ବିଲାଲ୍ ର.ଅଙ୍କ ପାଖକୁ ଗଲେ । ଆପଣ ସ.ଅ ତାଙ୍କ ପାଖରେ ଖଜୁରୀର ଏକ ସ୍ତୁପ ଦେଖି ପଚାରିଲେ: ହେ ବିଲାଲ୍ ! ଏହା କ'ଣ ? ହଜରତ୍ ବିଲାଲ୍ ର.ଅ କହିଲେ: ହେ ଅଲ୍ଲାଃଙ୍କ

ବାର୍ତ୍ତାବହ ଏହା କିଛି ଖଜୁରୀ ଅଟେ ଯାହା ମୁଁ ଆପଣ ସ.ଅଙ୍କ ପାଇଁ ସଞ୍ଚୟ କରି ରଖିଛି। ଆପଣ ସ.ଅ କହିଲେ: ହଉ ହେ ବିଲାଲ୍ ! ତୁମ ମନରେ କ'ଣ ଏହି ଭୟ ନାହିଁ ଯେ, ପ୍ରଳୟ ଦିବସ ଦିନ ଏହାର ଧୂଆଁ ନର୍କରେ ଉଠିବ ? ଅର୍ଥାତ୍ ଶାସ୍ତିର କାରଣ ହୋଇଯିବ। ହେ ବିଲାଲ୍ ! ଖର୍ଚ୍ଚ କର ଏବଂ ଆକାଶର ମାଲିକଙ୍କ ପକ୍ଷରୁ ଦାରିଦ୍ର୍ୟତାର ଭୟ ରଖ (ମନରେ ପୋଷଣ) କର ନାହିଁ । **(ଅଲ୍ ମୁଜିମୁଲ୍ ଔସତି, ଗ୍ରନ୍ଥଖଣ୍ଡ-3, ପୃ-86, ହଦିସ୍-2572, ପ୍ରକାଶକ- ଦାରୁଲ୍ ହରମୈନ୍ କାହିରା)**

ହୁଜୁର୍ ଅନୱର୍ ଅ.ବ କହିଲେ, ତେଣୁ ଅଲ୍ଲାଃତାଲାଙ୍କ ଉପରେ ଭରସା କର । ହ. ମସିହ୍ ମଉଦ୍ ଅ.ସ ଏହି ପ୍ରସଙ୍ଗରେ କୁହନ୍ତି ଯେ, "ମନୁଷ୍ୟର ବିଶ୍ୱାସରେ ସେତେବେଳେ ଉନ୍ନତି ହୋଇପାରିବ ଯେତେବେଳେ ସେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅନୁସାରେ ଚାଲିବ ଏବଂ ଅଲ୍ଲାଃଙ୍କ ଉପରେ ନିଜର ଭରସାକୁ ବଜାୟ ରଖିବ । ଥରେ ହ. ରସୁଲ୍ କରୀମ୍ ସ.ଅ ବିଲାଲ୍ ର.ଅଙ୍କୁ ଦେଖିଲେ ଯେ, ସେ ଖଜୁରୀ ସଂଗ୍ରହ କରୁଥିଲେ । ଆପଣ ସ.ଅ ପଚାରିଲେ ଯେ, ହେ ବିଲାଲ୍ ! ତୁମେ କାହିଁକି ଏପରି କରୁଛ ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆସନ୍ତା କାଲି ପାଇଁ ସଂଗ୍ରହ କରୁଛି । ଆପଣ ସ.ଅ କହିଲେ, ତୁମର କ'ଣ ଆସନ୍ତା କାଲିର ଅଲ୍ଲାଃଙ୍କ ଉପରେ ବିଶ୍ୱାସ ନାହିଁ ?" ଯେଉଁ ଅଲ୍ଲାଃ ତୁମକୁ ଆଜି ଦେଉଛନ୍ତି, ସେ କ'ଣ ତୁମକୁ ଆସନ୍ତାକାଲି ଦେବେ ନାହିଁ ? ଏହା ଉପରେ କ'ଣ ତୁମର ବିଶ୍ୱାସ ନାହିଁ ? କିନ୍ତୁ ଆପଣ ଅ.ସ କହିଲେ ଏବଂ ସ୍ପଷ୍ଟ ମଧ କରିଦେଲେ ଯେ, ଏହାର ଅର୍ଥ ଏହା ମଧ ନୁହେଁ ଯେ ଅନାବଶ୍ୟକ ଖର୍ଚ୍ଚ କରିଚାଲ । କେତେକ ଲୋକଙ୍କ ହାତ ଖୋଲା ଥାଏ ଏବଂ ସେମାନେ କରନ୍ତି ନାହିଁ । ହ. ମସିହ୍ ମଉଦ୍ ଅ.ସ କହିଲେ, "କିନ୍ତୁ ଏହି କଥା ବିଲାଲ୍ ର.ଅଙ୍କୁ କୁହାଗଲା, ସମସ୍ତଙ୍କୁ ନୁହେଁ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କର ସହନଶୀଳତା ଅନୁଯାୟୀ ଉପଦେଶ ଦିଆଯାଇଥାଏ ।"

**(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-9, ପୃ-210, ସଂସ୍କରଣ-2022 ମସିହା ମସିହା)**

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ, "ଆଁହଜରତ୍ ସ.ଅଙ୍କ ସମ୍ପର୍କରେ ଏହି ଉପଦେଶ ନିଶ୍ଚିତ ଭାବରେ ରହିଛି । କାରଣ ହଦିସ୍‌ରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ୍ ସ.ଅଙ୍କ ସମ୍ପର୍କରେ କୁହାଗଲା ଯେ, ହ. ବିଲାଲ୍ ର.ଅ ଆଁହଜରତ୍ ସ.ଅଙ୍କ ପାଇଁ ଏହି ଖଜୁରୀ କୋଳି ଏକତ୍ରିତ କରୁଛନ୍ତି, ତେଣୁ ଆପଣ ସ.ଅ କହିଲେ, ମୋର ତ' ଅଲ୍ଲାଃଙ୍କ ଉପରେ ଭରସା ରହିଛି । ଯଦି ମୋ ପାଇଁ ରଖାଯାଇଛି ତେବେ ଏହାର ଧୂଆଁ ତ' ମୋତେ ପହଞ୍ଚିବ । କିନ୍ତୁ କେତେକ ବ୍ୟକ୍ତିଙ୍କୁ ଏବଂ ପବିତ୍ର କୁରଆନ୍ କରୀମର ଆଦେଶ ଅନୁଯାୟୀ ଏହି ଉପଦେଶ ମଧ ରହିଛି ଯେ, ଏତେ ଅନାବଶ୍ୟକ ଖର୍ଚ୍ଚ କର ନାହିଁ ଯେ, କିଛି ନ ରହୁ । କିଛି ନା କିଛି ନିଜର ସାଧନର ବ୍ୟବସ୍ଥା ମଧ କର ଏବଂ ତା'ପରେ ଅଲ୍ଲାଃତାଲାଙ୍କ ଉପରେ ଭରସା କର ଯେ, ସେ ସେହି ସାଧନଗୁଡ଼ିକୁ ସୁରକ୍ଷିତ ମଧ ରଖିବେ ଏବଂ ସେଗୁଡ଼ିକରୁ ଉପକୃତ ହେବାର ସାମର୍ଥ୍ୟ ମଧ ପ୍ରଦାନ କରିବେ । ଭରସାର ଅର୍ଥ ଏହା ନୁହେଁ ଯେ ସତର୍କତା ଅବଲମ୍ବନ କରାଯିବ ନାହିଁ ଏବଂ ସାଧନଗୁଡ଼ିକର ବ୍ୟବହାର କରାଯିବ ନାହିଁ । ଏହି କଥା ମଧ ଇସଲାମୀୟ ଶିକ୍ଷାର ବିରୁଦ୍ଧୀୟ ଅଟେ । ସୁତରାଂ ହଜରତ୍ ଅନସ୍ ବିନ୍ ମାଲିକ ର.ଅ ବର୍ଣ୍ଣନା କରନ୍ତି: ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଓଟର ଆଣ୍ଠୁ ବାନ୍ଧିବି ଏବଂ ଭରସା କରିବି ନା ଏହାକୁ ଖୋଲା ଛାଡ଼ିଦେବି ? ଆପଣ ସ.ଅ କହିଲେ: ଏହାର ଆଣ୍ଠୁ ବାନ୍ଧିଦିଅ ଏବଂ ଭରସା କର । **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁ ସିଫତୁଲ୍ କିୟାମା ୱର୍ ରକାଇକୁଲ୍ ୱରଅ ଅନ୍ ରସୁଲିଲ୍ଲାଃହି ସ.ଅ, ହଦିସ୍: 2517)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏ ହେଉଛି ଏକ ଉଦାହରଣ । ଅନ୍ୟାନ୍ୟ ପ୍ରସଙ୍ଗରେ ମଧ ଉପରୋକ୍ତ ଉଦାହରଣକୁ ପ୍ରୟୋଗ କରାଯାଇପାରିବ । ହଦିସ୍‌ରେ ବର୍ଣ୍ଣିତ ଅଛି ଯେ, ଆଁହଜରତ୍ ସ.ଅ ଏହା (ଏପରି) ସେତେବେଳେ କହିଥିଲେ ଯେତେବେଳେ ଜଣେ ବଦୁୱି (ମରୁଭୂମିର ବାସିନ୍ଦା) କିମ୍ବା ଏକ ବର୍ଣ୍ଣନା ଅନୁଯାୟୀ ହଜରତ୍ ଅମ୍ର ବିନ୍ ଉମୈୟାହ୍ ର.ଅ ନିଜ ଓଟକୁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ମସଜିଦ୍‌ର ଦ୍ୱାରଦେଶରେ ଖୋଲା ଛାଡ଼ିଦେଲା ଏବଂ ନମାଜ୍ ପଢ଼ିବା ପାଇଁ ଭିତରକୁ ଚାଲିଗଲା । **(ତଖ୍ରୀଜ୍ ଅହାଦିସ୍ ଓ ଆସାର୍ କିତାବ୍ ଫି ଜିଲାଲ୍ କୁରଆନ୍, ପୃ-342, ହଦିସ୍-660, ଦାରୁଲ୍ ହିଜରତି ଲିନ୍ ନଶ୍ରି ୱତ୍ ତୱାଜିଇ, 1995 ମସିହା) (ଅଲ୍ ଜାମିଉ ଲି ଶୁଅବି ଇମାନ୍, ଗ୍ରନ୍ଥଖଣ୍ଡ-2, ପୃ-427, ହଦିସ୍ ନଂ-1159)**

ହୁଜୁର୍ ଅନୱର୍ ଅ.ବ କହିଲେ, ଏହାର ବିସ୍ତୃତ ବର୍ଣ୍ଣନା ହ. ମସିହ୍ ମଉଦ୍ ଅ.ସ ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି ଯେ: "ମନୁଷ୍ୟ ପକ୍ଷେ ଏହା ଉଚିତ୍ ଯେ, ସେ ଧର୍ମପରାୟଣତା କୁ ହାତରୁ ଛାଡ଼ିବ ନାହିଁ ଏବଂ ଅଲ୍ଲାଃଙ୍କ ଉପରେ ଭରସା କରିବ, ତେବେ ତାହାକୁ କୌଣସି ପ୍ରକାରର କଷ୍ଟ ହୋଇପାରିବ ନାହିଁ । ଅଲ୍ଲାଃଙ୍କ ଉପରେ ଭରସାର ଅର୍ଥ ଏହା ନୁହେଁ ଯେ ମନୁଷ୍ୟ ଚେଷ୍ଟା କିମ୍ବା ଉଦ୍ୟମ (ତଦ୍‌ବୀର୍) କରିବା ଛାଡ଼ିଦେବ । ବରଂ ଏହାର ଅର୍ଥ ହେଉଛି ଯେ, ଉଦ୍ୟମକୁ ସମ୍ପୂର୍ଣ୍ଣ ବିନିଯୋଗ କରିବା ପରେ ପରିଣତିକୁ ଅଲ୍ଲାଃଙ୍କ ଉପରେ ଛାଡ଼ିଦେବା ଏହାକୁ ହିଁ 'ତୱକ୍କୁଲ୍' କୁହାଯାଏ ।" "ଯଦି ବ୍ୟକ୍ତି ଉଦ୍ୟମ କରେ ନାହିଁ ଏବଂ କେବଳ ଭରସା କରେ, ତେବେ ତା'ର ଭରସା ଫୋକା... (ଅର୍ଥାତ୍ ଶୂନ୍ୟ ଏବଂ ଖାଲି ବା ଫମ୍ପା) ହେବ ଏବଂ ଯଦି ସେ କେବଳ ଉଦ୍ୟମ କରି ତାହା ଉପରେ ହିଁ ଭରସା କରେ ଯେ ମୁଁ ଉଦ୍ୟମ କରିସାରିଛି ଏବଂ ବର୍ତ୍ତମାନ ଏହା ଯଥେଷ୍ଟ ଅଟେ ତେବେ ଅଲ୍ଲାଃଙ୍କ ଉପରେ ଭରସା କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଅଲ୍ଲାଃଙ୍କ ଉପରେ ଭରସା ନାହିଁ, ତେବେ ସେପରିପ୍ରେକ୍ଷୀରେ ସେହି ଉଦ୍ୟମ ମଧ ଫୋକା ହେବ" ସେହି ଉଦ୍ୟମ ମଧ ନଷ୍ଟ ହୋଇଯିବ ।" ଜଣେ ବ୍ୟକ୍ତି ଓଟ ଉପରେ ସବାର ଥିଲା ଏବଂ ଆଁହଜରତ୍ ସ.ଅଙ୍କୁ ସେ ଦେଖିଲା । ସମ୍ମାନ ପ୍ରଦର୍ଶନ ପାଇଁ ସେ ତଳକୁ ଓହ୍ଲାଇଲା ଏବଂ ସେ ଏପରି ବିଚାର କଲା ଯେ, ସେ କେବଳ ଭରସା କରିବ ଏବଂ ଉଦ୍ୟମ କରିବ ନାହିଁ ତେଣୁ ସେ ନିଜ ଓଟର ଆଣ୍ଠୁ ବାନ୍ଧିଲା ନାହିଁ । ଯେତେବେଳେ ସେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କୁ ଭେଟି ଫେରିଲା, ସେତେବେଳେ ଦେଖିଲା ଯେ ତା' ଓଟ ଆଉ ସେଠାରେ ନାହିଁ । ଫେରିଆସି ସେ ଆଁହଜରତ୍ ସ.ଅଙ୍କ ନିକଟରେ ଅଭିଯୋଗ କଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ତ' ଭରସା କରିଥିଲି କିନ୍ତୁ ମୋର ଓଟ ଚାଲିଗଲା । ଆପଣ ସ.ଅ କହିଲେ ଯେ ତୁମେ ଭୁଲ୍ କରିଛ । ପ୍ରଥମେ ଓଟର ଆଣ୍ଠୁ ଅର୍ଥାତ୍ ଦଉଡ଼ି ବାନ୍ଧିବା ଉଚିତ୍ ଥିଲା ଏବଂ ତା'ପରେ ଭରସା କରିବା ଉଚିତ୍ ଥିଲା । ତେବେ ଯାଇ ଏହା ଠିକ୍ ହୋଇଥାଆନ୍ତା । **(ମଲ୍‌ଫୁଜାତ୍ ଗ୍ରନ୍ଥଖଣ୍ଡ-6, ପୃ-58-59, ସଂସ୍କରଣ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ପାଖକୁ କିଛି ଦିନାର (ସ୍ୱର୍ଣ୍ଣମୁଦ୍ରା) ଆସିଲା। ଆପଣ ସ.ଅ ସବୁକିଛି ବାଣ୍ଟିଦେଲେ । କେବଳ ଛଅଟି ଦିନାର ବାକି ରହିଗଲା ଯାହାକୁ ଆପଣ ସ.ଅ ନିଜର ପବିତ୍ର ପତ୍ନୀମାନଙ୍କ ମଧ୍ୟରୁ ଜଣଙ୍କ ପାଖରେ ରଖାଇଦେଲେ । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ନିଜର ଶେଷ ରୋଗାବସ୍ଥାରେ ହ. ଆଏଶା ର.ଅଙ୍କ ଗ୍ରୀବାରେ ଡେରି (ଆଉଜେଇ ହୋଇ) ଶୋଇଥିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଆଏଶା! ସେହି ସୁନା ଦିନାରଗୁଡ଼ିକ କେଉଁଠାରେ ଅଛି ? ହଜରତ୍ ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେଗୁଡ଼ିକ ମୋ ପାଖରେ ସୁରକ୍ଷିତ ଅଛି । ଆପଣ ସ.ଅ କହିଲେ, ସେଗୁଡ଼ିକୁ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ (ଖର୍ଚ୍ଚ) କରିଦିଅ । ଏହାପରେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ଉପରେ ରୋଗର ପ୍ରଖରତା କାରଣରୁ ଅଚେତାବସ୍ଥା ଆସନ୍ନିତ ହୋଇଗଲା (ସେହି ଦିନାରଗୁଡ଼ିକ ମଧ ଯାହା ଆପଣ ସ.ଅ ରଖାଇଥିଲେ ତାହା ଏଇଥିପାଇଁ ଥିଲା ଯେ, କୌଣସି ସମୟରେ ଏହି ଦିନାରଗୁଡ଼ିକୁ ବାଣ୍ଟିବାକୁ ପଡ଼ିବ) ଏବଂ ଆପଣ ସ.ଅ ହଜରତ୍ ଆଏଶା ର.ଅଙ୍କ ଗ୍ରୀବା ଦେଶରେ ଆଉଜେଇ ହୋଇ ବସିଥିଲେ । ଅତଏବ୍ ଯେତେବେଳେ ଆପଣ ସ.ଅଙ୍କ ଚେତା ଫେରିଲା ସେତେବେଳେ ଆପଣ ସ.ଅ ପୁନର୍ବାର ପଚାରିଲେ ଯେ, ହେ ଆଏଶା ! ସେହି ସୁନା ଦିନାରଗୁଡ଼ିକ ଖର୍ଚ୍ଚ (ବଣ୍ଟାଯାଇଛି) କରାଯାଇଛି ଅବା ନୁହେଁ ? ସେ କହିଲେ, ନାହିଁ । ଅଲ୍ଲାଃଙ୍କ ଶପଥ କରି କହୁଛି ହେ ଅଲ୍ଲାଙ୍କ ବାର୍ତ୍ତାହ ! ଏପର୍ଯ୍ୟନ୍ତ ତାହା ବଣ୍ଟା ଯାଇନାହିଁ । ହଜରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ସେହି ଦିନାର (ସ୍ୱର୍ଣ୍ଣ ମୁଦ୍ରା)ଗୁଡ଼ିକୁ ମଗାଇଲେ। ଯେତେବେଳେ ସେଗୁଡ଼ିକୁ ଅଣାଗଲା ସେତେବେଳେ ଆପଣ ସ.ଅ ସେଗୁଡ଼ିକୁ ନିଜ ହାତର ପାପୁଲିରେ ରଖିଲେ ଏବଂ ଯେତେବେଳେ ଗଣିଲେ ସେତେବେଳେ ତାହା ଛଅଟି ଦିନାର ଥିଲା । ଏହାପରେ ଆପଣ ସ.ଅ କହିଲେ, ମୁହମ୍ମଦ ସ.ଅଙ୍କର ନିଜ ପ୍ରଭୁଙ୍କ ଉପରେ କି ପ୍ରକାର ଭରସା ହୋଇଥା'ନ୍ତା, ଯଦି ଅଲ୍ଲାଃଙ୍କ ସହିତ ସାକ୍ଷାତ୍ ସମୟରେ ଏବଂ ମର୍ତ୍ତ୍ୟମଣ୍ଡଳରୁ ବିଦାୟ ନେବା ସମୟରେ ଏହି ଦିନାରଗୁଡ଼ିକ ତାଙ୍କ ପାଖରେ ଥାଆନ୍ତା । ଏହାପରେ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ସେହି ସମସ୍ତ ଦିନାରକୁ ଅଲ୍ଲାଃଙ୍କ ପଥରେ ସଦକା (ଦାନ) କରିଦେଲେ ଏବଂ ସେହି ଦିନ ହିଁ ଆପଣ ସ.ଅଙ୍କର ଓଫାତ୍ (ଇହଲୀଳା ସମ୍ବରଣ କଲେ) ହୋଇଗଲା । **(ଅତତବକାତୁଲ୍ କୁବ୍ରା, ଗ୍ରନ୍ଥଖଣ୍ଡ-2, ପୃ-182-183, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: قُل لَّن يُصِيبَنَا إِلَّا مَا كَتَبَ اللَّهُ لَنَا هُوَ مَوْلَانَا ۚ وَعَلَى اللَّهِ فَلْيَتَوَكَّلِ الْمُؤْمِنُونَ ଅର୍ଥାତ୍ କୁହ ଆମକୁ କେବଳ ସେତିକି ହିଁ ପହଞ୍ଚିଥାଏ ଯାହା ଅଲ୍ଲାଃ ଆମ ପାଇଁ ନିର୍ଦ୍ଧାରିତ କରି ରଖିଛନ୍ତି। ସେ ହିଁ ଆମର କାର୍ଯ୍ୟସାଧକ ଅଟନ୍ତି ଏବଂ ବିଶ୍ୱାସକାରୀମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ସେମାନେ କେବଳ ଅଲ୍ଲାଃଙ୍କ ଉପରେ ହିଁ ଭରସା କରନ୍ତୁ । **(ସୁରାଃ ଅତ୍‌ତୌବା: 51)** ଆଁହଜରତ୍ ସ.ଅଙ୍କ ଆଦର୍ଶରେ ଆମେ ଦେଖୁଛୁ ଯେ, କିପରି ଆପଣ ସ.ଅ ଭରସାର ଏକ ସର୍ବୋଚ୍ଚ ନମୁନା ଏକ ଅବସରରେ ପ୍ରତିଷ୍ଠା କରିଥିଲେ। ଅଲ୍ଲାଃତାଲାଙ୍କ ଉପରେ ଭରସାର ହିଁ ଆଦେଶ ରହିଛି, ତେଣୁ ଆପଣ ସ.ଅ ନିଜେ ମଧ କିପରି ଆଚରଣ ପ୍ରଦର୍ଶନ କରୁଥିଲେ । ଯେତେବେଳେ ମୁସୈଲ୍‌ମା କଜାବ୍ ନିଜର ସୈନ୍ୟବାହିନୀ ସହିତ ଆପଣ ସ.ଅଙ୍କ ଅଧୀନକୁ ଆସିବାକୁ କହିଲା । କିନ୍ତୁ ସେ ଏକ ସର୍ତ୍ତ ମଧ ରଖିଦେଲା । ସେତେବେଳେ ଆଁହଜରତ୍ ସ.ଅ କହିଲେ ଯେ କୌଣସି ସର୍ତ୍ତ ଗ୍ରହଣ କରାଯିବ ନାହିଁ ବରଂ ଦୃଢ଼ ଭାବରେ ଆପଣ ସ.ଅ ଏହାକୁ ପ୍ରତ୍ୟାଖ୍ୟାନ କଲେ । ହଜରତ୍ ଇବ୍‌ନେ ଅବ୍ବାସ ର.ଅ ବର୍ଣ୍ଣନା କରନ୍ତି ଯେ, ସେ କହିଲେ ମୁସୈଲ୍‌ମା କଜାବ୍ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ କାଳରେ ଆସିଲା ଏବଂ କହିବାକୁ ଲାଗିଲା ଯେ, ଯଦି ମୁହମ୍ମଦ ସ.ଅ ନିଜ ପରେ ମୋତେ ଉତ୍ତରାଧିକାରୀ କରିବେ ତେବେ ମୁଁ ତାଙ୍କର ଅନୁଗାମୀ ହୋଇଯିବି । ସେ ମଦିନାରେ ନିଜ ସୈନ୍ୟବାହିନୀର ବହୁତ ଲୋକଙ୍କ ସହିତ ଆସିଥିଲା । କେତେକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏକ ଲକ୍ଷ ଲୋକ ଥିଲେ । ଅର୍ଥାତ୍ ତାଙ୍କୁ ମାନୁଥିବା ଲୋକମାନଙ୍କ ସଂଖ୍ୟା । କିନ୍ତୁ ଆସିଥିବା ଲୋକଙ୍କ ସଂଖ୍ୟା କମ୍ ଥିଲା । ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ତା' ପାଖକୁ ଆସିଲେ ଏବଂ ଆପଣ ସ.ଅଙ୍କ ସହିତ ହ. ସାବିତ୍ ବିନ୍ କୈସ୍ ବିନ୍ ଶମାସ୍ ର.ଅ ଥିଲେ। ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ହାତରେ ଖଜୁରୀର ଏକ ଡାଳ ଥିଲା । ଆପଣ ସ.ଅ ଆସି ମିଥ୍ୟାବାଦୀ ମୁସୈଲ୍‌ମା ସାମ୍ନାରେ ଯେତେବେଳେ କି ସେ ନିଜ ସାଥୀମାନଙ୍କ ସହିତ ବସିଥିଲା ଠିଆ ହୋଇଗଲେ ଏବଂ ଆପଣ ସ.ଅ କହିଲେ, ଯଦି ତୁମେ ମୋତେ ଏହି କାଠ ଖଣ୍ଡଟି ମଧ ମାଗିବ, ତେବେ ମୁଁ ତୁମକୁ ଏହା ମଧ

ଦେବି ନାହିଁ । ତୁମେ କେବେ ବି ଅଲ୍ଲାଃଙ୍କ ନିର୍ଣ୍ଣୟ ଠାରୁ ଆଗକୁ ବଢ଼ି ପାରିବୁ ନାହିଁ ଯାହା ତୋ ପାଇଁ ନିର୍ଦ୍ଧାରିତ ଅଛି । ଯଦି ତୋ ପିଠି ଦେଖାଇ ଚାଲିଯିବ ତେବେ ଅଲ୍ଲାଃତାଲା ତୋର ମୂଳୋତ୍ପାଟନ କରିଦେବେ ଏବଂ ମୁଁ ତୋତେ ସେହି ବ୍ୟକ୍ତି ଭାବରେ ଦେଖୁଛି ଯାହା ବିଷୟରେ ମୋତେ ସ୍ୱପ୍ନରେ ବହୁତ କିଛି ଦେଖାଯାଇଛି । ସେ ଏହା ପୂର୍ବରୁ ଏହି କଥା କହିସାରିଥିଲା ଯେ, ଆପଣ ସ.ଅ ମୋତେ ନିଜର ଉତ୍ତରାଧିକାରୀ କରି ଦିଅନ୍ତୁ । ତେଣୁ ସେ ଯାହା ହେଉ ଆପଣ ସ.ଅ କହିଲେ, ଏହି ଖଜୁରୀ ଡାଳ ତୁଲ୍ୟ ମଧ ତୁମକୁ ଶାସନ ମିଳିବ ନାହିଁ । ବର୍ତ୍ତମାନ ତ' ମୁଁ ତାହା ଦେଖୁଛି ଯାହା ମୁଁ ସ୍ୱପ୍ନରେ ଦେଖିଥିଲି । ଏହା ସାବିତ୍ ର.ଅ ଅଛନ୍ତି । ମୋତେ ଦେଖାଯାଇଛି ଏବଂ ସେ ସାବିତ୍ ର.ଅ ଅଛନ୍ତି । ହଁ, ସାବିତ୍ ଶବ୍ଦ ନୁହେଁ ବରଂ ସାବିତ୍ ର.ଅ ନାମକ ଜଣେ ସାହାବି ଥିଲେ ଯିଏ ଆଁହଜରତ୍ ସ.ଅଙ୍କ ସହିତ ଥିଲେ । ଆପଣସ.ଅ କହିଲେ ଏବଂ ଏହି ସାବିତ୍ ର.ଅ ଅଛନ୍ତି, ଅର୍ଥାତ୍ ମୋର ପ୍ରତିନିଧି ଅଟନ୍ତି। ଏ ହେଉଛନ୍ତି ହଜରତ୍ ସାବିତ୍ ର.ଅ ଯିଏ ମୋ ତରଫରୁ ତୁମକୁ ଜବାବ୍ (ଉତ୍ତର) ଦେବେ ଏବଂ ଏହା କହି ଆପଣ ସ.ଅ ତାଙ୍କୁ ଛାଡ଼ି ଫେରି ଆସିଲେ। ହ. ଇବ୍‌ନେ ଅବ୍‌ବାସ ର.ଅ କହୁଥିଲେ ଯେ, ମୁଁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କର ଏହି ଉକ୍ତି ସମ୍ପର୍କରେ ପଚାରିଲି ଯେ, "ମୁଁ ତୁମକୁ ସେହି ବ୍ୟକ୍ତି ଭାବରେ ଦେଖିବାକୁ ପାଉଛି ଯାହା ସମ୍ପର୍କରେ ମୋତେ ସେହି ଦୃଶ୍ୟ ଦୃଶ୍ୟମାନ ହୋଇଥିଲା ଯାହା ମୁଁ ସ୍ୱପ୍ନରେ ଦେଖିଥିଲି ।" ହଜରତ୍ ଅବୁ ହୁରେରାହା ର.ଅ ମୋତେ କହିଲେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କହିଥିଲେ ଯେ, ଥରେ ମୁଁ ଯେତେବେଳେ ଶୋଇଥିଲି ଠିକ୍ ସେହି ସମୟରେ ମୁଁ ମୋ ହାତରେ ସୁନାର ଦୁଇଟି କଙ୍କଣ ଦେଖିଲି। ସେଗୁଡ଼ିକର ଅର୍ଥାତ୍ କଙ୍କଣ ପିନ୍ଧା ଅବସ୍ଥା ମୋତେ ଚିନ୍ତାରେ ପକାଇଦେଲା । ଏହାପରେ ମୋତେ ସ୍ୱପ୍ନରେ ୱହି (ଆକାଶବାଣୀ) ହେଲା ଯେ, ମୁଁ ସେଗୁଡ଼ିକ ଉପରେ ଫୁଙ୍କିବି । ତେଣୁ ମୁଁ ସେହି କଙ୍କଣଗୁଡ଼ିକ ଉପରେ ଫୁଙ୍କିଲି ଏବଂ ତାହା ଉଡ଼ିଗଲା । ମୁଁ ସେଗୁଡ଼ିକର ବ୍ୟାଖ୍ୟା ଦୁଇଟି ମିଥ୍ୟାବାଦୀ ବ୍ୟକ୍ତି ବୋଲି ବୁଝିଲି ଯେଉଁମାନେ ମୋ ପରେ ପ୍ରାଦୁର୍ଭୂତ ହେବେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଅସୱଦ୍ ଅନ୍‌ସୀ ଏବଂ ଅନ୍ୟ ଜଣେ ହେଉଛନ୍ତି ମୁସୈଲ୍‌ମା କଜାବ୍ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ୱଫଦ୍ ହନିଫା, ହଦିସ୍-4373-4374, ଅନୁବାଦକ, ଗ୍ରନ୍ଥଖଣ୍ଡ-9, ପୃ-257-258, ପ୍ରକାଶକ-ନଜାରତ୍ ଇଶାଅତ୍) (ଅଲ୍ ବଦାୟା ୱନ୍-ନହାୟତା ଗ୍ରନ୍ଥଖଣ୍ଡ-9, ପୃ-333)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅସ୍‌ୱଦ ଅନ୍‌ସୀ ଏବଂ ମୁସୈଲ୍‌ମା କଜାବ୍ ଏହି ଦୁଇଜଣ ସେହି ଲୋକ ଥିଲେ ଯେଉଁମାନେ ବିଦ୍ରୋହୀ ମନୋଭାବ ତଥା ଆଚରଣ ଅବଲମ୍ବନ କରିଥିଲେ ଏବଂ ସେଠାରୁ ସେତେବେଳେ ଚାଲି ଯାଇଥିଲେ । ହ. ଅବୁ ବକର୍ ର.ଅଙ୍କ ଶାସନ କାଳରେ ପୁଣି ସେମାନେ ଯୁଦ୍ଧ ମଧ କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହି ପ୍ରସଙ୍ଗରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି ଯେ, "ରସୁଲେ କରୀମ୍ ସ.ଅଙ୍କର କୌଣସି କାର୍ଯ୍ୟରେ ସଂସାର ଏବଂ ସଂସାରର ଲୋକମାନଙ୍କ ପ୍ରତି କୌଣସି ଧ୍ୟାନ ନଥିଲା ଏବଂ ପାର୍ଥିବ ସାଧନଗୁଡ଼ିକ ପ୍ରତି ଆପଣ ଆଖି ଉଠାଇ ମଧ ଦେଖୁ ନଥିଲେ ବରଂ ପ୍ରତ୍ୟେକ କାର୍ଯ୍ୟରେ ଆପଣଙ୍କ ଦୃଷ୍ଟି କେବଳ ଅଲ୍ଲାଃତାଲାଙ୍କ ଆଡ଼କୁ ହିଁ ଚାହିଁ ରହୁଥିଲେ । କାରଣ ସେ ହିଁ କିଛି କରିବେ । ଅର୍ଥାତ୍ ଆପଣ ଭରସାର ଏକ ପୂର୍ଣ୍ଣ ନମୁନା ଥିଲେ ଯାହାର ଦୃଷ୍ଟାନ୍ତ ନା ପୂର୍ବ ଅବତାରମାନଙ୍କ ମଧ୍ୟରେ ମିଳେ ଓ ନା ଆପଣଙ୍କ ପରେ ଆପଣଙ୍କ ପରି କୌଣସି ବିଶ୍ୱାସକାରୀ ମନୁଷ୍ୟ ଜନ୍ମ ହୋଇଛି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଇତିହାସ ଆମକୁ କୁହେ ଯେ "ମୁସୈଲ୍‌ମା ରସୁଲ୍ କରୀମ୍ ସ.ଅଙ୍କ ଜୀବନକାଳ ମଧ୍ୟରେ ଏକ ବିରାଟ ସୈନ୍ୟବାହିନୀ ଧରି ଆପଣ ସ.ଅଙ୍କ ନିକଟକୁ ମଦିନା ଆସିଥିଲା ଏବଂ ଆପଣ ସ.ଅଙ୍କ ନିକଟରେ ଏହି ଅନୁରୋଧ କରିଥିଲା ଯେ, ଯଦି ଆପଣ ସ.ଅ ତାହାଙ୍କୁ ନିଜ ପରେ ଖଲିଫା (ଉତ୍ତରାଧିକାରୀ) କରି ଦିଅନ୍ତି, ତେବେ ସେ ନିଜ ଜମାଅତ୍ (ସଙ୍ଗଠନ) ସହିତ ଆପଣଙ୍କ ବଶ୍ୟତା ସ୍ୱୀକାର କରିନେବ ଏବଂ ଇସଲାମ୍ ଧର୍ମର ସେହି ସମୟର ଅବସ୍ଥା ଏହା ହିଁ ଚାହୁଁଥିଲା" କାରଣ ସେତେବେଳେ ଇସ୍‌ଲାମ୍‌ର ଦୁର୍ବଳ ଅବସ୍ଥା ଥିଲା ଯେ, ଆପଣ ସ.ଅ ଏହି ମାଧ୍ୟମକୁ ଅବଲମ୍ବନ କରିନିଅନ୍ତୁ ଏବଂ ଏହାର ସାହାଯ୍ୟରୁ ଲାଭ ଉଠାନ୍ତୁ । କିନ୍ତୁ ଯେଉଁ ପବିତ୍ର ମହାବତାର ହ. ମୁହମ୍ମଦ ସ.ଅଙ୍କୁ ଅଲ୍ଲାଃତାଲାଙ୍କ ଶକ୍ତି ଉପରେ ବିଶ୍ୱାସ ଏବଂ ଅଗାଧ ଭରସା ରହିଥିଲା ଏବଂ ଯିଏ ମାନବୀୟ ଯୋଜନାଗୁଡ଼ିକ ପ୍ରତି ତିଳେ ମାତ୍ର ମଧ ଭୃକ୍ଷେପ କରିପାରୁ ନଥିଲା ଆପଣ ସ.ଅ ତା'ର ଅନୁରୋଧକୁ ତୁରନ୍ତ ପ୍ରତ୍ୟାଖ୍ୟାନ କରିଦେଲେ ।" ଆପଣ ସ.ଅ କହିଲେ, ଏହା କଦାପି ହୋଇପାରିବ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହଜରତ୍ ଇବ୍‌ନେ ଅବ୍‌ବାସ୍ ର.ଅ କୁହନ୍ତି ରସୁଲ୍ କରୀମ୍ ସ.ଅଙ୍କ ଯୁଗରେ ।" ଏହା ହେଉଛି ସେହି ହଦିସ୍ ଯାହାକୁ ମୁଁ ବର୍ଣ୍ଣନା କରିଛି । ଏହାକୁ ଏଠାରେ ଉଦ୍ଧୃତ କରାଯାଇଛି ଯେ "ମୁସୈଲ୍‌ମା କଜାବ୍ ଆସିଲା ଏବଂ କହିବାକୁ ଲାଗିଲା ଯେ, ଯଦି ମୁହମ୍ମଦ ସ.ଅ ନିଜ ପରେ ମୋତେ ଶାସକ ନିଯୁକ୍ତ କରିଦିଅନ୍ତି ତେବେ ମୁଁ ତାଙ୍କର ଅନୁଗାମୀ ହୋଇଯିବି ଏବଂ ସେହି ସମୟରେ ସେ ନିଜ ସହିତ ନିଜ ଜାତିରୁ ଏକ ବିରାଟ ଜମାଅତ୍ ସହିତ ଆଣିଥିଲା । ରସୁଲ୍ କରୀମ୍ ସ.ଅ ଏହି କଥା ଶୁଣି ତା' ଆଡ଼କୁ ଆସିଲେ ଏବଂ ସାବିତ୍ ବିନ୍ କୈସ୍ ବିନ୍ ଶମାସ୍ ର.ଅ ମଧ ଆପଣ ସ.ଅଙ୍କ ସହିତ ଥିଲେ । ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ହାତରେ ଖଜୁରୀର ଏକ ଶାଖା ଖଣ୍ଡ (ଡାଳ) ଥିଲା । ଆପଣ ସ.ଅ ଆସିଲେ, ଏପରିକି ମୁସୈଲ୍‌ମା ସାମ୍ନାରେ ଠିଆ ହୋଇଗଲେ ଏବଂ ସେ ନିଜ ସାଥୀମାନଙ୍କ ମଧ୍ୟରେ ବସିଥିଲା । ଆପଣ ସ.ଅ କହିଲେ, ହେ ମୁସୈଲମା ! ଯଦି ତୁମେ ମୋତେ ଏହି ଶାଖାଟି ମଧ ମାଗିବ ତେବେ ମଧ ମୁଁ ତୁମକୁ ଏହି ଶାଖା ଦେବି ନାହିଁ ଏବଂ ଯାହା କିଛି ଈଶ୍ୱର ତୁମ ପାଇଁ ନିର୍ଦ୍ଧାରଣ କରିଛନ୍ତି ତୁମେ ସେଥିରୁ ଟିକେ ବି ଆଗକୁ ବଢ଼ିବ ନାହିଁ ଏବଂ ଯଦି ତୁମେ ପିଠି ବୁଲାଇ ଚାଲିଯିବ ତେବେ ଅଲ୍ଲାଃତାଲା ତୁମର ଗୋଡ଼ର ଶିରା (Vein)କୁ କାଟିଦେବେ ଏବଂ ମୁଁ ତୁମକୁ ସେହି ବ୍ୟକ୍ତି ରୂପେ ଦେଖୁଛି ଯାହା ସମ୍ପର୍କରେ ସ୍ୱପ୍ନରେ ମୋତେ ସେହି ଦୃଶ୍ୟ ମୋତେ ଦୃଶ୍ୟମାମାନ କରାଯାଇଥିଲା । ଯାହା ମୁଁ ଦେଖିଥିଲି ଏବଂ ଏହି ସାବିତ୍ ର.ଅ ଅଛନ୍ତି ମୋ ପକ୍ଷରୁ ତୁମକୁ ଜବାବ୍ ଦେବେ । ଏହାପରେ ଆପଣ ସ.ଅ ସେଠାରୁ ଚାଲିଗଲେ । ହଜରତ୍ ଇବ୍‌ନେ ଅବ୍‌ବାସ୍ ର.ଅ କୁହନ୍ତି, ଯେପରିକି ମୁଁ ପୂର୍ବରୁ ମଧ କହିଥିଲି "ଯେ ମୁଁ ପଚାରିଲି ଯେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କ'ଣ କହିଲେ ଯେ, ମୁଁ ତ' ତୁମକୁ ସେହି ବ୍ୟକ୍ତି ପାଉଛି ଯାହାଙ୍କ ସମ୍ପର୍କରେ ସେହି ଦୃଶ୍ୟ ଦୃଶ୍ୟମାନ କରାଯାଇଥିଲା ଯାହା ମୁଁ ସ୍ୱପ୍ନରେ ଦେଖିଥିଲି ? ପ୍ରତ୍ୟୁତ୍ତରରେ ମୋତେ ହଜରତ୍ ଅବୁ ହୁରୈରା ର.ଅ କହିଲେ, ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କହିଥିଲେ ଯେ, "ଥରେ ମୁଁ ଶୋଇଥିଲି ଯେ ମୁଁ ଦେଖିଲି ମୋର ଉଭୟ ହାତରେ ଦୁଇଟି କଡ଼ା ଅଛି ସେଗୁଡ଼ିକ ସୁନାର ଅଟନ୍ତି। ସେଗୁଡ଼ିକୁ ଦେଖି ମୋତେ କିଛି ଅପ୍ରୀତିକର ଭଳି ଜଣାପଡ଼ିଲା । ଫଳତଃ ମୋତେ ସ୍ୱପ୍ନରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ, ମୁଁ ସେଗୁଡ଼ିକ ଉପରେ ଫୁଙ୍କିବି । ଅତଏବ୍ ଯେତେବେଳେ ମୁଁ ଫୁଙ୍କିଲି ସେତେବେଳେ ସେହି ଦୁଇଟିଯାକ କଡ଼ା ଉଡ଼ିଗଲା । ତେଣୁ ମୁଁ ସ୍ୱପ୍ନରେ ଏହି ଭାବାର୍ଥ ତଥା ବ୍ୟାଖ୍ୟା କଲି ଯେ, ଦୁଇ ଜଣ ମିଥ୍ୟାବାଦୀ ହେବେ ଯିଏ ମୋ ପରେ ବାହାରିବେ । ଜଣେ ତ' ଅନ୍‌ସୀ ଏବଂ ଅନ୍ୟ ଜଣେ ହେଉଛି ମୁସୈଲ୍‌ମା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଘଟଣାରୁ ଜାଣିପାରିବ ଯେ, ଆଁହଜରତ୍ ସ.ଅଙ୍କର ଅଲ୍ଲାଃତାଲାଙ୍କ ଉପରେ କିପରି ବିଶ୍ୱାସ ଥିଲା ଏବଂ ଆପଣ ସ.ଅ ଅଲ୍ଲାଃତାଲାଙ୍କ ସାହାଯ୍ୟ ଉପରେ କିପରି ଆଶ୍ୱସ୍ତ ଥିଲେ ? ଆପଣ ସ.ଅଙ୍କ ଚାରିପାଖରେ ଅବିଶ୍ୱାସକାରୀମାନଙ୍କର ପ୍ରଭାବ ଥିଲା ଯେଉଁମାନେ ସବୁବେଳେ ଆପଣ ସ.ଅଙ୍କୁ କଷ୍ଟ ଦେଉଥିଲେ ଏବଂ ଯନ୍ତ୍ରଣା ଦେବାରେ ବ୍ୟସ୍ତ ରହୁଥିଲେ ଏବଂ ଯେଉଁ ଯେଉଁ ମାଧ୍ୟମରେ ସମ୍ଭବପର ହେଉଥିଲା ସେହି ସେହି ମାଧ୍ୟମରେ ସେମାନେ ଆପଣ ସ.ଅଙ୍କୁ କଷ୍ଟ ଦେଉଥିଲେ । କୈସର୍ ଓ କିସ୍ରା ମଧ ନିଜ ନିଜର ଶାସକମାନଙ୍କୁ ଆପଣ ସ.ଅଙ୍କ ମୁକାବିଲା ପାଇଁ ଆଦେଶ ଉପରେ ଆଦେଶ ପଠାଉଥିଲେ । ବନୀ ଗସ୍ସାନ୍ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ । ଇରାନୀୟମାନେ ଏହି ବୃଦ୍ଧି ପାଉଥିବା ଶକ୍ତିକୁ ଈର୍ଷା ଏବଂ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖୁଥିଲେ । ପ୍ରତ୍ୟେକ ସରକାର ଏହି ନୂତନ ଆନ୍ଦୋଳନ ଉପରେ ସନ୍ଦେହ ଏବଂ ସଂଶୟ ପ୍ରକାଶ କରୁଥିଲା। ଏଭଳି ସମୟରେ ଯେତେବେଳେ ପର୍ଯ୍ୟନ୍ତ ଏକ ବିରାଟ ସୈନ୍ୟବାହିନୀ ଆଁହଜରତ୍ ସ.ଅଙ୍କ ଚାରିପାଖରେ ଏକତ୍ରିତ ହୋଇ ନଥା'ନ୍ତା, ଆପଣ ସ.ଅଙ୍କ ପାଇଁ ନିଜ ଶତ୍ରୁମାନଙ୍କ ଆକ୍ରମଣରୁ ବର୍ତ୍ତିବା ବାସ୍ତବରେ କଷ୍ଟକର ବରଂ ଅସମ୍ଭବ ବୋଲି ଜଣାପଡୁଥିଲା । ମଦିନା ମୁନଓରା ଠାରୁ ମକ୍କା ମୁକରମା ପର୍ଯ୍ୟନ୍ତର ବିଜୟଗୁଡ଼ିକ ଆପଣ ସ.ଅଙ୍କୁ ପ୍ରତ୍ୟେକ ପାଖାପାଖି ସରକାରଙ୍କ ସମ୍ମୁଖରେ ଠିଆ କରି ଦେଇଥିଲା ଏବଂ ଦୂରଦର୍ଶୀ ଆଖିଗୁଡ଼ିକ ଆରମ୍ଭରୁ ହିଁ ଏହି ବୃଦ୍ଧି ପାଉଥିବା ଶକ୍ତିକୁ ଧ୍ୱଂସ କରିଦେବାର ଚିନ୍ତାରେ ଥିଲା କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ, ଏହି ଶକ୍ତି ଯଦି ଆହୁରି ଅଧିକ ବୃଦ୍ଧି ପାଏ, ତେବେ ଆମର ବଡ଼ ବଡ଼ ପ୍ରାସାଦ ଓ କୋଠାଗୁଡ଼ିକର ଅବସ୍ଥା ଶୋଚୟନୟ କରିଦେବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହାପରେ ଆଁହଜରତ୍ ସ.ଅ ଏହି ମହାନ୍ ପ୍ରଦର୍ଶନଗୁଡ଼ିକର ମୁକାବିଲା ପାଇଁ ଯାହା କିଛି ପ୍ରସ୍ତୁତି କରନ୍ତୁ ନା କାହିଁକି ତାହା କମ୍ ଥିଲା । ମାନବୀୟ ବୁଦ୍ଧି ଏଭଳି ପରିସ୍ଥିତିରେ ଯେପରି ବନ୍ଧୁ ଏବଂ ଶତ୍ରୁକୁ ନିଜ ସହିତ ମିଶାଇବାକୁ ଚାହିଁଥାଏ ଏବଂ ଯେଉଁ ଯେଉଁ ଉପାୟରେ ଅନ୍ୟମାନଙ୍କୁ ମଧ ନିଜ ସହିତ ସାମିଲ କରିବାକୁ ଚାହିଁଥାଏ ତାହା ଇତିହାସ ପାଠକମାନେ ସହଜରେ ବୁଝି ପାରିବେ । କିନ୍ତୁ "ମୋର ପ୍ରିୟ ଈଶ୍ୱର ପାର୍ଥିବ ନଥିଲେ ବରଂ ଆକାଶୀୟ ଥିଲେ । ବୃଦ୍ଧି ପାଉଥିବା ସୈନ୍ୟବାହିନୀ ଏବଂ ଦଉଡୁଥିବା ଓଟ, ଉଠୁଥିବା ବର୍ଚ୍ଛା ଏବଂ ଚମକୁଥିବା ଖଡ଼୍‌ଗଗୁଡ଼ିକ ତାହାଙ୍କ ଆଖିରେ କୌଣସି ଅସ୍ତିତ୍ୱ ରଖୁ ନଥିଲେ । ସେ ଆକାଶୀୟ ଦେବଦୂତନମାନଙ୍କର ଅବତରଣ ଦେଖୁଥିଲେ ଏବଂ ପୃଥିବୀ ଓ ଆକାଶର ସ୍ରଷ୍ଟା ତାଙ୍କ କାନରେ ପ୍ରତ୍ୟେକ ମୁହୂର୍ତ୍ତରେ ଆଶ୍ୱାସନାପୂର୍ଣ୍ଣ ବାଣୀ ପକାଉଥିଲେ । ତାଙ୍କର ମନ ବିଶ୍ୱାସରେ ପୂର୍ଣ୍ଣ ଏବଂ ହୃଦୟ ବିଶ୍ୱାସ ପରିପୂର୍ଣ୍ଣ ଥିଲା । ଅତଏବ୍ ପାର୍ଥିବ ସାଧନଗୁଡ଼ିକ ଉପରେ ଭରସା କରିବା ବଦଳରେ ତାଙ୍କର ଭରସା ଅଲ୍ଲାଃଙ୍କ ଉପରେ ଥିଲା । ତେବେ କୁହନ୍ତୁ, ସେ ଏହି ବିପଦଗୁଡ଼ିକରୁ କେବେ ଘାବରେଇ ଯାଇପାରିବେ ? ସେ ଅର୍ଥାତ୍ ଆଁହଜରତ୍ ସ.ଅ ମୁସୈଲ୍‌ମା ଏବଂ ତା'ର ସୈନ୍ୟବାହିନୀ ଉପରେ ମୁହୂର୍ତ୍ତକ ପାଇଁ ମଧ ଭରସା କରିବା ଉଚିତ୍ ବୋଲି ମନକଲେ ନାହିଁ ଏବଂ ସ୍ପଷ୍ଟ ଭାବରେ କହିଦେଲେ ଯେ, ଖିଲାଫତର ପ୍ରଲୋଭନ ଦେଇ ତୁମକୁ ନିଜ ସହିତ ମିଶାଇବା ଏବଂ ତୁମ ଜାତିର ସାହାଯ୍ୟ ପ୍ରାପ୍ତ କରିବା ତ' ଏକ ଅଲଗା ପ୍ରସଙ୍ଗ ଅଟେ । ଗୋଟିଏ ଖଜୁରୀ ଡାଳ ବଦଳରେ ମଧ ଯଦି ତୁମର ସମର୍ଥନ ପ୍ରାପ୍ତ କରିବାକୁ ପଡ଼େ ତେବେ ମଧ ମୁଁ ସେଥିପାଇଁ ଆଖି ଉଠାଇ ଦେଖିବି ନାହିଁ ।"

ଏହି ଆତ୍ମାଭିମାନୀ ମନର ଅବସ୍ଥା ଉପରେ ଟିକେ ବିଚାର କର । ସେହି ଭରସାକାରୀ ମନୁଷ୍ୟର ମର୍ଯ୍ୟାଦା ଉପରେ ଟିକେ ଦୃଷ୍ଟି ପକାଅ । ଏହି ବିଶ୍ୱାସରେ ପୂର୍ଣ୍ଣ ମନର ଅନୁଭୂତି ନିଜ ମନ ଭିତରେ ସୃଷ୍ଟି କରି ଟିକେ ଦେଖ ଯେ, କେଉଁ ବିଶ୍ୱାସ ଏବଂ ଭରସା ଅଧୀନରେ ସେ ମୁସୈଲ୍‌ମାକୁ ଉତ୍ତର ଦେଉଛନ୍ତି । କୌଣସି ରାଜା କ'ଣ ଏଭଳି ସମୟରେ ଏହି ସାହସ ଏବଂ ବୀରତ୍ୱକୁ ପ୍ରୟୋଗ କରିପାରିବ ? କ'ଣ ଇତିହାସ କୌଣସି ମାଂସ ଓ ଚର୍ମରେ ତିଆରି ମନୁଷ୍ୟକୁ ଏଭଳି ପରିସ୍ଥିତିରୁ ଏତେ ନିରାପଦରେ ବାହାରି ଆସୁଥିବାର ଦେଖାଇପାରିବ ? ଯଦି ନୁହେଁ ତେବେ ଏହାର କାରଣ କ'ଣ ? ଏହାର କାରଣ କେବଳ ଏତିକି ହିଁ ଯେ, ଆପଣ ସ.ଅଙ୍କ ଜୀବନ ସହିତ ମୁକାବିଲା କରିବା ହିଁ ଭୁଲ୍ ଅଟେ ।

କାରଣ ଆପଣ ସ.ଅ ବାର୍ତ୍ତାବହ ତଥା ମହାବତାର ଥିଲେ । ଯଦି ଆପଣ ସ.ଅଙ୍କ ମୁକାବିଲା କରାଯାଇପାରେ ତେବେ ଅବତାରମାନଙ୍କ ସହିତ ମଧ କରାଯାଇପାରିବ । କିନ୍ତୁ ଯେଉଁ ମର୍ଯ୍ୟାଦା ଆପଣ ସ.ଅଙ୍କୁ ପ୍ରାପ୍ତ ହୋଇଛି ତାହାର ଦୃଷ୍ଟାନ୍ତ ଅବତାରମାନଙ୍କ ମଧରେ ମଧ ଦେଖିବାକୁ ମିଳେ ନାହିଁ । କାରଣ ଆପଣ ସ.ଅଙ୍କୁ ସମସ୍ତ ନବୀମାନଙ୍କ ଉପରେ ଶ୍ରେଷ୍ଠତା ପ୍ରାପ୍ତ ଅଛି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ଏଠାରେ ଏହା ମଧ ସ୍ମରଣ ରଖିବା ଉଚିତ୍ ଯେ, ମୁସୈଲ୍‌ମାକୁ ଉତ୍ତର ଦେବା ସମୟରେ ରସୁଲ୍ କରୀମ୍ ସ.ଅଙ୍କର ଏହା ଉଦ୍ଦେଶ୍ୟ ନଥିଲା ଯେ, **ନାଉଜୁବିଲ୍ଲାଃ** (ଆମେମାନେ ପ୍ରଭୁଙ୍କ ଶରଣଭିକ୍ଷା କରୁଛୁ) ଆପଣ ସ.ଅ ଶାସନର ଅଧିକାରକୁ ନିଜ ସନ୍ତାନମାନଙ୍କ ପାଇଁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ । କାରଣ ଯଦି ଏପରି ହୋଇଥାଆନ୍ତା ତେବେ ଆପଣ ସ.ଅଙ୍କ ଅସ୍ୱୀକାରକୁ 'ତୱକ୍କୁଲ୍ ଅଲଲ୍ଲାଃହ' (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା) କାରଣରୁ ନୁହେଁ ବରଂ ନିଜ ସନ୍ତାନଙ୍କ ପ୍ରତି ପ୍ରେମ କାରଣରୁ ବୋଲି ଧରାଯାଇଥାଆନ୍ତା । କିନ୍ତୁ ରସୁଲ୍ କରୀମ୍ ସ.ଅ ନିଜ ସନ୍ତାନମାନଙ୍କୁ ନିଜ ପରେ ନିଜର ଉତ୍ତରାଧିକାରୀ କରି ନଥିଲେ ବରଂ ହଜରତ୍ ଅବୁ ବକର୍ ର.ଅଙ୍କ ଖିଲାଫତ୍ ଆଡ଼କୁ ଇଙ୍ଗିତ କରିଥିଲେ ଯହିଁରୁ (ଯେଉଁଥିରୁ) ଏହା ଜଣାପଡ଼େ ଯେ, ଆପଣ ସ.ଅଙ୍କ ଅସ୍ୱୀକାର କୌଣସି ପାର୍ଥିବ ଉଦ୍ଦେଶ୍ୟ ପାଇଁ ନଥିଲା ବରଂ ଏକ ଅସୀମ ବିଶ୍ୱାସର ପରିଣାମ ଥିଲା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ,"ସେହିପରି ଏହା ମଧ ସ୍ମରଣ ରଖିବା ଉଚିତ୍ ଯେ ମୁସୈଲ୍‌ମା କଜ୍ଜାବ୍‌ର ସାହାଯ୍ୟ ପ୍ରାପ୍ତ କରିବା ପ୍ରକୃତରେ ଧାର୍ମିକ ଦୃଷ୍ଟିକୋଣରୁ ମଧ କ୍ଷତିକାରକ ନଥିଲା କାରଣ ଯଦି ସେ ଏହି ସର୍ତ୍ତ ରଖିଥାଆନ୍ତା ଯେ, ମୁଁ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ଏହି ସର୍ତ୍ତରେ କରୁଛି ଯେ ଆପଣ ସ.ଅ ଅମକ ଅମକ ଧାର୍ମିକ କଥାରେ ମୋ ସର୍ତ୍ତକୁ ସ୍ୱୀକାର କରିନେବେ ତେବେ ମଧ ଏହା କୁହାଯାଇ ପାରିଥାଆନ୍ତା ଯେ, ନିଜ କଥାର ଜିଦ୍' ତଥା ପକ୍ଷପାତିତା କାରଣରୁ ଆପଣ ସ.ଅ ତା'ର ଦାବିକୁ ଅସ୍ୱୀକାର କରିଦେଲେ।" ଅର୍ଥାତ୍ ସେ ଯାହା କହିଥିଲା କେବଳ ତାହାକୁ ରକ୍ଷା କରିବା ପାଇଁ ଆପଣ ଅସ୍ୱୀକାର କରିଦେଲେ । କିନ୍ତୁ ସେ କୌଣସି ଏଭଳି କଥା କହି ନଥିଲା ଯେଉଁଥିରୁ ଜଣାପଡ଼େ ଯେ, ସେ ଧର୍ମରେ ପରିବର୍ତ୍ତନ ଚାହୁଁଥିଲା । ତେଣୁ ଆପଣ ସ.ଅଙ୍କର ଅସ୍ୱୀକାର କେବଳ ସେହି ଭରସା ଏବଂ ବିଶ୍ୱାସର ହିଁ ପରିଣାମ ଥିଲା ଯାହା ଆପଣ ସ.ଅଙ୍କର ଅଲ୍ଲାଃତାଲାଙ୍କ ଉପରେ ରହିଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଉ ଏକ କଥା ମଧ ସ୍ମରଣଯୋଗ୍ୟ ଅଟେ ଯେ, ଆପଣ ସ.ଅ ଯଦି ଚାହିଁଥାଆନ୍ତେ ତେବେ ଆପଣ ସ.ଅ ସେହି ସମୟରେ ମୁସୈଲ୍‌ମାକୁ ଧରି ମାରି ଦେଇଥାଆନ୍ତେ । କାରଣ ଯଦିଓ ସେ ଏକ ବିରାଟ ଜମାଅତ୍ ସହିତ ଆସିଥିଲା କିନ୍ତୁ ତଥାପି ମଦିନାରେ ଥିଲା ଏବଂ ଆପଣ ସ.ଅଙ୍କ ହାତ ମୁଠା ଭିତରେ ଥିଲା କିନ୍ତୁ ଏହି ପ୍ରସଙ୍ଗରେ ମଧ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଉପରେ ଭରସା କଲେ ଯେ, ସେ ନିଜେ ହିଁ ଏହି କଷ୍ଟଦାୟକ ବ୍ୟକ୍ତିକୁ ଧ୍ୱଂସ କରିବେ । اَللّٰھُمَّ صَلِّ عَلٰی مُحَمَّدٍ وَّعَلٰی اٰلِ مُحَمَّدٍ وَّبَارِکْ وَسَلِّمْ اِنَّکَ حَمِیْدٌ مَّجِیْدٌ ।

**(ସିରତୁନ୍ ନବୀ ସ.ଅ, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-1, ପୃ-500-504)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ନମାଜ୍ ପରେ କେତେକ ବ୍ୟକ୍ତିଙ୍କ ଯନାଜାଃ ଗାଏବ୍ (ଅନୁପସ୍ଥିତ ପାର୍ଥିବ ଶରୀରର ନମାଜ୍ ପାଠ) ପାଠ କରାଇବି । ଯେଉଁ ମୃତକ ବ୍ୟକ୍ତିମାନଙ୍କର ଉଲ୍ଲେଖ ରହିଛି ତନ୍ମଧରେ ପ୍ରଥମ ମୃତକ ହେଉଛନ୍ତି ଶ୍ରୀଯୁକ୍ତ ମିର୍ଜା ସଫ୍‌ଦର୍ ମହ୍‌ମୁଦ୍ ସାହେବଙ୍କ ସୁପୁତ୍ର ସ୍ୱର୍ଗତ ଗୁଲାମ ରସୁଲ୍ ସାହେବ୍ । ସେ ମଣ୍ଡି ବାହାଉଦ୍ଦିନ୍‌ର ବାସିନ୍ଦା ଥିଲେ। ତାଙ୍କୁ ଗତ କିଛି ଦିନ ତଳେ ସେପ୍ଟେମ୍ବର ମାସ 2 ତାରିଖରେ ମଣ୍ଡି ବାହାଉଦ୍ଦିନ୍ ଠାରେ ଶହୀଦ କରିଦିଆଗଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । କୌଣସି ଅଜ୍ଞାତ ବ୍ୟକ୍ତି ପଛରୁ ପିଛା କରି ଫାୟାରିଂ କରି ତାଙ୍କୁ ଶହୀଦ୍ କରିଦେଲା । ଶହୀଦ୍ ହେବା ସମୟରେ ସ୍ୱର୍ଗତଙ୍କ ବୟସ ପଞ୍ଚଷଠି (65) ବର୍ଷ ଥିଲା । ପ୍ରାପ୍ତ ବିବରଣୀ ଅନୁସାରେ ସେହି ଦିନ ଅର୍ଥାତ୍ ଯେଉଁଦିନ ଏହି ଘଟଣା ଘଟିଲା ସେଦିନ ମିର୍ଜା ସଫ୍‌ଦର୍ ମହ୍‌ମୁଦ୍ ସାହେବ୍ ନିଜ କାର୍ଯ୍ୟାଳୟ (ୱାର୍କସପ୍)ରୁ ମଗ୍ରିବ୍ ନମାଜ୍ ପାଠ କରିବା ପାଇଁ ମୋଟର୍ ସାଇକେଲ୍ ଯୋଗେ (ମୋଟର ସାଇକେଲରେ) ବାହାରିଥିଲେ ଏବଂ ରାସ୍ତାରେ ଏକ ଜନଶୂନ୍ୟ ସ୍ଥାନ ଆସିଲା । ସେଠାରୁ ଯିବା ସମୟରେ କୌଣସି ଅଜ୍ଞାତ ବ୍ୟକ୍ତି ମୋଟର ସାଇକେଲ୍‌ର ପିଛା କରି ପଛରୁ ଗୁଳି ଚଲାଇଲା ଏବଂ ସ୍ୱର୍ଗତଙ୍କ ଦେହରେ ତିନୋଟି ଗୁଳି ବାଜିଲା । ଯଦ୍ଦ୍ୱାରାକି ଘଟଣାସ୍ଥଳରେ ହିଁ ସେ ପ୍ରାଣ ହରାଇଥିଲେ । ଘଟଣା ପରେ ଆକ୍ରମଣକାରୀ ତ' ଫେରାର୍ ହୋଇଗଲା । ସ୍ୱର୍ଗତ ଶହୀଦ୍‌ଙ୍କ ପରିବାରରେ ଅହମଦିୟତ୍‌ର ପ୍ରବେଶ ଆପଣଙ୍କ ନାନୀ ମା' (ଆଈ ମା) ହୁସୈନ୍ ବିବି ସାହିବା ଅଫ୍ ଖାରିୟାଁ ଜିଲ୍ଲା ଗୁଜରାଟ୍‌ଙ୍କ ମାଧମରେ ହୋଇଥିଲା । ଲୋକଙ୍କ ପରିବାରରେ ପୁରୁଷମାନଙ୍କ ମାଧମରେ ପ୍ରବେଶ ହୋଇଥାଏ କିନ୍ତୁ ଏଠାରେ ଜଣେ ମହିଳାଙ୍କ ମାଧମରେ ସେମାନଙ୍କ ପରିବାରକୁ ଅହମଦିୟତ୍ ଆସିଥିଲା । ସେ ଖିଲାଫତେ ସାନିୟା (ଦ୍ୱିତୀୟ ଖିଲାଫତ୍)ର ପ୍ରାରମ୍ଭିକ ଯୁଗରେ ବୈଅତ୍ ଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ପରେ ନାନୀ ମା' ହୁସୈନ୍ ବିବି ସାହିବାଙ୍କ ପ୍ରେରଣା ଏବଂ ତବ୍‌ଲିଗ୍ (ପ୍ରଚାର) ଦ୍ୱାରା ସ୍ୱର୍ଗତ ଶହୀଦଙ୍କ ଦଦା ଶ୍ରୀଯୁକ୍ତ ନୱାବ୍ ଦୀନ୍ ସାହେବ୍ ଯିଏ ପାରସ୍ପରିକ ସମ୍ପର୍କୀୟ ଥିଲେ ସେ ମଧ ବୈଅତ୍ କରିନେଲେ । ନିଜ ଅଞ୍ଚଳରେ ଶହୀଦ୍ ଜଣେ ପ୍ରମୁଖ ଅହମଦୀ ଥିଲେ ଏବଂ ନିଜ ପେଷା ଓ ଦକ୍ଷତା ଦୃଷ୍ଟିରୁ ସେ ଏକ ସ୍ୱତନ୍ତ୍ର ପରିଚୟ ଅଧିକାର କରିଥିଲେ । ସେ ଜଣେ ମେକାନିକ୍ ଥିଲେ ଏବଂ ତାଙ୍କର ନିଜର ୱାର୍କସପ୍ ଥିଲା । ଭଲ ବ୍ୟବସାୟ ଥିଲା । ସେ ସତ୍ୟବାଦୀତା, ନିୟମାନୁବର୍ତ୍ତୀ ଏବଂ ମିଛ ପ୍ରତି ଘୃଣା କରୁଥିଲେ । ଏହା ତାହାଙ୍କର ପ୍ରମୁଖ ତଥା ଅନନ୍ୟ ଗୁଣ ଥିଲା । ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଅତ୍ୟନ୍ତ ପ୍ରସନ୍ନତା ଏବଂ ପ୍ରେମର ସହିତ ସାକ୍ଷାତ୍ କରୁଥିଲେ । ବହୁତ ଆଦରର ସହିତ ସଲାମ୍ (ନମସ୍କାର) କରୁଥିଲେ । ତାଙ୍କ ଦୋକାନରୁ କୌଣସି ପ୍ରାର୍ଥୀ କେବେବି ଖାଲି ହାତରେ ଫେରୁ ନଥିଲା ।

ହୁଜୁର୍ ଅନୱର୍ ଅ.ବ କହିଲେ, ସ୍ୱର୍ଗତ ଶହୀଦ୍‌ଙ୍କ ଧର୍ମପତ୍ନୀ ନୱିଦା ସାହିବା ବର୍ଣ୍ଣନା କରନ୍ତି ଯେ, ମୋ ସ୍ୱାମୀଙ୍କ ମନରେ ଖିଲାଫତ୍ ପ୍ରତି ଅସୀମ ପ୍ରେମ ରହିଥିଲା । ପଞ୍ଚବେଳା ନମାଜ୍ ବ୍ୟତୀତ ତହଜ୍ଜୁଦ୍ ଗୁଜାର୍ (ରାତ୍ରୀକାଳୀନ ନମାଜ୍) ଏବଂ ନିୟମିତ ଭାବରେ ଏମ.ଟି.ଏ. (MTA)ର କାର୍ଯ୍ୟକ୍ରମରୁ ଉପକୃତ ହେଉଥିଲେ । ପ୍ରତି ମାସର ପ୍ରଥମ ତାରିଖରେ ନିଜ ଆୟର ହିସାବ ସମ୍ପୂର୍ଣ୍ଣ କରି ସେକ୍ରେଟାରୀ ମାଲ୍‌ଙ୍କ ସହିତ ଯୋଗାଯୋଗ କରି ନିୟମିତ ଭାବରେ ଚନ୍ଦା ପୈଠ କରୁଥିଲେ । ସେକ୍ରେଟାରୀ ମାଲ୍‌ଙ୍କ ଘରକୁ ଯାଇ ନିଜେ ଚାନ୍ଦା ଦେଉଥିଲେ । ପ୍ରତିଦିନ ନିୟମିତ ଭାବରେ ସଦ୍‌କା ଦେଉଥିଲେ। ପ୍ରତି ମାସରେ ଛେଳୀର ସଦ୍‌କା ମଧ କରୁଥିଲେ । ମସ୍‌ଜିଦ୍‌ର ଏବଂ ଅନ୍ୟାନ୍ୟ ଆର୍ଥିକ ଆହ୍ୱାନଗୁଡ଼ିକରେ ପ୍ରଥମେ ନିଜ ଅଂଶ ପକାଉଥିଲେ । ନିଜାମେ ୱସିୟତ୍ (ଓସିୟତ୍ ବ୍ୟବସ୍ଥା)ରେ ନିଜେ ମଧ ସାମିଲ୍ ଥିଲେ ଏବଂ ସମସ୍ତ ପରିବାରବର୍ଗଙ୍କୁ ମଧ ନିଜାମେ ୱସିୟତ୍‌ରେ ସାମିଲ କରାଇଥିଲେ । ସେ କର୍ମଚାରୀମାନଙ୍କର ମଧ ବହୁତ ଯତ୍ନ ନେଉଥିଲେ। ସେମାନଙ୍କୁ କୌଣସି ଆବଶ୍ୟକତା ପଡ଼ିଲେ, ଅର୍ଥାତ୍ ଆର୍ଥିକ ଆବଶ୍ୟକତା ହେଉ କିମ୍ବା କେହି ଅସୁସ୍ଥ ହେଲେ ସେ ତାହା ପୂର୍ଣ୍ଣ କରୁଥିଲେ । ସେମାନଙ୍କ ପିଲାମାନଙ୍କର ଯତ୍ନ ମଧ ନେଉଥିଲେ, ସେମାନଙ୍କ ଖର୍ଚ୍ଚଗୁଡ଼ିକୁ ପୂରଣ କରିବାର ଚେଷ୍ଟା ମଧ କରୁଥିଲେ, ତାଙ୍କର ଏକ ୱାର୍କସପ୍ ଥିଲା ଲୋକମାନେ ସାଧାରଣତଃ ରୋଜଗାର କରିବା ଆଡ଼କୁ ଧାନ ଦିଅନ୍ତି । କିନ୍ତୁ ଯଦି କୌଣସି ଯାତ୍ରୀଙ୍କ ଗାଡ଼ି ଖରାପ ହୋଇଯାଉଥିଲା ତେବେ ବହୁତ କମ୍ ମଜୁରୀରେ ସେ କାମ କରେ ଦେଉଥିଲେ । ବେଳେବେଳେ ତ' କେତେକ ଲୋକଙ୍କ କାମ ମାଗଣାରେ କରି ଦେଉଥିଲେ । ଯେତେ ବ୍ୟସ୍ତତା ଥିଲେ ମଧ ଜମାଅତୀୟ ପ୍ରୋଗ୍ରାମଗୁଡ଼ିକୁ (କାର୍ଯ୍ୟକ୍ରମକୁ) ପ୍ରାଥମିକତା ଦେଉଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜିଲ୍ଲା ମଣ୍ଡି ବାହାଉଦ୍ଦିନ୍‌ର ଆମୀର୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ଶହୀଦ୍ ଶାହାଦତ ସମୟରେ ନାଏବ୍ ଆମୀର୍ ଜମାଅତ, ସେକ୍ରେଟାରୀ ଜାଏଦାଦ୍ (ସମ୍ପତ୍ତି ସେକ୍ରେଟାରୀ), ନାଏବ୍ ଜଇମ୍ ଅନ୍‌ସାରୁଲ୍ଲାଃ, ମୁନ୍‌ତଜିମ୍ ମାଲ୍ ଅନ୍‌ସାରୁଲ୍ଲାଃ,ମଣ୍ଡି ବାହାଉଦ୍ଦିନ୍ ସହରର ସେବା କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ବହୁତଗୁଡ଼ିକ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ମସ୍‌ଜିଦ୍‌ର ପରିଚାଳନା ଦାୟିତ୍ୱ ମଧ ତାଙ୍କ ଉପରେ ନ୍ୟସ୍ତ ଥିଲା ଏବଂ ଚାବି ମଧ ତାଙ୍କ ପାଖରେ ଥିଲା । ପ୍ରତ୍ୟେକ ନମାଜ୍‌ରେ ଯାଇ ସେ ମସ୍‌ଜିଦ୍ ଖୋଲୁଥିଲେ । ବ୍ୟବସାୟୀ ଲୋକମାନେ ସାଧାରଣତଃ ଏହି ଆଡ଼କୁ ଧାନ ଦିଅନ୍ତି ନାହିଁ କିନ୍ତୁ ସେ ପ୍ରତ୍ୟେକ ନମାଜ୍‌ର ଯଥା ସମୟରେ ଯାଇ ମସ୍‌ଜିଦ୍ ଖୋଲୁଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଜଫ୍ଫର୍ ମହ୍‌ମୁଦ୍ ସାହେବ୍ ଜଣେ ମୁରବୀ ସିଲ୍‌ସିଲା (ମିଶ୍‌ନାରୀ) ଅଟନ୍ତି । ସେ କୁହନ୍ତି ଯେ, ସେ (ସ୍ୱର୍ଗତ) ମୋତେ କହିଥିଲେ ଯେ, ମୁଁ ଗତ 25 ବର୍ଷ ହେବ ପ୍ରତିଦିନ ୱାର୍କସପ୍‌କୁ ଆସିବା ପୂର୍ବରୁ ଦୁଇ ରକାତ୍ ନଫିଲ୍ ନମାଜ୍ ପାଠ କରିଥାଏ । ସ୍ୱର୍ଗତ ଶହୀଦ୍‌ଙ୍କ ପରିବାରରେ ଧର୍ମପତ୍ନୀ ଶ୍ରୀମତି ନୱିଦା ସଫ୍‌ଦର୍ ସାହିବାଙ୍କ ବ୍ୟତୀତ ଦୁଇ ପୁଅ କାମ୍‌ରାନ୍ ସଫ୍‌ଦର୍ ଏବଂ ଲୁକ୍‌ମାନ୍ ସଫ୍‌ଦର୍ ସାମିଲ ଅଛନ୍ତି । ଏମାନେ ବିବାହିତ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତ ଶହୀଦ୍‌ଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ଜନ୍ନତୁଲ୍ ଫିରଦୌସ୍‌ରେ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ । **ଆମିନ୍** । ସମସ୍ତ ପରିବାରବର୍ଗଙ୍କୁ ସବରେ ଜମିଲ୍ (ଧୈର୍ଯ୍ୟ) ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ସାହାଯ୍ୟକାରୀ ହୁଅନ୍ତୁ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ଅଜିଜା ଉମ୍ମୁଲ୍ ଅଜୀଜ୍ ତାହା ସାହେବାଙ୍କର । ଗତ କିଛି ଦିନ ତଳେ ବାଷଠି (62) ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** । ଗତ କିଛି ଦିନ ହେବ ସେ ବହୁତ ଅସୁସ୍ଥ ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସେ ଜଣେ ମୁସିୟା (ଓସିୟତ୍‌କାରୀଣୀ) ମହିଳା ଥିଲେ । ହଜରତ୍ ମୁସ୍‌ଲେହ୍ ମଉଦ୍ ର.ଅ ଏବଂ ହଜରତ୍ ସୟେଦା ଉମ୍ମେ ତାହିର୍ ସାହିବାଙ୍କ ନାତୁଣୀ ଥିଲେ ଏବଂ ସାହେବଜାଦୀ ଉମ୍ମୁଲ୍ ହକୀମ୍ ସାହିବା ଏବଂ ଶ୍ରୀଯୁକ୍ତ ସୟେଦ ଦାଉଦ୍ ମୁଜଫ୍ଫର୍ ଶାହା ସାହେବ୍‌ଙ୍କ ଝିଅ ଥିଲେ । ସୟେଦ୍ ଦାଉଦ୍ ମୁଜଫ୍ଫର୍ ଶାହା ସାହେବ୍ ଉମ୍ମେ ତାହିର୍‌ଙ୍କ ଭାଇଙ୍କ ପୁଅ ଏବଂ ସୟେଦ୍ ମହ୍‌ମୁଦୁଲ୍ଲାଃ ଶାହ୍ ସାହେବ୍‌ଙ୍କ ପୁଅ ଥିଲେ । ସେ ମୋର ମାମୁଁ ଝିଅ ଭଉଣୀ ମଧ ଥିଲେ ଏବଂ ମୋ ପତ୍ନୀଙ୍କର ସବୁଠାରୁ ସାନ ଭଉଣୀ ଥିଲେ । ସ୍ୱର୍ଗତାଙ୍କର ନିକାହ୍ ହ. ଖଲିଫତୁଲ୍ ମସିହ୍ ରାବି ର.ଅ ଖାଲିଦ୍ ଜୋଫର୍ ସାହେବ୍‌ଙ୍କ ସହିତ ପାଠ କରାଇଥିଲେ । ତାଜୋଫାର ସାହେବଙ୍କ ପ୍ରଥମ ପତ୍ନୀଙ୍କର ବିୟୋଗ ହୋଇଥିଲା ଏବଂ ଅଜିଜା ଉମ୍ମୁଲ୍ ଅଜୀଜ୍‌ଙ୍କ ସହିତ ତାଙ୍କର ଦ୍ୱିତୀୟ ବିବାହ ହୋଇଥିଲା । ଅଲ୍ଲାଃତାଲା ସ୍ୱର୍ଗତାବାଙ୍କୁ ଦୁଇଟି ପୁତ୍ର ସନ୍ତାନ ଦ୍ୱାରା ପ୍ରଦାନ କରିଥିଲେ ଏବଂ ଉଭୟ ପୁଅ ଯୋଗ୍ୟ ଅଟନ୍ତି । ଓକିଲାତି ପାସ୍ କରି ଜଣେ ତ' ୱାକିଫେ ଜିନ୍ଦଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି ଏବଂ ରବ୍‌ୱାରେ ନଜାରତ୍ ଉମୁରେ ଆମ୍ମାରେ କାମ କରୁଛନ୍ତି ଏବଂ ଜଣେ ଭଲ ଯୋଗ୍ୟ ଓକିଲ ମଧ ଅଟନ୍ତି । ଅନ୍ୟ ଜଣେ ହେଉଛନ୍ତି ହାଶିର୍ ଜୋଫର୍ ସାହେବ । ପ୍ରଥମ ପୁଅ ହେଉଛନ୍ତି ମହ୍‌ମୁଦ୍ ଇଫ୍‌ତିଖାର୍ ଏବଂ ଦ୍ୱିତୀୟ ପୁଅ ହେଉଛନ୍ତି ହାଶିର୍ ଅହମଦ୍ ସାହେବ । ଏମାନେ ମଧ ଜର୍ମାନୀରେ ପାଠ ଶେଷ କରିଛନ୍ତି ଏବଂ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି । ନିଜ ମାତାଙ୍କର ମଧ ଉଭୟ ପୁଅ ଯଥାସାଧ ବହୁତ ସେବା ମଧ କରିଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ପୁରସ୍କୃତ କରନ୍ତୁ ଏବଂ ଆଗକୁ ମଧ ମାତାଶ୍ରୀଙ୍କ ଦୁଆର ଅଧିକାରୀ କରନ୍ତୁ ଏବଂ ସତ୍‌କାର୍ଯ୍ୟଗୁଡ଼ିକ ଉପରେ ଅଟଳ ରଖନ୍ତୁ । ସ୍ୱର୍ଗତାଙ୍କ ଜୀବନ ଯଦିଓ ବହୁତ କଷ୍ଟରେ ଅତିବାହିତ ହୋଇଛି କିନ୍ତୁ ବହୁତ

ଧୈର୍ଯ୍ୟର ସହିତ ସେ ଜୀବନ ଅତିବାହିତ କରିଛନ୍ତି । ମୁଁ ତାଙ୍କ ପରି ଧୈର୍ଯ୍ୟଶୀଳା ମହିଳା ଖୁବ୍ କ୍ୱଚିତ୍ ଦେଖିଛି । ସ୍ୱର୍ଗତାଙ୍କ ଭାଇ ସୟେଦ୍ ଖାଲିଦ୍ ଅହମଦ ଶାହ୍ ସାହେବ୍ କୁହନ୍ତି ଯେ, ଆମର ଏହି ଭଉଣୀ ନିଜ ପିତାମାତାଙ୍କର ବହୁତ ସେବା କରିଛନ୍ତି ଏବଂ ମାଆଙ୍କର ବିୟୋଗ ପରେ ତ' ବାପାଙ୍କର ବହୁତ ସେବା କରିଛନ୍ତି । ସହାନୁଭୂତି ଏବଂ ଦରିଦ୍ର ପ୍ରେମରେ ନିଜ ମାଆଙ୍କର ପଦାଙ୍କ ଅନୁସରଣ କରୁଥିଲେ । ଖିଲାଫତ୍ ପ୍ରତି ପ୍ରେମ ଏବଂ ଆନ୍ତରୀକତା ଅତୁଳନୀୟ ଥିଲା । ପିଲାମାନଙ୍କର ଲାଳନପାଳନ ମଧ୍ୟ ଉତ୍ତମ ଢଙ୍ଗରେ କଲେ । ତାଙ୍କର ଏକ ଗୁଣ ଥିଲା ଯେ, ସେ କାହା ବିରୁଦ୍ଧରେ କୌଣସି କଥା କହୁ ନଥିଲେ ଏବଂ ଶୁଣୁ ମଧ୍ୟ ନଥିଲେ । ନିଜ ମନକୁ ପବିତ୍ର ରଖୁଥିଲେ । କାହାକୁ କଷ୍ଟ ପାଉଥିବା ଦେଖିପାରୁ ନଥିଲେ । ନିଜ କଷ୍ଟକୁ ସହ୍ୟ କରିବାର ସାହସ ଏବଂ ଧୈର୍ଯ୍ୟ ବହୁତ ଥିଲା। ଯେପରିକି ମୁଁ କହିଲି ଯେ, ସେ ବହୁତ ଧୈର୍ଯ୍ୟଶୀଳୀ ମହିଳା ଥିଲେ । ଝଗଡ଼ାରୁ ବର୍ତ୍ତିବା ପାଇଁ ନିଜକୁ ଗଣ୍ଡଗୋଳରୁ ଅଲଗା କରି ଦେଇଥିଲେ । ଲୋକମାନେ ତାଙ୍କ ସଂପର୍କରେ ଭୁଲ୍ କଥା ମଧ୍ୟ କହିଲେ ଏବଂ ଭୁଲ୍ ମନ୍ତବ୍ୟ ମଧ୍ୟ ଦେଇଥିଲେ । କିନ୍ତୁ ସେ କାହା ସହିତ ଝଗଡ଼ା କଲେ ନାହିଁ। ପ୍ରତ୍ୟେକ ସ୍ଥାନରେ କିଛି ନା କିଛି ବିରୋଧାଚରଣ ଏବ ମନୋମାଳିନ୍ୟ ଥାଏ । ସେ ଯାହାହେଉ ସେ କାହାକୁ ଜବାବ୍ (ଉତ୍ତର) ଦେଲେ ନାହିଁ, ଝଗଡ଼ା କଲେ ନାହିଁ ଏବଂ କାହାକୁ ଭାବପ୍ରବଣମୂଳକ (ଉତ୍କ୍ଷିପ୍ତ ହୋଇ) କ୍ଷତି ପହଞ୍ଚାଇଲେ ନାହିଁ । ଅନ୍ୟମାନଙ୍କ କଷ୍ଟ ତାଙ୍କୁ ସହ୍ୟ ହେଉ ନଥିଲା । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ଅସ୍ଥିର ରହୁଥିଲେ । ଛୋଟ ପିଲାମାନଙ୍କୁ ସେ ବହୁତ ଭଲ ପାଉଥିଲେ । ବହୁତ ଆତ୍ମସମ୍ମାନୀ ଥିଲେ । ନିଜ ଆବଶ୍ୟକତାକୁ ନିଜ ମନ ଭିତରେ ଲୁଚାଇ ରଖୁଥିଲେ । କାହା ଆଗରେ ପ୍ରକାଶ କରୁ ନଥିଲେ । ଅଲ୍ଲାଃତାଲାଙ୍କ ଉପରେ ଅସାଧାରଣ ତଥା ଅଗାଧ ଭରସା ରହିଥିଲା ଏବଂ ଅଲ୍ଲାଃତାଲା ମଧ୍ୟ ତାଙ୍କ ଆତ୍ମସମ୍ମାନର ମର୍ଯ୍ୟାଦା ରଖୁଥିଲେ ଏବଂ ଆଦୃଷ୍ଟରୁ ତାଙ୍କ ପାଇଁ ସାଧନ ଯୋଗାଇ ଦେଉଥିଲେ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ତାଙ୍କ ଭଉଣୀ ଅମତୁର୍ ରଉଫ୍ ସାହେବା ଯିଏ ସ୍ୱର୍ଗତ ଡାକ୍ତର ତାସୀର୍ ମୁଜ୍ତବା ସାହେବଙ୍କ ପତ୍ନୀ ଅଟନ୍ତି, ସେ କୁହନ୍ତି, ଆମର ଭଉଣୀ ବହୁତ ନିରବ ପ୍ରକୃତିର, କାହାରିକୁ କ୍ଷତି ନ ପହଞ୍ଚାଉଥିବା, ଧୈର୍ଯ୍ୟଶୀଳା, ଅତ୍ୟନ୍ତ ଆତ୍ମସମ୍ମାନୀ ପ୍ରକୃତିର ଅଧିକାରିଣୀ ଥିଲେ । ଅଭାବିମାନଙ୍କର ଯତ୍ନ ନେଉଥିବା, ଅଧିକ ସଦ୍କା (ଦାନ ଧର୍ମ) କରୁଥିବା ମହିଳାଟିଏ ଥିଲେ । ଖିଲାଫତ୍ ପ୍ରତି ଅସାଧାରଣ ଆଦର ଏବଂ ସମ୍ମାନ ପ୍ରଦର୍ଶନ କରୁଥିବା ମହିଳା ଥିଲେ । କେହି ଯଦି କୌଣସି କଥା କହି ଦେଉଥିଲା ତେବେ ସେ ତୁରନ୍ତ ମାନିଯାଉଥିଲେ । ଯେତେବେଳେ ସେ ଅସୁସ୍ଥ ହେଲେ ସେତେବେଳେ ସେ ଅନୁଭବ କରିଥିଲେ ଯେ, ମୁଁ ଏଭଳି ରୋଗରେ ପ୍ରପୀଡ଼ିତ ଅଛି ଯେ, ବର୍ତ୍ତମାନ ବଞ୍ଚିବା କଷ୍ଟକର ଅଟେ । ହସ୍ପିଟାଲ୍ ଯିବାର କୌଣସି ଲାଭ ନାହିଁ । କିନ୍ତୁ ମୁଁ ତାଙ୍କୁ କହିଲି ଯେ, ଆପଣ ହସ୍ପିଟାଲ୍ ଯାଆନ୍ତୁ ଏବଂ ଚିକିତ୍ସା କରାନ୍ତୁ । ପ୍ରଥମେ ତ' ସେ ତୁରନ୍ତ ଅସ୍ୱୀକାର କରିଥିଲେ ଏବଂ ପରେ ମାନିଗଲେ ଓ ହସ୍ପିଟାଲ୍ ଯାଇ ଚିକିତ୍ସା ମଧ୍ୟ କରାଇଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ତାଙ୍କ ପୁଅ ମହ୍ମୁଦ୍ ଇଫ୍ତିଖାର୍ ସାହେବ କୁହନ୍ତି ଯେ, ମା' ମୋତେ ଉପଦେଶ ଦେଇ କହୁଥିଲେ ଯେ ତୁମର ହ. ମସିହ୍ ମଉଦ୍ ଙ୍କ ପରିବାର ସହିତ ସମ୍ପର୍କ ଅଛି । ତେଣୁ ଏହି କାରଣରୁ ତୁମର ଦ୍ୱିଗୁଣିତ ଦାୟିତ୍ୱ ରହିଛି ଯେ, ତୁମେ ଜମାଅତ୍‌ର ସେବା କର । ସେ କୁହନ୍ତି ଯେ, ଖିଲାଫତେ ଖାମିସା (ପଞ୍ଚମ ଖିଲାଫତ୍)ର ଆରମ୍ଭରେ ହିଁ ଯେତେବେଳେ ଆମେ ଛୋଟ ପିଲା ଥିଲୁ ସେତେବେଳେ ଆମ ଦୁହିଁଙ୍କ ଠାରୁ ମାତାଶ୍ରୀ ତୁରନ୍ତ ଚିଠି ଲେଖାଇଲେ ଯେ, ଉପସ୍ଥିତ ଖଲିଫାଙ୍କୁ ଚିଠି ଲେଖ । ପରେ ମାତାଶ୍ରୀ ଆମମାନଙ୍କୁ ଉପଦେଶ ଦେଉଥିଲେ ଯେ, ନିୟମିତ ଭାବରେ ଚିଠି ଲେଖୁଥାଅ। ସେ ଅନ୍ୟମାନଙ୍କୁ ନମାଜ୍ ଏବଂ ଖୁତ୍ବା ଶୁଣିବା ପ୍ରତି ସର୍ବଦା ଉତ୍ସାହିତ କରୁଥିଲେ । ଜମାଅତ୍‌ର ବ୍ୟବସ୍ଥା ସମ୍ପର୍କରେ ବହୁତ ଅଭିମାନ ଥିଲା ଏବଂ ଏହି କଥା ସେ ସହ୍ୟ କରୁ ନଥିଲେ ଯେ, ବ୍ୟବସ୍ଥା ବିରୁଦ୍ଧରେ କୌଣସି କଥା କୁହାଯାଉ କିମ୍ବା ସମାଲୋଚନା କରାଯାଉ । ତାଙ୍କର ଏହି ପୁଅ କୁହନ୍ତି ଯେ, ନିଜ ପିତାମାତାଙ୍କର ସନ୍ତାନମାନଙ୍କ ମଧ୍ୟରୁ ଯେକେହି ୱକ୍ଫ୍ କରୁଥିଲା ସେତେବେଳେ ସେ ବହୁତ ଖୁସି ହେଉଥିଲେ ଏବଂ ଏହା ହିଁ କହୁଥିଲେ ଯେ, ଯେଉଁମାନେ ୱକ୍ଫ୍ କରିଛନ୍ତି ସେମାନଙ୍କୁ କେବେବି ଆର୍ଥିକ ଅନଟନ ହୁଏ ନାହିଁ ଏବଂ ନିଜର ଉଭୟ ପୁଅଙ୍କ ସମ୍ପର୍କରେ ଏହା ହିଁ ତାଙ୍କର ଇଚ୍ଛା ଥିଲା ଯେ, ସେମାନେ ମଧ୍ୟ ୱକ୍ଫ୍ କରନ୍ତୁ । ଜଣେ ତ' ୱକ୍ଫ୍ କରି ସାରିଛନ୍ତି । ସେ କୁହନ୍ତି ଯେ, ମୁଁ ଯେତେବେଳେ ୱକ୍ଫ୍ କଲି, ସେ (ମାତାଶ୍ରୀ) ମୋତେ ଉପଦେଶ ଦେଲେ ଯେ, ବର୍ତ୍ତମାନ ତୁମେ ୱକ୍ଫ୍ ତ' କରି ଦେଇଛ କିନ୍ତୁ ଏହାକୁ ଭଲ ଭାବରେ ପାଳନ କରିବାକୁ ହେବ। ଯେତେବେଳେ ପଦୋନ୍ନତି ହେଲା ଏବଂ ନାଏବ୍ ନାଜିର୍ କରାଗଲା ସେତେବେଳେ ସେ କହିଲେ ଯେ, ବର୍ତ୍ତମାନ ଏହି କଥା ଉପରେ କୌଣସି ଗର୍ବ କରିବ ନାହିଁ ବରଂ ବିନମ୍ରତାର ସହିତ କାମ କରିବ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, କାର୍ଯ୍ୟାଳୟର କାର୍ଯ୍ୟଗୁଡ଼ିକ ସମ୍ପର୍କରେ ସେ (ପୁତ୍ର) କୁହନ୍ତି ଯେ, ମାତାଶ୍ରୀ ମୋ ପାଇଁ ବହୁତ ଦୁଆ କରୁଥିଲେ । ଜମାଅତୀୟ ପରିସ୍ଥିତି ସମ୍ପର୍କରେ ମଧ୍ୟ ପଚାରୁଥିଲେ । ଜୁମ୍ମା ଦିନ କୁଶଳ ମଙ୍ଗଳ ସଂପର୍କରେ ପଚାରୁଥିଲେ । କୌଣସି କାମ ଯଦି ହେଉଥିଲା ତେବେ ସେ ମୋତେ ପଚାରୁଥିଲେ ଯେ, କ'ଣ କରୁଛ ? ଯଦି ମୁଁ କହୁଥିଲି ଯେ, ଜମାଅତୀୟ କାମ ଏହି ସମୟରେ କରୁଛି ତେବେ ସେ କହୁଥିଲେ, ଠିକ୍ ଅଛି, ପ୍ରଥମେ ନିଜର ଜମାଅତୀୟ କାମ ଶେଷ କର, ତା'ପରେ ମୋର ଏହି କାମ ଅଛି କରିଦେବ । ଆପଣଙ୍କୁ ନିଜ ଅପେକ୍ଷା ଲୋକଙ୍କର ଚିନ୍ତା ଅଧିକ ରହୁଥିଲା ଏବଂ ସେମାନଙ୍କର ଆବଶ୍ୟକତାର ଯତ୍ନ ନେଉଥିଲେ । ଏହି ପୁଅ ଉଲ୍ଲେଖ କରନ୍ତି ଯେ, କେହି ସାହାଯ୍ୟ ମାଗିଲେ ମା' ନିଶ୍ଚିତ ସାହାଯ୍ୟ କରୁଥିଲେ । ତାଙ୍କ ଭିତରେ ସହନଶୀଳତା ଏବଂ ଧୈର୍ଯ୍ୟ ଅଧିକ ଥିଲା । ନିଜ କଷ୍ଟ ସହ୍ୟ କରିନେଉଥିଲେ । କିନ୍ତୁ ପରର କଷ୍ଟକୁ ସହ୍ୟ କରିପାରୁ ନଥିଲେ ଏବଂ ଚାହୁଁଥିଲେ ଯେ କେବେବି କାହାକୁ କଷ୍ଟ ନ ହେଉ । ସେମାନଙ୍କ କଷ୍ଟ ଲାଘବ (ହ୍ରାସ ବା ଦୂର) କରିବା ପାଇଁ ଚେଷ୍ଟିତ ରହୁଥିଲେ । ନିଜର ସମସ୍ତ ଭାଇ ଭଉଣୀଙ୍କ ଠାରୁ, ସେମାନଙ୍କ ପିଲାମାନଙ୍କ ଠାରୁ ଏବଂ ମୋ ବାପାଙ୍କର ପ୍ରଥମ ପତ୍ନୀଙ୍କ ପିଲାମାନଙ୍କ ଠାରୁ ବହୁତ ପ୍ରେମ ଏବଂ ସ୍ନେହର ସମ୍ପର୍କ ରଖୁଥିଲେ ଏବଂ ସର୍ବଦା ସେମାନଙ୍କର ଯତ୍ନ ନେଉଥିଲେ ଏବଂ ଆମ ଭାଇମାନଙ୍କୁ ମଧ୍ୟ କହୁଥିଲେ ଯେ, ତୁମେମାନେ ସର୍ବଦା ଏକାଠି ରହିବ । ଅର୍ଥାତ୍ ଉଭୟ ମାତାଙ୍କର ଯେଉଁ ପିଲାମାନେ ଅଛନ୍ତି ସେମାନଙ୍କୁ କହୁଥିଲେ ଯେ, ତୁମେମାନେ ଏକାଠି ରହିବ ଏବଂ ଏକ ପ୍ରାଣ ହୋଇ ରହିବ ଏବଂ ଆଦୌ ଝଗଡ଼ା କରିବ ନାହିଁ । ସେ କେବେ ବି ଏପରି କୌଣସି କଥା କହୁ ନଥିଲେ ଯଦ୍ଦ୍ୱାରାକି ମୋ ବାପାଙ୍କର ପ୍ରଥମ ପତ୍ନୀଙ୍କ ପିଲାମାନଙ୍କ ମଧ୍ୟରେ ଏବଂ ଆମ ମଧ୍ୟରେ କୌଣସି ପାର୍ଥକ୍ୟ ସୃଷ୍ଟି ହୋଇଥାଆନ୍ତା । ବରଂ ସେ ସର୍ବଦା ପ୍ରେମ ଏବଂ ଭ୍ରାତୃତ୍ୱତାର ସହିତ ରହିବା ନିମନ୍ତେ ଉତ୍ସାହିତ କରୁଥିଲେ। ଏଥି ସଂକ୍ରାନ୍ତରେ ମୁଁ ମଧ୍ୟ ତାଙ୍କୁ ଦେଖିଛି ଯେ, ସେ ନିଜ ସ୍ୱାମୀଙ୍କର ପ୍ରଥମ ପତ୍ନୀଙ୍କ ପିଲାମାନଙ୍କର ବହୁତ ଯତ୍ନ ନେଇଛନ୍ତି ଯେଉଁ ସାନ ପିଲାମାନଙ୍କୁ ଛାଡ଼ି ସେ ମୃତ୍ୟୁବରଣ କରିଥିଲେ ଏବଂ ସମ୍ପୂର୍ଣ୍ଣ ଭାବରେ ନିଜ ପିଲାମାନଙ୍କ ଭଳି ସେମାନଙ୍କର ଯତ୍ନ ନେଇଛନ୍ତି, ଯେତିକି ସୁଯୋଗ ଥିଲା ଯେତିକି ପରିସ୍ଥିତି ଥିଲା ତଦନୁଯାୟୀ ଯାହା କିଛି ସେ କରିପାରିଥାଆନ୍ତେ ସେ ସେମାନଙ୍କ ପାଇଁ କରିଛନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ, ତାଙ୍କର ଏହି ପୁଅ ଉଲ୍ଲେଖ କରନ୍ତି ଯେ, ଆମର ପିଲାଦିନେ ଆପଣଙ୍କୁ ଆମ ସମ୍ପର୍କରେ ସବୁଠୁ ଅଧିକ ଚିନ୍ତା ଏହା ଥିଲା ଯେ, ପବିତ୍ର କୁରଆନ୍ କରୀମ୍ ଆମେ ଶେଷ କରିବା, ପଢ଼ିବା ଏବଂ ସେଥିପାଇଁ ମାତାଶ୍ରୀ ଆମମାନଙ୍କୁ ନିୟମିତ ଭାବରେ ପବିତ୍ର କୁରଆନ୍ କରୀମ୍ ପଢ଼ାଉଥିବା ବ୍ୟକ୍ତିଙ୍କ ପାଖକୁ ନେଇଯାଉଥିଲେ ଏବଂ ଛାଡ଼ି ଦେଇ ଆସୁଥିଲେ, ଆଣିବାକୁ ମଧ୍ୟ ଯାଉଥିଲେ । ନମାଜ୍ ଯଥା ସମୟରେ ପାଠ କରିବା ଆଡ଼କୁ ଧ୍ୟାନ ଦେଉଥିଲେ । ନିଜ ପିତାମାତାଙ୍କର ଉଲ୍ଲେଖ ମଧ୍ୟ କରୁଥିଲେ ଏବଂ ସେମାନଙ୍କ ସେବାଗୁଡ଼ିକର ଚର୍ଚ୍ଚା ବହୁତ କରୁଥିଲେ ଏବଂ ଏହି କଥା ଉପରେ ମଧ୍ୟ ଜୋର ଦେଇ କହୁଥିଲେ ଯେ, ଏପରି ହୁଅନ୍ତା କି ! ସେମାନେ ଜୀବିତ ଥାଆନ୍ତେ ଏବଂ ଦେଖନ୍ତେ ଯେ, ସେମାନେ ତ' କଷ୍ଟକର ପରିସ୍ଥିତିରେ ଜୀବନ ଅତିବାହିତ କରିଛନ୍ତି କିନ୍ତୁ ଆଜିକାଲି ଆମର ପରିସ୍ଥିତି ବହୁତ ଭଲ ଅଛି ଏବଂ ତା' ତୁଳନାରେ ଆର୍ଥିକ ସଚ୍ଛଳତା ମଧ୍ୟ ରହିଛି । ନିଜ ପିତାମାତାଙ୍କର ସେବା କରିଥିବା ଲୋକମାନଙ୍କର ମଧ୍ୟ ବହୁତ ସେବା କରୁଥିଲେ ଏବଂ ସେମାନଙ୍କ ପ୍ରତି କୃତଜ୍ଞତା ଭାବ ପ୍ରକାଶ କରୁଥିଲେ। ପୁନଶ୍ଚ ଏହି ପୁଅ କୁହନ୍ତି ଯେ, ମାତାଶ୍ରୀ ଆମକୁ ଯାହା କହୁଥିଲେ ତାହା ଉପରେ ସେ ନିଜେ କାର୍ଯ୍ୟକାରୀ କରୁଥିଲେ ଏବଂ ବୟସ୍କମାନଙ୍କୁ ଉପଦେଶପୂର୍ଣ୍ଣ ଘଟଣାବଳୀ ଶୁଣାଉଥିଲେ । ସେ ଯେତେବେଳେ ପାଠ ପଢ଼ିବା ଶିଖିଲେ ସେତେବେଳେ ପିଲାଦିନେ ପ୍ରଥମ କିତାବ ଯାହା ଆମକୁ ପଢ଼ିବା ପାଇଁ ଦେଇଥିଲେ ତାହା ହଜରତ୍ ବିଲାଲ୍ ର.ଅ ଏବଂ ଶାହ୍‌ଜାଦା ଅବ୍ଦୁଲ୍ ଲତୀଫ୍ ସାହେବ୍ ର.ଅଙ୍କ ସମ୍ପର୍କରେ ଥିଲା ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହିପରି ଭାବରେ ଚାନ୍ଦାଗୁଡ଼ିକ ପ୍ରତି ସେ ବହୁତ ଚିନ୍ତିତି ଥିଲେ । ତାହା ଯେପରି ଆରମ୍ଭରେ ହିଁ ପୈଠ ହୋଇଯାଉ ଏବଂ କୌଣସି ଚନ୍ଦା ଡେ଼ରି ନ ହେଉ । ମାତଶ୍ରୀ କହୁଥିଲେ ଯେ, ଥରେ ମୁଁ ପ୍ରତିଜ୍ଞା (ୱାଦା) ଲେଖାଇଥିଲି କିନ୍ତୁ ଅର୍ଥ ନଥିଲା । ଏଥି ପାଇଁ ସେ ବହୁତ ଚିନ୍ତିତ ଥିଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ ମଧ୍ୟ କଲେ । ଅଲ୍ଲାଃତାଲା ଶୀଘ୍ର ବ୍ୟବସ୍ଥା କରିଦେଲେ । ସେ କୁହନ୍ତି, ମାତାଶ୍ରୀ ଆମମାନଙ୍କୁ ମଧ୍ୟ ଉପଦେଶ ଦେଉଥିଲେ ଯେ ଚନ୍ଦା ନିୟମିତ ଭାବରେ ଦିଅ । ସତ୍ୟ ସ୍ୱପ୍ନ ଆସୁଥିଲା । ଅନ୍ୟମାନଙ୍କ ରହସ୍ୟଗୁଡ଼ିକ ସର୍ବଦା ରହସ୍ୟ ରଖୁଥିଲେ । ସ୍ୱଭାବରେ ଗୋପନୀୟତା ଗୁଣ ବେଶ୍ ଅଧିକ ଥିଲା । ସେହିପରି ଭାବରେ ସେ କୁହନ୍ତି ଯେ, ସତ୍ୟ ସ୍ୱପ୍ନ ମଧ୍ୟରେ ଗୋଟିଏ ସ୍ୱପ୍ନ ଏହା ମଧ୍ୟ ଥିଲା ଯେ, ମୋର ନାମ ମହ୍ମୁଦ୍ ଇଫ୍ତିଖାର୍

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍ସଲନାକା ଇଲ୍ଲା ରହ୍ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍ରା ହତ୍ତା ତୁନ୍ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ସେ ସ୍ୱପ୍ନରେ ଦେଖିଥିଲେ । ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କୁ ସ୍ୱପ୍ନରେ ଏହି ନାମ ଦେଇଥିଲେ । ଏହାପରେ ଏହି ନାମ ରଖାଗଲା । ସେ ଉଲ୍ଲେଖ କରନ୍ତି ଯେ, ସେ ନିଜ ଜୀବନରେ ବହୁତ ଅସୁବିଧା ଓ ସମସ୍ୟା ଦେଖିଛନ୍ତି କିନ୍ତୁ କେବେବି କୌଣସି କଷ୍ଟ ପ୍ରକାଶ କରି ନାହାନ୍ତି ଏବଂ ସର୍ବଦା ଅଲ୍ଲାଃଙ୍କର କୃତଜ୍ଞତା ପ୍ରକାଶ କରିଛନ୍ତି। ଶେଷ ରୋଗରେ ମଧ୍ୟ ଆମର ଯତ୍ନ ନେଇଛନ୍ତି । ଯଦି ମୁଁ ହସ୍ପିଟାଲ୍ କିମ୍ବା ଘର ପାଇଁ ତାଙ୍କ ପାଇଁ ଜାଗ୍ରତ ରହୁଥିଲି, ତେବେ ମାତାଶ୍ରୀ ମୋତେ କହୁଥିଲେ ଯେ, ଶୋଇଯାଅ। ଯେତେବେଳେ ମୁଁ ଶୋଉଥିଲି ସେତେବେଳେ ସେ ନିଜେ ଜାଗ୍ରତ କରୁ ନଥିଲେ ବରଂ ଅପେକ୍ଷା କରୁଥିଲେ ଯେ, ଯେତେବେଳେ ମୁଁ ଉଠିବି ସେତେବେଳେ ମୋତେ କାମ କହିବେ । ଏହାପରେ ପୁଅ ଉଲ୍ଲେଖ କରନ୍ତି ଯେ, ସେ ନିଜର ସୁଖକୁ ବଳିଦାନ ଦେଇ ଅନ୍ୟମାନଙ୍କ ସୁଖକୁ ଗୁରୁତ୍ୱ ଦେଇଥିଲେ ଏବଂ ୱାକ୍‌ଫିନେ ଜିନ୍ଦଗୀମାନଙ୍କୁ ବେଶ୍ ସମ୍ମାନ ଜଣାଉଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ତାଙ୍କର ସାନ ପୁଅ ହାଶିର୍ ସାହେବ ମଧ୍ୟ ସେହି କଥାଗୁଡ଼ିକର ପୁନରାବୃତ୍ତି କରିଛନ୍ତି ଯାହା ପ୍ରଥମ ପୁଅ ଉଲ୍ଲେଖ କରିଛନ୍ତି ଯେ, ମାତାଶ୍ରୀ ନାନୀ(ଆଈ)ଙ୍କ ଭଳି ମୁକ୍ତ ହୃଦୟର ଅଧିକାରିଣୀ ଥିଲେ ଏବଂ କେବେ ବି ଅଭାବିବମାନଙ୍କ ଉପରେ ଧନ ଖର୍ଚ୍ଚ କରିବାରେ କୁଣ୍ଠାବୋଧ ମନେକରୁ ନଥିଲେ । ମୋତେ ମଧ୍ୟ କହୁଥିଲେ ଯେ ଯଦିଓ ତୁମେ ନିୟମିତ ୱକଫ୍ କରି ନାହଁ କିନ୍ତୁ ଧର୍ମ ସେବା କର ଏବଂ ଯେତେବେଳେ ମୁଁ କହିଲି ଯେ ମୁଁ ଜର୍ମାନୀରେ ସେବା କରୁଛି ସେତେବେଳେ ସେ ବହୁତ ଖୁସି ହେଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି କ୍ଷମା ଏବଂ ଦୟା ଆଚରଣ କରନ୍ତୁ, ତାଙ୍କର ସ୍ତର ଉନ୍ନୀତ କରନ୍ତୁ ।

ହୁଜୁର୍ ଅନୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ଯାହାଙ୍କର ଉଲ୍ଲେଖ ରହିଛି ସେ ହେଉଛନ୍ତି ଶ୍ରୀଯୁକ୍ତ ସ୍ୱର୍ଗତ ରଶୀଦ୍ ଅହମଦ ଅୟାଜ୍ ସାହେବ୍ । ସେ ସଦର୍ ଅଞ୍ଜୁମନ୍ ଅହମଦିୟାର ପେନ୍‌ସନର୍ ଅଟନ୍ତି । ଗତ କିଛି ଦିନ ତଳେ ଛୟାଅଶୀ (୫୬) ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ୱା ଇନ୍ନା ଇଲୈହି ରାଜିଉନ୍।** ଅଲ୍ଲାଃତାଲାଙ୍କ କୃପାରୁ ସେ ଜଣେ ମୁସି ଥିଲେ । ପରିବାରବର୍ଗଙ୍କ ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ଦୁଇ ଝିଅ ଏବଂ ଚାରି ପୁଅ ସାମିଲ ଅଛନ୍ତି । ତାଙ୍କର ଜଣେ ପୁଅ ତାହିର୍ ଅହମଦ୍ ଜୋଫର୍ ସାହେବ୍ ଜଣେ ମୁବଲ୍ଲିଗ ସିଲ୍‌ସିଲା ଅଟନ୍ତି ଏବଂ ଜାମିଅତୁଲ୍ ମୁବଶ୍‌ଶିରୀନ୍ ଘାନାର ନାଏବ୍ ପ୍ରିନ୍ସିପାଲ୍ ଅଟନ୍ତି । ନିଜର ଦାୟିତ୍ୱଗୁଡ଼ିକ କାରଣରୁ ଓ କାର୍ଯ୍ୟକ୍ଷେତ୍ରରେ ଥିବା କାରଣରୁ ନିଜ ବାପାଙ୍କ ଯାନାଜାଃରେ ସାମିଲ ହୋଇପାରି ନଥିଲେ । ଅଲ୍ଲାଃତାଲା ତାଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** । ଏହି ମୁବଲ୍ଲିଗ୍ ସାହେବ ହିଁ ଲେଖିଛନ୍ତି ଯେ, ଆମ ପରିବାରରେ ଅହମଦିୟତ୍‌ର ପ୍ରବେଶ ଆମର ପ୍ରପିତାଶ୍ରୀ ମିଆଁ ଅଲ୍ଲାଃ ଦତ୍ତା ସାହେବ୍ ମରହୁମ ଆବ୍‌ସାର୍ ଚୂର୍‌ଙ୍କ ମାଧ୍ୟମରେ ହୋଇଥିଲା ଏବଂ ପରେ ସେମାନଙ୍କ ପରିବାରରେ ଅହମଦିୟତ୍ ବ୍ୟାପିଗଲା । ରଶୀଦ୍ ଅୟାଜ୍ ସାହେବ୍ ସଦର୍ ଅଞ୍ଜୁମନ୍ ଅହମଦିୟାଙ୍କ ବିଭିନ୍ନ ବିଭାଗରେ ସେବା କରିଥିଲେ ଏବଂ ଅବସର ଗ୍ରହଣ ପରେ ପୁଣି ଅନ୍ୟାନ୍ୟ କାମ ମଧ୍ୟ ସେ କରିଥିଲେ । ସେ କୁହନ୍ତି, ପିତାଶ୍ରୀ ନିୟମିତ ଭାବରେ ନଫିଲ୍ ନମାଜ୍ ପାଠ କରୁଥିଲେ । ନମାଜ୍‌ଗୁଡ଼ିକର ନିୟମାନୁବର୍ତ୍ତୀ ହୋଇ ପାଠ କରୁଥିଲେ । ଈଶ୍ୱର ଚର୍ଚ୍ଚା ଅଧିକ କରୁଥିଲେ । ବହୁତ ଦୁଆ କରୁଥିଲେ । ଖିଲାଫତ୍ ପ୍ରତି ଗଭୀର ଶ୍ରଦ୍ଧା ଓ ଆନ୍ତରକୀତା ଭାବ ବ୍ୟକ୍ତ କରୁଥିବା ମନୁଷ୍ୟ ଥିଲେ । ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ନିୟମିତ ଭାବରେ କରୁଥିଲେ । ଚନ୍ଦାଗୁଡ଼ିକରେ ବହୁତ ନିୟମିତ ଥିଲେ ଏବଂ ଏହାର ସମ୍ପୂର୍ଣ୍ଣ ରେକର୍ଡ ମଧ୍ୟ ରଖୁଥିଲେ । ସେ ମୁସି ଥିଲେ ଏବଂ ସମ୍ପତ୍ତିର ଅଂଶ ମଧ୍ୟ ନିଜ ଜୀବନକାଳରେ ହିଁ ପୈଠ କରିଦେଇଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି କ୍ଷମା ଏବଂ ଦୟାର ଆଚରଣ ପ୍ରଦର୍ଶନ କରନ୍ତୁ । ଆମିନ୍ । ☆☆☆

## ପୃ-01ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...."

ଓ କେବଳ ଦୁଆ ମାଧ୍ୟମରେ ହିଁ ପ୍ରାପ୍ତ ହେବ । ତେଣୁ ଆପଣମାନେ ନମାଜ୍ ପାଠ କରନ୍ତୁ ଏବଂ ପ୍ରଭୁଙ୍କ ନିକଟରେ ଦୁଆ କରନ୍ତୁ । କାରଣ ଆଲ୍ଲାତାଲା ଯେଉଁ ଉଦ୍ଦେଶ୍ୟ ସକାଶେ ଆପଣମାନଙ୍କୁ ସୃଷ୍ଟି କରିଛନ୍ତି ସେଥିରେ ଆପଣମାନେ ସାଫଲ୍ୟମଣ୍ଡିତ (ସଫଳତା ପ୍ରାପ୍ତ କରିପାରିବେ) ହେବେ । **(ତଫ୍‌ସୀର୍ କବୀର୍, ଗ୍ରନ୍ଥଖଣ୍ଡ10, ପୃଷ୍ଠା-412)**

## ପୃ-02ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୁମେମାନେ ଯଦି ଏହି ଅବସ୍ଥା ସୃଷ୍ଟି କରିବ, ତେବେ ଅଲ୍ଲାଃତାଲା ତୁମର ମାର୍ଗଦର୍ଶନ ମଧ୍ୟ କରିବେ ଏବଂ କଷ୍ଟରୁ ମୁକ୍ତି ମଧ୍ୟ ଦେବେ । ତୁମର ପ୍ରାର୍ଥନା(ଦୁଆ) ମଧ୍ୟ ଶୁଣିବେ ଏବଂ ତୁମର ପାରିବାରିକ ସମସ୍ୟା ମଧ୍ୟ ସମାଧାନ କରିବେ ଓ ତୁମର ସନ୍ତାନମାନଙ୍କ ପ୍ରଶିକ୍ଷଣ ସମ୍ବନ୍ଧରେ ଯେଉଁ ଚିନ୍ତା ରହିଛି, ତାହାକୁ ମଧ୍ୟ ଦୂର କରିଦେବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଈଶ୍ୱରଙ୍କୁ ପ୍ରସନ୍ନ କରିବା ପାଇଁ ବ୍ୟାବହାରିକ ପଦକ୍ଷେପ ନେବାକୁ ପଡ଼ିବ ଏବଂ ଯଦି ଅତୀତରେ କିଛି ଭୁଲ୍ ହୋଇଛି, ତେବେ ସେଥିରୁ ସତ୍ୟ ତୌବା (ପଶ୍ଚାତ୍ତାପ) କରିବାକୁ ପଡ଼ିବ ଏବଂ ସତ୍ୟତା ଓ ନିଷ୍ଠାର ସହ ଈଶ୍ୱରଙ୍କୁ ପ୍ରସନ୍ନ କରିବାକୁ ପଡ଼ିବ । ଯେତେବେଳେ ଏହା ହେବ, ତେବେ ଯାଇ ତୁମେମାନେ ଦୀକ୍ଷାର (ବୈଅତର) ନିର୍ବାକାରୀ ବ୍ୟକ୍ତି ହେବ । ତେବେ ଯାଇ ତୁମେମାନେ ଯେଉଁ ଦୀକ୍ଷା ପ୍ରତିଜ୍ଞା କରିଥିଲ, ତାହାକୁ ପୂରଣ କରି ଅଲ୍ଲାଃତାଲାଙ୍କ ଆଶୀର୍ବାଦର ଅଧିକାରୀ ହେବ । ଅଲ୍ଲାଃତାଲାଙ୍କ ଆଶୀର୍ବାଦ ସେତେବେଳେ ମିଳିବ, ଯେତେବେଳେ ତୁମ ତରଫରୁ ସମ୍ପୂର୍ଣ୍ଣ ଭାବେ ତାଙ୍କ ଆଜ୍ଞା ପାଳନ ମଧ୍ୟ ହେବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମଣିଷ ପାଇଁ ଜରୁରୀ ଯେ ସେ ମୁତ୍ତକୀ (ଧର୍ମନିଷ୍ଠ) ହେଉ । କାରଣ ଧର୍ମନିଷ୍ଠ ବ୍ୟକ୍ତି ହିଁ ଅଲ୍ଲାଃତାଲାଙ୍କ ନିକଟରେ ସମ୍ମାନସ୍ପଦ ଅଟେ । ଆପଣ ଅ.ସ କହିଲେ, ଯେ ଆମ ଜମାଅତକୁ ଏହି ଉପଦେଶ ସର୍ବଦା ମନେରଖିବା ଉଚିତ୍ । ଏଥିରେ ପୁରୁଷମାନେ ମଧ୍ୟ ସାମିଲ ଅଛନ୍ତି ଏବଂ ମହିଳାମାନେ ମଧ୍ୟ ସାମିଲ ଅଛନ୍ତି । ଏହା ଲେଖାଯାଇ ନାହିଁ ଯେ ଏହି ଉପଦେଶ କେବଳ ପୁରୁଷମାନଙ୍କ ପାଇଁ ପ୍ରଯୁଜ୍ୟ ଯେ ସେମାନେ ଏହି କଥାକୁ ସଦାସର୍ବଦା ସାମ୍ନାରେ ରଖନ୍ତୁ । ଆପଣ ଅ.ସ. କହିଲେ, ଯଦି ଏହି ସିଲ୍‌ସିଲାରେ (ସଂପ୍ରଦାୟର) ପ୍ରବେଶ କରିଛ, ତେବେ ଏକ ନୂତନ ଜୀବନ ଯାପନ କରୁଥିବା ମଣିଷ (ପରି) ହୋଇଯାଅ ।

ଯଦି ଏହା ପରେ ଆମର ବ୍ୟାବହାରିକ ଜୀବନରେ କୌଣସି ପରିବର୍ତ୍ତନ ସୃଷ୍ଟି ନ ହେଲା, ଆମର ଆଧ୍ୟାତ୍ମିକ, ଜ୍ଞାନାତ୍ମକ ଏବଂ ନୈତିକ ଅବସ୍ଥାରେ କୌଣସି ସୁଧାର ନ ଆସିଲା, ଯଦି ଆମେମାନେ ଅଲ୍ଲାଃତାଲାଙ୍କ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରୁ ନାହୁଁ ଏବଂ ଲୋକମନକଙ୍କ ସହିତ ଆମର ବ୍ୟବହାର ଯଦି ଭଲ ନୁହେଁ ତଥା ଆମମାନଙ୍କର ଚରିତ୍ର ଏପରି ନୁହେଁ ଯେ ଲୋକେ ଆମ ପ୍ରତି ଖୁସି ହୁଅନ୍ତୁ, ବରଂ ଖୁସି ହେବା ବଦଳରେ ଲୋକେ ଆମମାନଙ୍କ ପ୍ରତି ଅସନ୍ତୁଷ୍ଟ ହୁଅନ୍ତି ଏବଂ ଆମମାନଙ୍କୁ ଭୟ କରନ୍ତି, ତେବେ ଏପରି ବୈଅତର କୌଣସି ଫାଇଦା ନାହିଁ ।

ସାଂସାରିକ ଜ୍ଞାନ ପ୍ରାପ୍ତ କରିବା ଏକପ୍ରସଙ୍ଗ ଅଟେ । ଏହା ମଧ୍ୟ ଅଲ୍ଲାଃତାଲାଙ୍କ ଅବଦାନ ଅଟେ । କିନ୍ତୁ ଏପରି ଜ୍ଞାନ ଯାହା ତୁମମାନଙ୍କୁ ଅଲ୍ଲାଃତାଲାଙ୍କଠାରୁ ଦୂରେଇ ଦିଏ ତାହାକୁ ଆମେମାନେ କଦାପି ହାସଲ କରିବା ନାହିଁ କି ତା' ପଛରେ ଚାଲିବା ନାହିଁ। ସେହିପରି ଯେଉଁ କାର୍ଯ୍ୟଗୁଡ଼ିକ ଆମମାନଙ୍କୁ ଅଲ୍ଲାଃତାଲାଙ୍କଠାରୁ ଦୂରେଇ ଦିଏ ତା' ପଛରେ ଆମେ ଚାଲିବା ନାହିଁ । ଯେଉଁ ସମାଜ ଆମକୁ ଅଲ୍ଲାଃତାଲାଙ୍କଠାରୁ ଦୂରକୁ ନେଇଯାଏ, ସେଥିରେ ଆମେ ବସିବା ନାହିଁ । ତେଣୁ ଏହା ହିଁ ଆମର ଚିନ୍ତାଧାରା ହେବା ଉଚିତ୍ ।

ଅଲ୍ଲାଃତାଲା ନିଜର ପ୍ରକୃତ ଭକ୍ତମାନଙ୍କୁ ଏପରି ସମୟରେ ଯେତେବେଳେ କଷ୍ଟ ଆସେ ସେତେବେଳେ ରକ୍ଷା କରିନିଅନ୍ତି ଏବଂ ଦୁନିଆ ଆଶ୍ଚର୍ଯ୍ୟ ହୋଇଯାଏ । ଆପଣ ଅ.ସ. ହ. ଇବ୍ରାହିମ୍ ଅ.ସଙ୍କ ଉଦାହରଣ ଦେଇଛନ୍ତି ଯେ, ଶତ୍ରୁ ନିଆଁରେ ପକାଇବା ସତ୍ତ୍ୱେ ଅଲ୍ଲାଃତାଲା ତାଙ୍କୁ ନିଆଁରୁ ବାହାର କରି ଆଣିଥିଲେ (ଉଦ୍ଧାର କ ରିଥିଲେ)। ହ. ନୁହ୍ ଅ.ସଙ୍କୁ ତାଙ୍କ ସାଥୀମାନଙ୍କ ସହିତ ଜାହାଜ ମାଧ୍ୟମରେ ମହାପ୍ଲାବନ(ବାତ୍ୟା)ରୁ ରକ୍ଷା କରିଥିଲେ । ଅଲ୍ଲାଃତାଲା ଏହି ଉଦାହରଣଗୁଡ଼ିକ ଏଥିପାଇଁ ଦେଇଛନ୍ତି ଯେ, ତୁମେମାନେ ଯେପରି ବୁଝିପାର ଯେ, ଏଗୁଡ଼ିକ କେବଳ ପୁରୁଣା କାହାଣୀ ନୁହେଁ ବରଂ ଆଜି ମଧ୍ୟ ଈଶ୍ୱର ଜୀବନ୍ତ ଅଛନ୍ତି, ଆଜି ମଧ୍ୟ ସେ ନିଜର ନିଦର୍ଶନ ଦେଖାଇପାରନ୍ତି । ଆଜି ମଧ୍ୟ ଯଦି ତୁମେମାନେ ତାହାଙ୍କ ସହିତ ସଠିକ୍ ସମ୍ପର୍କ ରଖିବ, ତାହାଙ୍କର କର୍ତ୍ତବ୍ୟ ନିର୍ବାହ କରିବ, ତାହାଙ୍କ ଶିକ୍ଷା ଅନୁସାରେ କାର୍ଯ୍ୟ କରିବ ଏବଂ ମାନବସେବା (ହୁକୁକୁଲ୍ ଇବାଦ୍) କରିବ, ତେବେ ଅଲ୍ଲାଃତାଲା ତୁମକୁ ଏବେ ବି ନିଜ ଅପୂର୍ବ ଐଶୀ ଶକ୍ତିର ଦୃଶ୍ୟ ଅବଶ୍ୟ ଦେଖାଇବେ ।

ଆପଣ ଅ.ସ କହିଲେ, ଯଦି ତୁମେମାନେ ତୌବା (ପଶ୍ଚାତ୍ତାପ, କ୍ଷମାପ୍ରାର୍ଥନ) କରିବ ଏବଂ ନିଜର ହୃଦୟକୁ ପବିତ୍ର ଓ ନିର୍ମଳ ରଖିବ ତେବେ ସେତେବେଳେ ଯାଇ ତୁମେମାନେ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ଲାଭ କରୁଥିବା ବ୍ୟକ୍ତି ରୂପେ ବିବେଚିତ ହେବ । ସେତେବେଳେ ଯାଇ ତୁମେମାନେ ବିପଦରୁ ମୁକ୍ତି ପାଉଥିବା ବ୍ୟକ୍ତି ହେବ । ଏହା ନୁହେଁ ଯେ, ଯେତେବେଳେ ବିପଦ ସମୟ ଆସିଯିବ ସେତେବେଳେ ତୁମେମାନେ ପ୍ରାର୍ଥନା କରିବ । ଅନେକ ଲୋକ ମୋତେ ମଧ୍ୟ ପତ୍ର ଲେଖନ୍ତି ଯେ, ହୁଜୁର୍ ! ଆମେ ଦୁଆ (ପ୍ରାର୍ଥନା) କଲୁ କିନ୍ତୁଆମର ପ୍ରାର୍ଥନା ସ୍ୱୀକୃତ ହେଲା ନାହିଁ । ଆପଣ ଅ.ସ କହିଲେ, ବିପଦ ସମୟରେ ଯେଉଁ ପ୍ରାର୍ଥନା କରିବ ସେତେବେଳେ ଅଲ୍ଲାଃତାଲାଙ୍କ ଇଚ୍ଛା ସେ ତାହା ଶୁଣିପାରନ୍ତି କିମ୍ବା ନ ଶୁଣିପାରନ୍ତି । କିନ୍ତୁ ବିପଦ ଆସିବା ପୂର୍ବରୁ ପ୍ରାର୍ଥନା କର ଏବଂ ଅଲ୍ଲାଃତାଲାଙ୍କ ସହ ସଠିକ୍ ସମ୍ପର୍କ ସୃଷ୍ଟି କର ସେତେବେଳେ ଅବଶିଷ୍ଟାଂଶ...ପୃ-10 ରେ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

## ପୃ-09ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ଯାଇ ତୁମେମାନେ ସଫଳ ହେବ । ତୁମର ଯେଉଁ ପ୍ରାର୍ଥନାଗୁଡ଼ିକ ସାଧାରଣ ଏବଂ ଭଲ ପରିସ୍ଥିତିରେ ହୋଇଥିବ ସେଗୁଡ଼ିକ ହିଁ ତୁମକୁ ବିପଦରୁ ରକ୍ଷା କରିବ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, "ମୁଁ ଗତ କିଛି ବର୍ଷ ହେବ ବର୍ଣ୍ଣନା କରିଆସୁଛି ଯେ ଇସଲାମ ଧର୍ମରେ ମହିଳାମାନଙ୍କର କ'ଣ କ'ଣ (କେଉଁ କେଉଁ) ଅଧିକାର ରହିଛି । ଏହି ଅଧିକାରଗୁଡ଼ିକ ତ' ଆପଣଙ୍କର ଯାହା ଅଲ୍ଲାଃତାଲା ଦେଇଛନ୍ତି । କିନ୍ତୁ କିଛି କର୍ତ୍ତବ୍ୟ ମଧ୍ୟ ରହିଛି ଯାହାକୁ ମୁଁ ଆଜି ବର୍ଣ୍ଣନା କରୁଛି । ଏହି କର୍ତ୍ତବ୍ୟଗୁଡ଼ିକୁ ଆପଣମାନେ ଯେତେବେଳେ ନିର୍ବାହ କରିବେ ସେତେବେଳେ ଯାଇ ଆପଣମାନଙ୍କର ଅଧିକାର ଅବ୍ୟାହତ ତଥା ଅକ୍ଷୁର୍ଣ୍ଣ ରହିବ । ତେଣୁ ଏଥି ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ ।

ପୁନଶ୍ଚ (ପୁଣି) ଆପଣ ଅ.ସ ପ୍ରାର୍ଥନା (ଦୁଆ)ସଂପର୍କରେ ଉପଦେଶ ଦେଇ କହିଲେ, ଆପଣମାନେ ପ୍ରାର୍ଥନା କରନ୍ତୁ, ନିଜ ସଜଦାରେ ପ୍ରାର୍ଥନା କରନ୍ତୁ, ନିଜ ରୁକୁରେ ପ୍ରାର୍ଥନା କର । ସାଧାରଣ ପରିସ୍ଥିତିରେ ମଧ୍ୟ ଏବଂ କଠିନ ପରିସ୍ଥିତିରେ ମଧ୍ୟ ପ୍ରାର୍ଥନା କର ଏବଂ ସର୍ବଦା ଏହି ପ୍ରାର୍ଥନା କର ଯ, ହେ ଅଲ୍ଲାଃତାଲା ! ତୁମେ ନିଃସ୍ୱାର୍ଥ (ନିର୍ଲୋଭ/ ବେନିୟାଜ୍) ଅଟ, ତୁମ୍ଭେ କାହା ଉପରେ ନିର୍ଭରଶୀଳ ନୁହଁ)ଏବଂ ଆମକୁ ଜଣାନାହିଁ ଯେ, କେତେବେଳେ କେଉଁ ବିପଦ ଆସିବ ? ଏଥିପାଇଁ ହେ ଅଲ୍ଲାଃତାଲା ! ଆମ୍ଭକୁ ପ୍ରତ୍ୟେକ ବିପତ୍ତି କଷ୍ଟରୁ ରକ୍ଷା କର ଏବଂ ସର୍ବଦା ନିଜ ଶରଣରେ ରଖ । "ଯେତେବେଳେ ଏହା ହେବ, ସେତେବେଳେ ତୁମେମାନେ ଦେଖିବ ଯେ, କିପରି ଅଲ୍ଲାଃତାଲା ତୁମର ସମସ୍ତ କାର୍ଯ୍ୟ ସୁଧାରି ଚାଲିବେ। କାରଣ ତୁମେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପାଇଁ ଏହି କାର୍ଯ୍ୟ କରୁଛ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ଏହା ମଧ୍ୟ ଜରୁରୀ ଯେ, ନିଜର ଚରିତ୍ରକୁ ମଧ୍ୟ ସୁଧାର ଓ ମାର୍ଜିତ କର। ଜିହ୍ୱା (ଜିଭ ଅର୍ଥାତ୍ ତୁଣ୍ଡ)କୁ ନିୟନ୍ତ୍ରଣରେ ରଖ । ପ୍ରତ୍ୟେକ ବ୍ୟକ୍ତି ସହିତ ନମ୍ରତା ଓ ଭଦ୍ରତାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କର ଏବଂ କଟୁ ଭାଷା ବ୍ୟବହାର କରୁଥିବା ବ୍ୟକ୍ତି ସହ ମଧ୍ୟ ନମ୍ରତାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କର । ଝଗଡ଼ା ଏବଂ ମାଡ଼ପିଟରୁ ଦୂରେଇ ରୁହ ଅହଙ୍କାରରୁ ଦୂରେଇ ରୁହ। ଏହି ପ୍ରସଙ୍ଗଗୁଡ଼ିକ ଏପରି ଅଟନ୍ତି ଯେ, ଯେତେବେଳେ ତୁମେମାନେ ଏପରି କରିବ ସେତେବେଳେ ଈଶ୍ୱର ତାହା ବଦଳରେ ତୁମକୁ ମଧ୍ୟ ନିଜର ସାନ୍ନିଧ ପ୍ରଦାନ କରିବେ। ଆଜିକାଲିର ସମାଜରେ ତୁମ ଘରମାନଙ୍କରେ ମଧ୍ୟ, ବୋହୂ ଓ ଶାଶୁମାନଙ୍କ ମଧ୍ୟରେ ଏବଂ ଅନ୍ୟାନ୍ୟ ସମ୍ପର୍କରେ ମଧ୍ୟ ଏହିସବୁ କଥା ହୋଇଥାଏ ଯେ, ପରସ୍ପର ପ୍ରତି ସାମାନ୍ୟ ଅଭିଯୋଗ ସୃଷ୍ଟି ହେଲେ କଠୋର ଶବ୍ଦ କୁହାଯାଏ କିମ୍ବା କୌଣସି ପ୍ରକାରେ ହଇରାଣ କରିବାକୁ ଚେଷ୍ଟା କରାଯାଏ ।

ଆପଣ ଅ.ସ. କହିଲେ, ଯଦି ଏପରି ଅବସ୍ଥା ଅଛି, ତେବେ ଏହା ଜଣେ ବିଶ୍ୱାସକାରୀର ଲକ୍ଷଣ ନୁହେଁ । ଏଥିରୁ ତ' ଅଲ୍ଲାଃତାଲାଙ୍କ ସାନ୍ନିଧ ଲାଭ ହୋଇପାରିବ ନାହିଁ । ଏଥିରୁ ତୁମେମାମନେ ଦୀକ୍ଷା(ବୈଅତ୍)ର କର୍ତ୍ତବ୍ୟ ସମ୍ପାଦନ କରିପାରିବ ନାହିଁ । ଆପଣ ଅ.ସ କହିଲେ,"ଯେଉଁ ଲୋକମାନେ ଦୁର୍ବଳ, ଯେଉଁମାନେ କାର୍ଯ୍ୟରେ ଅଳସୁଆ, ଯାହାଙ୍କଠାରେ ନୈତିକମୂଲ୍ୟବୋଧର ଅଭାବ କିମ୍ବା ବ୍ୟାବହାରିକ ଶିଷ୍ଟାଚାରରେ ଦୁର୍ବଳତା ରହିଛି ସେମାନଙ୍କ ସହିତ ମଧ୍ୟ ତୁମମାନଙ୍କରର ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ସେମାନଙ୍କ ସୁଧାର ବା ସଂସ୍କାର (ତର୍ବିୟତ୍) ଆଡ଼କୁ ତୁମମାନଙ୍କର ଧ୍ୟାନ ରହିବା ଉଚିତ୍ । ଯେତେବେଳେ ତୁମେମାନେ ଏପରି କରିବ ସେତେବେଳେ ତୁମେମାନେ ଅଲ୍ଲାଃତାଲାଙ୍କ ସାନ୍ନିଧ ଲାଭକାରୀ ବ୍ୟକ୍ତି ରୂପେ ପରିଗଣିତ ହେବ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଆମ ଜମାଅତ୍ ଯଦି ବ୍ୟାବହାରିକ ଉଦାହରଣ ନ ଦେଖାଏ (ପ୍ରଦର୍ଶନ ନକରେ) ତେବେ ତୁମେମାନେ ନିଜ କାର୍ଯ୍ୟ (ଆଚରଣ) ଦ୍ୱାରା ମୋର ଆବଶ୍ୟକତା ନାହିଁ ବୋଲି ପ୍ରମାଣିତ କରୁଛ । ତା'ପରେ ବୈଅତ୍ (ଦୀକ୍ଷା) ନେବାର କୌଣସି ଲାଭ ନାହିଁ । ଆପଣ ଅ.ସ କହିଲେ, "ଯଦି ଜଣେ ପ୍ରକୃତ ଅହମଦି ହେବାର ଅଛି ଏବଂ ନିଜକୁ ଅଲ୍ଲାଃତାଲାଙ୍କ ସାନ୍ନିଧ ଲାଭ କରୁଥିବା ବ୍ୟକ୍ତି କରିବାର ଅଛି ତେବେ ନିଜ ଉପାସନାର ସ୍ତରକୁ ସୁଧାରିବାକୁ ପଡ଼ିବ, ନିଜ ଚରିତ୍ରର ସ୍ତରକୁ ମଧ୍ୟ ସୁଧାରିବାକୁ ପଡ଼ିବ ଏବଂ ନିଜର ବ୍ୟାବହାରିକ ଅବସ୍ଥାକୁ ମଧ୍ୟ ସୁଧାରିବାକୁ ପଡ଼ିବ । ଆମ ଜୀବନ ସାଧାରଣ ସାଂସାରିକ ଲୋକମାନଙ୍କ ଜୀବନ ପରି ହେବା ଉଚିତ୍ ନୁହେଁ । କେବଳ ତୁଣ୍ଡରୁ କହିଦେବା ଯେ, ମୁଁ ଦୀକ୍ଷା ଗ୍ରହଣ କରି ଜମାଅତରେ ପ୍ରବିଷ୍ଟ କରିନେଇଛି ଏବଂ କୃତ୍ୟ ସମ୍ପାଦନ ନ କରିବା ଦ୍ୱାରା ଏହାର (ବୈଅତ୍‌ର) କୌଣସି ଫାଇଦା ନାହିଁ । ପ୍ରକୃତ ମୁସଲମାନ ହେଉଛି ସେହି ବ୍ୟକ୍ତି ଯାହାର କଥା ଏବଂ କାର୍ଯ୍ୟ (ଆଚରଣ ଓ ଉଚ୍ଚାରଣ) ସବୁ ସମାନ ଅଟେ । ଅର୍ଥାତ୍ ଆମେ କେବଳ ଏହା ଦେଖି ପ୍ରଭାବିତ ହୋଇଯିବା ନାହିଁ ଯେ, ସାଂସାରିକ ଲୋକେ ଏପରି କରୁଛନ୍ତି, ବରଂ ଆମର ଉଦ୍ଦେଶ୍ୟ ବହୁତ ଉଚ୍ଚ ହେବା ଉଚିତ୍ । ଆମକୁ ସାଂସାରିକ ଲୋକମାନଙ୍କ ସୁଧାର କରିବାକୁ ହେବ, ସେମାନଙ୍କର ସଂସ୍କାର କରିବାକୁ ହେବ, ସେମାନଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବାକୁ ହେବ। ଆଜିକାଲି ସଂସାରରେ ଧର୍ମଠାରୁ ଦୂରତା ସୃଷ୍ଟି ହେଉଛି । ଆମମାନଙ୍କୁ ନିଜର ପ୍ରାର୍ଥନା ଏବଂ କୃତ୍ୟ ଦ୍ୱାରା ସଂସାରକୁ ଜଣାଇବାକୁ ହେବ ଯେ ସତ୍ୟତା କ'ଣ ଏହା ହିଁ ଯେ, ଈଶ୍ୱରଙ୍କ ଆଡ଼କୁ ଆସ, ଏଥିରେ ହିଁ ତୁମର ଅସ୍ତିତ୍ୱ ଓ କଲ୍ୟାଣ ନିହିତ ରହିଛି ।

ଆପଣ ଅ.ସ. କହିଲେ, "ତୁମମାନଙ୍କ ମଧ୍ୟରୁ ଯେଉଁମାନେ ମୋ ସହିତ ସମ୍ପର୍କ ସ୍ଥାପନ କରିଛ ତେବେ ତୁମେମାନେ ମୋର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କର। ସେହି ଉଦ୍ଦେଶ୍ୟ ତଥା ଅଭିପ୍ରାୟ ଏହା ହିଁ ଯେ, ଅଲ୍ଲାଃତାଲାଙ୍କ ସମକ୍ଷରେ ନିଜର ନିଷ୍ଠା ଓ ବିଶ୍ୱସ୍ତତା ଦେଖାଅ ଏବଂ ପବିତ୍ର କୁରଆନ୍ କରୀମର ଶିକ୍ଷା ଉପରେ ସେହିପରି କାର୍ଯ୍ୟାନୁସରଣ ଯେପରି ରସୁଲୁଲ୍ଲାଃ ସ.ଅ କରି ଦେଖାଇଛନ୍ତି ଏବଂ ସାହାବାମାନେ କରିଛନ୍ତି । ପବିତ୍ର କୁରଆନ୍ କରୀମର ସଠିକ୍ ଉଦ୍ଦେଶ୍ୟ ଜାଣ ଏବଂ ତାହାକୁ କାର୍ଯ୍ୟକାରୀ କର । ଅଲ୍ଲାଃତାଲାଙ୍କ ସାମ୍ନାରେ ଏତିକି କଥା ଯଥେଷ୍ଟ ହୋଇପାରିବ ନାହିଁ ଯେ, ତୁଣ୍ଡରେ ସ୍ୱୀକାର କରିନେଲ ଓ କାର୍ଯ୍ୟରେ କୌଣସି ଆଲୋକ ଓ ସକ୍ରିୟତା ଦେଖାଗଲା ନାହିଁ । ମନେରଖ ! ଯେଉଁ ଜମାଅତ୍‌କୁ ଅଲ୍ଲାଃତାଲା ସ୍ଥାପନ କରିବାକୁ ଚାହାଁନ୍ତି ତାହା କାର୍ଯ୍ୟ ଓ କର୍ମ ବିନା ଜୀବିତ ରହିପାରିବ ନାହିଁ । ଏହା ସେହି ମହାନ୍ ଜମାଅତ୍ ଯାହାର ପ୍ରସ୍ତୁତି ହ. ଆଦମ୍ ଅ.ସଙ୍କ ସମୟରୁ ଆରମ୍ଭ ହୋଇଥିଲା । ସଂସାରରେ ଏପରି କୌଣସି ନବୀ (ଅବତାର) ଆସି ନାହାନ୍ତି ଯିଏ ଏହି ନିମନ୍ତ୍ରଣ ସଂପର୍କରେ ସୂଚନା ଦେଇ ନାହାନ୍ତି । ଏହାର ଆଦର କର । ଏହାର ଆଦର ଏହା ହିଁ ଯେ, ନିଜ କାର୍ଯ୍ୟ ଦ୍ୱାରା ସିଦ୍ଧ କରି ଦେଖାଅ ଯେ, ସତ୍ୟପନ୍ଥୀଙ୍କ ଦଳ ତୁମେ ହିଁ ଅଟ । ସେ ନାରୀ ହେଉ କି ପୁରୁଷ ହେଉ, ଶିଶୁ ହେଉ, ଯୁବକ ହେଉ କି ବୃଦ୍ଧ ହେଉ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହି ଚେଷ୍ଟା କରିବାକୁ ପଡ଼ିବ ଯେ, ଆମେମାନେ ନିଜ କାର୍ଯ୍ୟ ଦ୍ୱାରା ଧର୍ମର ପ୍ରକୃତ ଶିକ୍ଷା ଉପରେ ଚାଲିବା । ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରିବାକୁ ହେବ, ଅଲ୍ଲାଃତାଲାଙ୍କ ପ୍ରେମ ହୃଦୟରେ ସୃଷ୍ଟି କରିବାକୁ ହେବ ଏବଂ ନିଜ ଚରିତ୍ରକୁ ଉଚ୍ଚ କରିବାକୁ ହେବ। ଯେତେବେଳେ ଏପରି ହେବ ସେତେବେଳେ ଯାଇ ଆମେମାନେ ବାସ୍ତବରେ ଜମାଅତରେ ସାମିଲ ହେବାର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତିରୂପେ ପରିଗଣିତ ହୋଇପାରିବୁ ।

ହୁଜୁର୍ ଅନ୍ୱର ଅ.ବ କହିଲେ, ତେଣୁ ଆଜି ଆପଣମାନଙ୍କୁ ପ୍ରତିଜ୍ଞା କରିବାକୁ ହେବ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ (ଦୀକ୍ଷା ଗ୍ରହଣ)ର କର୍ତ୍ତବ୍ୟ ସମ୍ପାଦନ କରିବା ଆଡ଼କୁ ଧ୍ୟାନ ଦେବା । ନିଜକୁ ଦୀକ୍ଷାର ପ୍ରତିଜ୍ଞା ପୂରଣ କରିବାର ବୁଝାମଣା ଓ ଜ୍ଞାନ ରଖୁଥିବା ବ୍ୟକ୍ତି ବନାଇବା । ଯେତେ ଯେତେ ଆମେ ଅବତାରଙ୍କ ସମୟର ଦୂରକୁ ଦୂରକୁ ଯାଉଛେ ସେତେ ସେତେ ଦୁର୍ବଳତା ମଧ୍ୟ ବୃଦ୍ଧି ପାଉଛି ଏବଂ ଏହି ଦୁର୍ବଳତାଗୁଡ଼ିକୁ ଦୂର କରିବା ଓ ନିଜେ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟତର ରହିବାର କେବଳ ଗୋଟିଏ ମାଧ୍ୟମ ହେଉଛି ଆମେ ନିଜ ଉପାସନାର ମାନଦଣ୍ଡ ବଢ଼ାଇବା ଏବଂ ନିଜର ଜ୍ଞାନଗତ ସ୍ତରକୁ ମଧ୍ୟ ବୃଦ୍ଧି କରିବା ଉଚିତ୍ । ଯେପରିକି ଆମେମାନେ ନିଜର ସନ୍ତାନ ଓ ଆଗାମୀ ବଂଶଧରମାନଙ୍କର ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟ ଦେଇପାରିବା ଏବଂ ଧର୍ମ ପ୍ରଚାର କ୍ଷେତ୍ରରେ ମଧ୍ୟ ନିଜର ଭୂମିକା ଗ୍ରହଣ କରିପାରିବା । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ନାରୀମାନଙ୍କର ଅଧିକାରକୁ ଇସ୍‌ଲାମ୍ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ କିମ୍ବା ଅନ୍ୟ କୌଣସି ଶାସନ ଏତେ ବିସ୍ତୃତ ଭାବେ ବର୍ଣ୍ଣନା କରି ନାହିଁ । ଏହି ଯୁଗରେ ହ. ମୁହମ୍ମଦ ସ.ଅଙ୍କ ପ୍ରକୃତ ଦାସ ହ. ମସିହ୍ ମଉଦ୍ ଅ.ସ ତ' ଆମମାନଙ୍କୁ ଏହା ସ୍ପଷ୍ଟ ଭାବେ ବର୍ଣ୍ଣନା କରି ଦେଇଛନ୍ତି ଯେ, ନାରୀ ଉପରେ କ'ଣ କ'ଣ ଅଧିକାର ରହିଛି ଏବଂ ଆପଣ ଅ.ସ ସ୍ପଷ୍ଟ କରି ଦେଇଛନ୍ତି ଯେ, ନାରୀକୁ ଇସ୍‌ଲାମ୍ ଧର୍ମ କେଉଁ ସ୍ଥାନ ଓ କେଉଁ ମର୍ଯ୍ୟାଦା ପ୍ରଦାନ କରିଛି ? ତେଣୁ ଜଣେ ଅହମଦି ନାରୀ(ମହିଳା)କୁ ସବୁବେଳେ ମନେରଖିବା ଉଚିତ୍ ଯେ, ସେ ଇସ୍‌ଲାମ୍ ଧର୍ମକୁ ମାନୁଥିବ, ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରୁଥିବ ଏବଂ ପ୍ରକୃତ ଇସ୍‌ଲାମ୍‌ର ସେବିକା ହେବାକୁ ପଡ଼ିବ । ଏଥିପାଇଁ ସେମାନଙ୍କୁ ଅଲ୍ଲାଃତାଲାଙ୍କ ସହତ ନିଜର ସମ୍ପର୍କ ବୃଦ୍ଧି କରିବାକୁ ପୂର୍ଣ୍ଣ ଚେଷ୍ଟା କରିବା ଉଚିତ୍ । ଧର୍ମ ପ୍ରଚାର କ୍ଷେତ୍ରରେ ମଧ୍ୟ ଆପଣମାନଙ୍କୁ ଆଗକୁ ଅଗ୍ରସର ହେବାକୁ ପଡ଼ିବ ଏବଂ ନିଜର ଆଗାମୀ ବଂଶଧରମାନଙ୍କୁ ମଧ୍ୟ ଆଗକୁ ଅଗ୍ରସର କରାବାକୁ ହେବ। ଯେପରିକି ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷାକୁ ଏହି ଦୁନିଆର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ କରିବା ପାଇଁ ଆମେମାନେ ସଠିକ୍ ଭୂମିକା ନିର୍ବାହ କରିପାରିବା । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଉଦ୍‌ବୋଧନ ପରେ ହୁଜୁର୍ ଅନୱର୍ ଦୁଆ କରାଇଲେ । ☆☆☆



## ଗତ ସଂଖ୍ୟା 40,ପୃ-9-11 ମଧ୍ୟରେ ପ୍ରକାଶିତ ହୁଜୁର୍ ଅନୱର୍ ଅ.ବଙ୍କ ଖୁତବା ଜୁମା28-8-26ରେ ଅବଶିଷ୍ଟାଂଶ.....

ହୁଜୁର୍ ଅନ୍ୱର୍ ଛୋଟ ଛୋଟ ଜିନିଷ ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଥିଲେ । ହାଜୀ ମହ୍‌ମ୍ମଦୁଦ୍ଦୀନ୍ ସାହେବ ବର୍ଣ୍ଣନା କରନ୍ତି ଯେ, "ଥରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ ଅ.ସଙ୍କ ସମ୍ବନ୍ଧରେ ବିନୀତ ଜାଣିବାକୁ ପାଇଲା ଯେ, ଆପଣ ଅ.ସ ଏକ ଉତ୍ସବରେ ସିୟାଲକୋଟ୍ ଆସୁଛନ୍ତି । ଧାର୍ଯ୍ୟ ତାରିଖରେ ମୁଁ ମଧ୍ୟ ଦର୍ଶନାଭିଳାଷୀ ହୋଇ ସେଠାରେ ପହଞ୍ଚିଗଲି । ହୁଜୁର ଅ.ସ ଏକ ଘରର ଉପର ମହଲାରେ ବିରାଜମାନ ଥିଲେ ଏବଂ ଆପଣ ଅ.ସଙ୍କ ପ୍ରେମିକମାନେ ଏକ ଭିଡ଼ ଆକାରରେ ତଳେ ଦର୍ଶନ ପାଇଁ ଅପେକ୍ଷା କରି ଠିଆ ହୋଇଥିଲେ । ଠିକ୍ ସେତିକିବେଳେ ହୁଜୁର ଅ.ସ ତଳକୁ ଓହ୍ଲାଇ ଆସିଲେ ଏବଂ ଉପସ୍ଥିତ ଲୋକଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରଦାନ କଲେ । ଜଣେ ବୃଦ୍ଧ ବ୍ୟକ୍ତି ଯେତେବେଳେ ହଜୁର ଅ.ସଙ୍କୁ ଭେଟିଲେ, ସେତେବେଳେ ସେ ଜୋରରେ କାନ୍ଦିବାକୁ ଲାଗିଲେ । ହୁଜୁର ଅ.ସ ତାଙ୍କୁ ଆଶ୍ୱସନା ଦେଇ ଅବସ୍ଥା ପଚାରି ବୁଝିଲେ। ସେ କହିଲେ ହୁଜୁର ! ମୁଁ ହ. ଇମାମ୍ ମେହ୍‌ଦୀଙ୍କ ଆଗମନ ପର୍ଯ୍ୟନ୍ତ ବଞ୍ଚି ରହିବା ପାଇଁ ଦୁଆ କରୁଥିଲି। ହୁଜୁର ଅ.ସ କହିଲେ, ବାବା ! ତେବେ ଆପଣଙ୍କ ଦୁଆକୁ ଈଶ୍ୱର ସ୍ୱୀକାର କରି ନେଇଛନ୍ତି। ପ୍ରତ୍ୟୁତ୍ତରରେ ସେହି ବୃଦ୍ଧ ବ୍ୟକ୍ତି ଜଣକ ବହୁତ ଖୁସି ହେଲେ ଏବଂ ନିଜର ଜଣେ ନାତିକୁ ହଜୁର ଅ.ସଙ୍କ ସାମ୍ନାରେ ଉପସ୍ଥାପନ କରି କହିଲେ, ହୁଜୁର୍ ଏହି ପୌତ୍ର (ନାତି) ଉପରେ ଆପଣ ଅ.ସଙ୍କ ପବିତ୍ର ହାତ ଟିକେ ବୁଲାଇ ଦିଅନ୍ତୁ ଏବଂ ଏହି ନାତି ପାଇଁ ଦୁଆ କରନ୍ତୁ। ହୁଜୁର ଅ.ସ ଦୁଆ କଲେ ଏବଂ ଉପରକୁ ଚାଲିଗଲେ ।" ଆଗକୁ ଏହି ବୃଦ୍ଧ ହ. ମସିହ୍ ମଉଦ୍ ଅ.ସଙ୍କ କୃତଜ୍ଞତାର ଏକ ଘଟଣା ବର୍ଣ୍ଣନା କରୁଛନ୍ତି । ଏହା ତ' ସେଠାରେ ସବୁ ଭୂମିକା ଥିଲା, ଆଗକୁ ଘଟଣାଟି ଏହିପର ଅଟେ ଯେ, ସେ କହନ୍ତି, "ଯିବା ସମୟରେ ସଂଯୋଗବଶତଃ (ଦୈବାତ୍)" ଯେତେବେଳେ ଆପଣ ଅ.ସ ଉପରକୁ ଯାଉଥିଲେ,

ସେତେବେଳେ ଆପଣ ଅ.ସଙ୍କର ଗୋଟିଏ ଜୋତା ଯାହା ସାଧାରଣ ଜୋତା ଥିଲା ତାହା ଆପଣ ଅ.ସଙ୍କ ଗୋଡ଼ରୁ ଖସି ତଳକୁ ଆସୁଥିଲା ।" ଗୋଡ଼ରୁ ତଳକୁ ଖସି ପଡ଼ିଲା "ଯାହାକୁ ବିନୀତ ଉଠାଇ ନିଜ ହାତରେ ଆପଣ ଅ.ସଙ୍କ ଗୋଡ଼ରେ ପିନ୍ଧାଇ ଦେଲା । ଫଳତଃ ହୁଜୁର୍ ଅ.ସ ହସ ହସ ମୁହଁରେ ପ୍ରେମଭରା ଶବ୍ଦରେ କହିଲେ, **ଯଜାକାଲ୍ଲାଃହ**" ଏବଂ ବହୁତ କୃତଜ୍ଞତା ମଧ୍ୟ ଜ୍ଞାପନ କଲେ ।

**(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-5, ପୃ-334ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୃତଜ୍ଞତା ଜ୍ଞାପନ କରିବାର କୌଣସି ଅବସରକୁ ମଧ୍ୟ ହାତ ଛଡ଼ା କରୁ ନଥିଲେ । ହଜରତ ମସିହ୍ ମଉଦ୍ ଅ.ସ ହଜରତ ମୁନ୍‌ସୀ ରୁସ୍ତମ୍ ଅଲୀ ସାହେବ ର.ଅଙ୍କୁ ନିଜର ଏକ ପତ୍ରରେ ଉଲ୍ଲେଖ କରନ୍ତି: "ମୁନ୍‌ସୀ ରୁସ୍ତମ୍ ଅଲୀ ସାହେବ ସଲ୍ଲମହୁ ! **ଅସ୍ସଲାମୁ ଅଲୈକୁମ ୱ ରହମତୁଲ୍ଲାଃହି ୱା ବରକାତୁହୁ।** ପଚାଶ ଟଙ୍କାର ଅର୍ଥ ପଠାଯାଇଛି, ଯାହା ମିଆଁ ଇମାମୁଦ୍ଦୀନ୍ ସାହେବଙ୍କ ଜରିଆରେ ଆପଣ ଅ.ସଙ୍କ ପାଖରେ ପହଞ୍ଚିଗଲା । ଯେଭଳି ଭାବରେ ଆପଣ ଏବଂ ଚୌଧୁରୀ ମହମ୍ମଦ ବକ୍ସ ସାହେବ ଚେଷ୍ଟା କରିଛନ୍ତି ଅଶେଷ ଦୟାବାନ୍ ପ୍ରଭୁ ଆପଣମାନଙ୍କୁ ମହାନ ପୁରସ୍କାର ପ୍ରଦାନ କରନ୍ତୁ ଏବଂ ଦୁନିଆ ଓ ଆଖେରତରେ (ଅର୍ଥାତ୍ ଇହକାଳ ଓ ପରକାଳରେ) ସାଫଲ୍ୟ ମଣ୍ଡିତ କରନ୍ତୁ । ଏଠାରେ ଲେଖିବା ସମୟ ପର୍ଯ୍ୟନ୍ତ ସବୁ ପ୍ରକାରେ କୁଶଳ ଅଛି । ଆପଣ ଅ.ସ ପୁଣି ନିଜ ସଂପର୍କରେ ସୂଚନା ଦେଲେ ।

**(ମକ୍‌ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ- 467-468)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ କଥାରେ, ପ୍ରତ୍ୟେକଙ୍କ ସହିତ କୌଣସି ଛୋଟ ଜିନିଷ ମଧ୍ୟ ହେଉ ନା କାହିଁକି ଆପଣ ଅ.ସ ସର୍ବଦା କୃତଜ୍ଞତା ଜ୍ଞାପନ କରୁଥିଲେ। ଏ ସଂପର୍କରେ ଏକ ଘଟଣା ଅଛି । ହଜରତ୍ ମିଆଁ ମୀରାଁ ବକ୍ସ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଏହି ବିନୀତ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏବଂ ମେହ୍‌ଦୀ ମାହୁଦ୍ ଅ.ସଙ୍କ ବୈୟତ୍‌ରେ ପ୍ରାୟ 1897 ମସିହା କିମ୍ବା 1898 ମସିହାରେ ଆସିଥିଲା । କିନ୍ତୁ ନିଜ ପିତାଙ୍କ ଆଗରେ କିଛି ସମୟ ପର୍ଯ୍ୟନ୍ତ ଏହି କଥା ପ୍ରକାଶ କଲା ନାହିଁ । ଶେଷରେ ଆଉ କେତେଦିନ ପର୍ଯ୍ୟନ୍ତ ଲୁଚାଯାଇ ପାରିଥାନ୍ତା । ଭେଦ ଯେତେବେଳେ ଖୋଲିଗଲା ସେତେବେଳେ ପିତା ବିନୀତକୁ ସ୍ପଷ୍ଟ ଉତ୍ତର ଦେଇ ଘରୁ ବାହାର କରିଦେଲେ ଯେ, ତୁମେ ଅହମଦି ହୋଇଯାଇଛ । ତୁମେ ଘରୁ ବାହାରି ଯାଅ ।

ଅବଶିଷ୍ଟାଂଶ ...ପରବର୍ତ୍ତୀ ସଂଖ୍ୟାରେ

## ପାଠକବୃନ୍ଦ ଦୟାକରି ଧ୍ୟାନ ଦିଅନ୍ତୁ
## ସାପ୍ତାହିକ ବଦରର ସହାୟତା

ସାପ୍ତାହିକ ବଦର୍‌କୁ ଏହି ଗୌରବ ହାସଲ ହୋଇଛି ଯେ, ଏହି ସମ୍ବାଦପତ୍ର ସମ୍ପୂର୍ଣ୍ଣ ରୂପେ ହଜରତ୍ ମୁହମ୍ମଦସ.ଅଙ୍କ ପ୍ରକୃତ ସେବକ ଯୁଗାବତାର ପୁଣ୍ୟଶ୍ଳୋକ ହଜରତ୍ ମସିହ ମଉଦ୍ ଅ.ସଙ୍କ ପବିତ୍ର ଛାତ୍ର ଛାୟା ତଳେ ଗଢ଼ି ଉଠିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରଥମେ ନବୁୱତ୍ (ଅବତାରତ୍ୱ) ଏବଂ ପରେ ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ (ଅବତାରତ୍ୱ ପନ୍ଥାନୁଯାୟୀ ସ୍ଥାପିତ ଖିଲାଫତ୍)ଙ୍କ ନେତୃତ୍ୱରେ ଏହି ସମ୍ବାଦପତ୍ର ପ୍ରଚାରିକ, ସାଂସ୍କାରିକ ଓ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ନିଷ୍ଠାର ସହକାରେ ସମ୍ପାଦନ କରି ଆସୁଛି । ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଅନେକ ପବିତ୍ରାତ୍ମାମାନେ ଅହମଦିୟା ସମ୍ପ୍ରଦାୟରେ ସାମିଲ୍ ହୋଇଛନ୍ତି । ଉକ୍ତ ସମ୍ବାଦପତ୍ର ଜରିଆରେ ଖିଲାଫତେ ଅହମଦିୟାଙ୍କ ନିର୍ଦ୍ଦେଶକ୍ରମେ ଅହମଦି ପରିବାରଗୁଡ଼ିକର ଆଧ୍ୟାତ୍ମିକ ସଂସ୍କାର ହେଉଅଛି ଏବଂ ଆଗକୁ ମଧ୍ୟ **ଇନ୍‌ଶାଆଲ୍ଲାହ୍** (ଈଶ୍ୱର ଚାହିଁଲେ) ସଂସ୍କାର ହେଉଥିବ ।

ସମ୍ବାଦପତ୍ରର ପ୍ରସ୍ତୁତି, ପ୍ରକାଶନ, ପ୍ୟାକିଂ ଏବଂ ପଠାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । କେବଳ ସାଧାରଣ ଗ୍ରାହକ ଶୁଳ୍କରୁ ଏହି ସବୁ ଖର୍ଚ୍ଚ ଭରଣା ଓ ପୂରଣ କରିବା ସମ୍ଭବପର ନୁହେଁ । ତେଣୁ ଏଥିପାଇଁ ବିଶେଷ ସାହାଯ୍ୟ ଓ ସହଯୋଗୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଯେଉଁମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସମ୍ବାଦପତ୍ରର ଖର୍ଚ୍ଚ ବହନ କରିବାକୁ ଆଗେଇ ଆସିବେ । ଏହି ସମ୍ବାଦପତ୍ରକୁ ସହାୟତା କରୁଥିବା ଲୋକମାନଙ୍କୁ ଈଶ୍ୱର କେବେ ହେଲେ ନିରାଶ କରିବେ ନାହିଁ । କାରଣ ଈଶ୍ୱରଙ୍କ ପ୍ରତିଶ୍ରୁତି ରହିଛି ଯେ, "اِنّی معین من اراد اعانتک" (ଅର୍ଥାତ୍: "ଯିଏ ତୁମକୁ ସାହାଯ୍ୟ କରିବାକୁ ଚାହିଁବ, ମୁଁ ତାକୁ ସାହା ଏଯ୍ୟ କରିବି")। ସାହାଯ୍ୟକାରୀଙ୍କର ସମସ୍ତ ବିଷୟର ରକ୍ଷାକର୍ତ୍ତା ଈଶ୍ୱର ନିଜେ ହେବେ ଏବଂ ନିଜ ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କର ବାଣିଜ୍ୟ ବ୍ୟବସାୟ, ଚାକିରି, ବଗିଚା, ଫସଲ ଏବଂ ସମ୍ପତ୍ତିରେ ବହୁ ଗୁଣା ବୃଦ୍ଧି କରିବେ ଓ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । **ଇନ୍‌ଶାଆଲ୍ଲାଃ** । ଯେକୌଣସି ପ୍ରକାରର ମାର୍ଗଦର୍ଶନ ପାଇଁ ସାପ୍ତାହିକ ବଦରର ମ୍ୟାନେଜର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ନମ୍ବର: **9815639670**

## ସୟେଦିନା ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତ (1 Sep 2023 ଶୁକ୍ରବାର ଦିନ)।

ହଜୁର ଅନ୍‌ୱର୍ ଅ.ବ ସକାଳ ପାଞ୍ଚଟା ବାଜି 40 ମିନିଟ ସମୟରେ ମର୍ଦାନା (ପୁରୁଷ) ଜଲ୍‌ସା ଗାହ୍ ଠାକୁ ଆସି ଫଜର୍ ନମାଜ ପାଠ କରିବା ପରେ ଆପଣ ଅ.ବ ନିଜର ରହଣୀ ସ୍ଥାନକୁ ଫେରିଗଲେ । ସକାଳେ ହଜୁର ଅନ୍‌ୱର୍ ଅ.ବଙ୍କର କାର୍ଯ୍ୟାଳୟ ସଂପର୍କିତ ବିଭିନ୍ନ କାମରେ ବ୍ୟସ୍ତତା ରହିଥିଲା । ଆଜି ଅଲ୍ଲାଃତାଲାଙ୍କର କୃପାରୁ ଜମାଅତ୍ ଅହମଦିୟା ଜର୍ମାନୀର ଜଲ୍‌ସା ସାଲାନା (ବାର୍ଷିକ ଜଲସା) ବିଧି ବଦ୍ଧ ଭାବରେ ଆରମ୍ଭ ହୋଇଗଲା। ଉକ୍ତ ଜଲସା ଏହି ଦୃଷ୍ଟିରୁ ମଧ୍ୟ ଐତିହାସିକ ମହତ୍ତ୍ୱର ଅଧିକାରୀ ଯେ, ଜମାଅତ୍ ଅହମଦିୟା ଜର୍ମାନୀର ପ୍ରତିଷ୍ଠାକୁ ଶହେ ବର୍ଷ ପୂର୍ତ୍ତି ହେବା ଉପଲକ୍ଷେ ଏହା ଅନୁଷ୍ଠିତ ହେଉଥିଲା । ପ୍ରୋଗ୍ରାମ୍ (କାର୍ଯ୍ୟକ୍ରମ) ଅନୁଯାୟୀ ଦ୍ୱିପ୍ରହର 1ଟା ବାଜି 55 ମିନିଟ ସମୟରେ ହଜୁର ଅନ୍‌ୱର୍ ଅ.ବ ଧ୍ୱଜା ଉତ୍ତୋଳନ ସାମିପ୍ତ ପାଇଁ ଜଲ୍‌ସା ଗାହ୍‌ର ବିଭିନ୍ନ ହଲଗୁଡ଼ିକ ମଧ୍ୟରେ ଥିବା ଖୋଲା ଲନ୍‌କୁ ଆସିଲେ ।

ହଜୁର ଅନ୍‌ୱର ଅ.ବ ଅହମଦିୟା ପତାକା (ଧ୍ୱଜା) ଉତ୍ତୋଳନ କଲେ ଏବଂ ଅମୀର ସାହବ ଜର୍ମାନୀ ଜର୍ମାନୀର ଜାତୀୟ ପତାକା ଉତ୍ତୋଳନ କଲେ । ଏହାପରେ ହଜୁର ଅ.ବ ଦୁଆ କରାଇଲେ ।

ହଜୁର ଅନ୍‌ୱର ଅ.ବ ଏମ.ଟି.ଏ (MTA) ଇଣ୍ଟରନେସନାଲ୍ ପକ୍ଷରୁ ଏଠାରୁ ଜଲ୍‌ସା ଗାହରୁ ଲାଇଭ୍ (LIVE) ପ୍ରସାରଣ ସକାଳୁ ଆରମ୍ଭ ହୋଇଯାଇଥିଲା । ପତାକା ଉତ୍ତୋଳନର ଏହି କାର୍ଯ୍ୟକ୍ରମ ମଧ୍ୟ ଦିନସାରା ଲାଇଭ୍ ପ୍ରସାରିତ ହୋଇଥିଲା । ଏହାପରେ ହଜୁର ଅନ୍‌ୱର୍ ଅ.ବ ପୁରୁଷ ଜଲ୍‌ସା ଗାହକୁ ଆସିଲେ ଏବଂ ଖୁତ୍‌ବା ଜୁମା ଦେଲେ । ଏଥି ସହିତ ଜଲ୍‌ସା ସାଲାନା ଜର୍ମାନୀର ବିଧିବଦ୍ଧ ଉଦ୍‌ଘାଟନ ହେଲା । ଖୁତ୍‌ବା ଜୁମା ପାଇଁ ପୁରୁଷ ଜଲ୍‌ସା ଗାହରେ ନିମ୍ନଲିଖିତ ଭାଷାଗୁଡ଼ିକରେ ଅନୁବାଦର ବ୍ୟବସ୍ଥା କରାଯାଇଥିଲା । ଜର୍ମାନ, ଇଂରାଜୀ, ଆରବୀ, ଫାର୍ସି, ସ୍ୱିଡିଶ୍, ହଙ୍ଗେରୀୟ, ତୁର୍କୀ, ରୁଷୀୟ, ବୁଲ୍‌ଗେରୀୟ, ଆଲବାନୀୟ ଏବଂ ସ୍ପାନିଶ୍ । ଜଲ୍‌ସା ଗାହ୍‌ରେ ହେଡ୍‌ଫୋନ୍ (Headphones) ଜରିଆରେ ସମସ୍ତ ଭାଷାରେ ଅନୁବାଦ ଶୁଣିବାର ବ୍ୟବସ୍ଥା କରାଯାଇଥିଲା । ଅପର ପକ୍ଷେ ପୁରୁଷ ଜଲ୍‌ସା ଗାହ୍‌ରେ ରେଡିଓ ଏବଂ ହେଡ୍‌ଫୋନ୍ ଜରିଆରେ ସମସ୍ତ ଭାଷାରେ ଅନୁବାଦ ଶୁଣିବାର ବ୍ୟବସ୍ଥା କରାଯାଇଥିଲା ।

ହଜୁର ଅନ୍‌ୱର ଅ.ବ ଏମ୍.ଟି.ଏ. (MTA) ଇଣ୍ଟରନ୍ୟାଶନାଲ୍ ଜରିଆରେ ଏଠାରୁ ନଅଟି ଭାଷାରେ ଯଥା- ଇଂରାଜୀ, ଆରବୀ, ଫାର୍ସି, ବଙ୍ଗାଳୀ, ଜର୍ମାନ୍, ଇଣ୍ଡୋନେସୀୟ, ରଷୀୟ, ସୱାହିଲୀ ଏବଂ ସ୍ପାନିଶ୍ ଭାଷାରେ ଖୁତ୍‌ବା ଜୁମାର ଲାଇଭ୍ (LIVE) ଅନୁବାଦର ବ୍ୟବସ୍ଥା ରହିଥିଲା । ଅପରପକ୍ଷେ ୟୁରୋବା, ବାଉସା, TWE, ତାମିଲ୍ ଏବଂ ମାଲିୟାଲମ୍ ଭାଷାରେ ମଧ୍ୟ ଲାଇଭ୍ ଅନୁବାଦର ବ୍ୟବସ୍ଥା ଥିଲା ।

ଦୁଇଟା ବାଜି ଦଶ ମିନିଟ୍ ସମୟରେ ହଜୁର ଅନ୍‌ୱର୍ ଅ.ବ ଖୁତ୍‌ବା ଜୁମା ଆରମ୍ଭ କଲେ।(ଖୁଲାସା ଖୁତ୍‌ବା ଜୁମା ପାଇଁ ଦୟାକରି 'ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍' ସେପ୍ଟେମ୍ବର ମାସ 04 ତାରିଖ 2023 ମସିହା ଦେଖନ୍ତୁ) ।

ହଜୁର ଅନ୍‌ୱର୍ ଅ.ବ ଏହି ଖୁତ୍‌ବା ଜୁମା ତିନିଟା ବାଜି ତେର ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ହଜୁର ଅନ୍‌ୱର୍ ଅ.ବଙ୍କର ଖୁତ୍‌ବା ଜୁମା ସମ୍ପୂର୍ଣ୍ଣ ପାଠ୍ୟ ଯଥାସ୍ଥାନରେ ଅଲଗା ପ୍ରକାଶ ପାଇବ । ଖୁତ୍‌ବା ଜୁମା ପରେ ହଜୁର ଅନ୍‌ୱର୍ ଅ.ବ ନମାଜ୍ ଜୁମା ସହିତ ନମାଜ୍ ଅସର୍ ଏକାଠି କରି ପାଠ କରାଇଲେ ।

ନମାଜ୍ ପାଠ କରିବା ପରେ ହୁଜୁର ଅନ୍‌ୱର୍ ଅ.ବ ନିଜର ରହଣୀ ସ୍ଥାନ ଆଡ଼କୁ ଆସିବା ବାଟରେ Humanity First ପ୍ରଦର୍ଶନୀକୁ ଆଡ଼କୁ ଗଲେ । ହୁଜୁର ଅନ୍‌ୱର୍ ଅ.ବ ସେହି ମଇଳା ପାଣିର ବାଲ୍ଟି ବିଷୟରେ ପଚାରିଲେ ଯାହାର ନିର୍ଦ୍ଦେଶ ହୁଜୁର ଅନ୍‌ୱର୍ ଅ.ବ ଗୋଟେ ଦିନ ପୂର୍ବରୁ ଦେଇଥିଲେ ।

ପ୍ରତ୍ୟୁତ୍ତରରେ ହ୍ୟୁମାନିଟି ଫାର୍ଷ୍ଟ (Humanity First)ର ଇନ୍‌ଚାର୍ଜ ସାହବ ଜର୍ମାନୀ କହିଲେ ଯେ, ଏହି ବାଲ୍‌ଟି ପ୍ରଦର୍ଶନୀର ଗୋଟିଏ ଭାଗରେ ରଖି ଦିଆଯାଇଛି। ଇନ୍‌ଚାର୍ଜ ସାହବ ହ୍ୟୁମାନିଟି ଫାର୍ଷ୍ଟ ହଜୁର ଅନ୍‌ୱର୍ ଅ.ବଙ୍କ ଦରବାରରେ କହିଲେ ଯେ, ଏବେ ଆମେ ଆମର 'ଫଙ୍କ୍' (FUNK) ସିଷ୍ଟମ୍ ମଧ୍ୟ ପ୍ରସ୍ତୁତ କରି ନେଇଛୁ । ଯାହାଫଳରେ ଆମେ ଡିଜାଷ୍ଟର ରିଲିଫ୍ (Disaster Relief) ସମୟରେ ପରସ୍ପର ମଧ୍ୟରେ ଯୋଗାଯୋଗ ସ୍ଥାପନ କରିପାରିବୁ । ଯଦି କୌଣସି କାରଣରୁ ଟେଲିଫୋନ୍ ସିଷ୍ଟମ୍ ବନ୍ଦ ହୋଇଯାଏ ତେବେ ମଧ୍ୟ ଆମେ ନିଜ ସିଷ୍ଟମ ଜରିଆରେ ପରସ୍ପର ମଧ୍ୟରେ ଯୋଗାଯୋଗ ସ୍ଥାପନ କରିପାରିବା ।

ଅବଶିଷ୍ଟାଂଶ ...ପରବର୍ତ୍ତୀ ସଂଖ୍ୟାରେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP- 40/2026-2028 Vol. 11 Thursday- 08 Oct 2026 Issue No. 41
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟାନ୍ସ.ଅ.ର ଅବିଶିଷ୍ଟାଂଶ

ସେଇଥିପାଇଁ ପବିତ୍ର କୁରଆନ୍ କରୀମ୍ ପ୍ରଳୟ ଦିବସ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ ନୂତନ କଥାକୁ ମଧ୍ୟ ଯୋଗ କରି ଏକ ସମ୍ପୂର୍ଣ୍ଣ ଏବଂ ଶାଶ୍ୱତ ଶରୀୟା (ଧର୍ମବିଧାନ) ପ୍ରଦାନ କରିଛି ଏବଂ ଅଲ୍ଲାଃଙ୍କ ପକ୍ଷରୁ ସେଥିରେ ଏପରି ଗୁଣ ଓ ବୈଶିଷ୍ଟ୍ୟତା ସବୁ ସନ୍ନିହିତ କରି ଦିଆଯାଇଛି ଯେ, ଏହି ବାହ୍ୟ ଜଗତ ପରି ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ମାନବଜାତିର ଧାର୍ମିକ ଆବଶ୍ୟକତାର ସାମଗ୍ରୀଗୁଡ଼ିକୁ ନିଜ ମଧ୍ୟରେ ନିହିତ ରଖିଛି ଯାହା ଆବଶ୍ୟକତା ଅନୁଯାୟୀ ପ୍ରକାଶ ପାଇଥାଏ । ବାସ୍ତବରେ ପବିତ୍ର କୁରଆନ୍ କରୀମ୍ ନିମ୍ନଲିଖିତ ଶିକ୍ଷାଗୁଡ଼ିକର ଏକ ସମାହାର ଅଟେ: **ପ୍ରଥମତଃ** ଗତ ସୁହୁଫ୍ (ଗ୍ରନ୍ଥଗୁଡ଼ିକ)ର ସେହି ଅଂଶଗୁଡ଼ିକ ଯାହା ଏକ ଶାଶ୍ୱତ ଏବଂ ବିଶ୍ୱବ୍ୟାପୀ ଶରୀୟା (ଧର୍ମବିଧାନ)ର ଅଂଶ ହୋଇପାରିଥାଆନ୍ତେ । **ଦ୍ୱିତୀୟତଃ**: ଭବିଷ୍ୟତ ପାଇଁ ବିଶ୍ୱର ବିଭିନ୍ନ ଜାତିଗୁଡ଼ିକର ଆବଶ୍ୟକତା ଅନୁଯାୟୀ ସ୍ୱାଧୀନ ଶିକ୍ଷା, ଯାହା ହକୁକୁଲ୍ ଇବାଦ୍ (ମାନବାଧିକାର) ଏବଂ ହକୁକୁଲ୍ଲାଃହ (ଈଶ୍ୱରଙ୍କ ଅଧିକାର)ର ସମ୍ପୂର୍ଣ୍ଣ ପାଳନ ଏବଂ ପ୍ରତ୍ୟେକ ପ୍ରକାରର ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଜରୁରୀ ଥିଲା ।

ସେ ଯାହାହେଉ, ଏହି ଧାରଣା ଯେ, ପବିତ୍ର କୁରଆନ୍ କରୀମ୍ କିମ୍ବା ଆଁହଜରତ୍ ସ.ଅଙ୍କ ନବୁଅତ୍ (ଅବତାରତ୍ୱ) ଖ୍ରୀଷ୍ଟଧର୍ମ କିମ୍ବା ଅନ୍ୟ କୌଣସି ଧର୍ମର ଶିକ୍ଷାର ପରିଣାମ ଥିଲା ଏପରି କହିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଅସାର ଅଟେ । ଏପରି ଦାବି କେବଳ ସେହି ବ୍ୟକ୍ତି ହିଁ କରିପାରିବ ଯିଏ ଇସ୍ଲାମୀୟ ଇତିହାସ ଏବଂ ଇସ୍ଲାମୀୟ ଶିକ୍ଷା ସହିତ ସମ୍ପୂର୍ଣ୍ଣ ରୂପେ ଅଜ୍ଞ ଅଟେ । ବିଶେଷକରି ବହିରା ରାହିବ୍ (Buhira the Monk) ଇତ୍ୟାଦିଙ୍କ ସହିତ ସାକ୍ଷାତ୍ ଆଡ଼କୁ ଇସ୍ଲାମୀୟ ଶିକ୍ଷାଗୁଡ଼ିକୁ ଆରୋପ କରିବା ତ' ଏକ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ କଥା ଅଟେ ଯାହା କୌଣସି ଜ୍ଞାନୀ ବ୍ୟକ୍ତିଙ୍କ ତୁଣ୍ଡରୁ (ମୁହଁରୁ) ବାହାରି ପାରିବ ନାହିଁ ।

**ଆପଣ ସ.ଅଙ୍କ ଛେଳି ଚରାଇବା:**

ଆଁହଜରତ ସ.ଅ ଯେତେବେଳେ ସିରୀୟା ଯାତ୍ରାରୁ ଫେରିଲେ ସେତେବେଳେ ଆପଣ ସ.ଅ ନିୟମିତ ଭାବେ ଅବୁ ତାଲିବ୍‌ଙ୍କ ପାଖରେ ହିଁ ରହୁଥିଲେ । କିନ୍ତୁ ଯେହେତୁ ଆରବରେ ପିଲାମାନଙ୍କୁ ସାଧାରଣତଃ ପଶୁ ଚରାଇବା କାମରେ ନିୟୋଜିତ କରାଯାଉଥିଲା । ସେଇଥିପାଇଁ ଏହି ସମୟରେ ଆପଣ ସ.ଅ ମଧ୍ୟ ବେଳେବେଳେ ଏହି କାମ କରିଥିଲେ ଏବଂ ଛେଳି ଚରାଉଥିଲେ । ☆

☆ ଏହାର କାରଣ ଏହା ଜଣାପଡ଼େ ଯେ, ଅବତାରମାନଙ୍କର କାମ ମଧ୍ୟ ସେମାନଙ୍କର ପ୍ରକୃତି ଦୃଷ୍ଟିରୁ ଗୋରୁଗାଈ କିମ୍ବା ମେଣ୍ଢା ଚରାଇବା (ଗୋପାଳକ ବା ଚରୁଆଳୀ)ର ରୂପ ଧାରଣ କରିଥାଏ । ତେଣୁ ଅଲ୍ଲାଃତାଲା ସେମାନଙ୍କ ଠାରୁ ସେମାନଙ୍କର ପ୍ରାରମ୍ଭିକ ବୟସରେ ଚରୁଆଳୀର କାମ କରାଇ ଚିତ୍ରାତ୍ମକ ଭାଷାରେ ଏହି ଇଙ୍ଗିତ କରିଦିଅନ୍ତି ଯେ, ଏବେ ତୁମେମାନେ ମଧ୍ୟ ମନୁଷ୍ୟମାନଙ୍କର ଗୋପାଳକ (ନେତୃତ୍ୱ ଓ ମାର୍ଗଦର୍ଶନ) ପାଇଁ ପ୍ରସ୍ତୁତ ହୋଇଯାଅ । ନବୁଅତ୍ (ଅବତାରତ୍ୱ)ର ଜୀବନକାଳ ମଧ୍ୟରେ ଆପଣ ସ.ଅ କହୁଥିଲେ ଯେ, ଛେଳି ଚରାଇବା ମଧ୍ୟ ନବୀମାନଙ୍କର ସୁନ୍ନତ୍ (ପରମ୍ପରା) ଅଟେ । 1- ମୁଁ ମଧ୍ୟ ଛେଳି ଚରାଇଛି । ସୁତରାଂ ଏକ ଅବସରରେ ଯାତ୍ରା ସମୟରେ ଆପଣ ସ.ଅଙ୍କର ସାଥୀମାନେ ଜଙ୍ଗଲରେ ପୀଲୁ (ଜଙ୍ଗଲି ଫଳ) ସଂଗ୍ରହ କରି ଖାଇବାକୁ ଲାଗିଲେ । ତେଣୁ ଆପଣ ସ.ଅ କହିଲେ: କଳା କଳା ପୀଲୁ ଫଳ ଖୋଜି ଖାଅ । କାରଣ ଯେତେବେଳେ ମୁଁ ଛେଳି ଚରାଉଥିଲି ସେତେବେଳେ ମୋର ମଧ୍ୟ ଏହି ଅଭିଜ୍ଞତା ରହିଛି ଯେ, କଳା ରଙ୍ଗର ପୀଲୁ ଫଳ ଅଧିକ ଭଲ ଓ ସ୍ୱାଦିଷ୍ଟ ହୋଇଥାଏ ।

**(ବୁଖାରୀ,. କିତାବୁ ବଦଉନ୍ ଖଲକି, ବାବ୍- ୟାକୁଫୁନା ଅଲା ଅସ୍‌ନାମିନ୍)**

**2- ଅମଙ୍ଗଳ ବା ପାପରୁ ଈଶ୍ୱରୀୟ ରକ୍ଷା:** ଏହି ସମୟର ଏକ ଘଟଣା ରହିଛି ଯେ, ଆଁହଜରତ ସ.ଅ ଦିନେ ରାତିରେ ନିଜର ସାଥୀକୁ କହିଲେ, ଯେକି ଛେଳି ଚରାଇବାରେ ଆପଣ ସ.ଅଙ୍କର ଭାଗିଦାର ଥିଲା । ଆଁହଜରତ୍ ସ.ଅ ତାକୁ କହିଲେ, ହେ ମୋର ସାଥି! ତୁମେ ମୋର ଛେଳିଗୁଡ଼ିକର ଯତ୍ନ ନିଅ । କାରଣ ମୁଁ ଟିକେ ସହରକୁ ଯାଇ ଲୋକଙ୍କର ମହଫିଲ୍ (ଆସର) ଦେଖି ଆସିବି । ସେହି ଦିନମାନଙ୍କରେ ଏହି ନିୟମ ଥିଲା ଯେ, ରାତି ସମୟରେ ଲୋକମାନେ କୌଣସି ଘରେ ଏକାଠି ହୋଇ କାହାଣୀ ଶୁଣାଉଥିଲେ ଏବଂ କବିତା ଓ ଗଜଲ୍‌ର ଚର୍ଚ୍ଚା କରୁଥିଲେ ଓ ବେଳେବେଳେ ସେହି ସଭାରେ ହିଁ ସାରା ରାତି ବିତାଇ ଦେଉଥିଲେ । ଆଁହଜରତ ସ.ଅ ମଧ୍ୟ ପିଲାଦିନର ଆଗ୍ରହବଶତଃ ଏହି ତାମାସା ଦେଖିବାକୁ ଗଲେ । କିନ୍ତୁ ଅଲ୍ଲାଃତାଲାଙ୍କୁ ଏହି ନିରର୍ଥକ କାମରେ ଖାତମୁନ୍ ନବୀୟୀନ୍ ସ.ଅଙ୍କର ଅଂଶଗ୍ରହଣ ପସନ୍ଦ ଆସିଲା ନାହିଁ । ସୁତରାଂ ଆପଣ ସ.ଅ ଗୋଟିଏ ସ୍ଥାନକୁ ଗଲେ କିନ୍ତୁ ବାଟରେ ନିଦ ଆସିଗଲା ଏବଂ ଆପଣ ସ.ଅ ଶୋଇଗଲେ । ସକାଳ ପର୍ଯ୍ୟନ୍ତ ଶୋଇ ରହିଲେ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ସିରତୁଲ୍ ମେହଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ଯେତେବେଳେ ରାଜସ୍ୱ କାଗଜପତ୍ରରେ ଆମର ତାୟା (ବଡ଼ ବାପା) ଏବଂ ହଜରତ୍ ସାହବଙ୍କ ନାମରେ ଜମିଜମା ତଥା ସମ୍ପତ୍ତିର ହସ୍ତାନ୍ତର (Mutation) ରେକର୍ଡ ହେଲା, ସେତେବେଳେ ସେଥିରେ ମଧ୍ୟ ଗୁଲାମ ଅହମଦ ନାମ ହିଁ ରେକର୍ଡ (ଦରଜ୍) ଥିଲା ଏବଂ (7) ପଞ୍ଜାବ ଚିଫ୍ସ୍ (Punjab Chiefs) ପୁସ୍ତକରେ ମଧ୍ୟ ଯାହା ସରକାରଙ୍କ ପକ୍ଷରୁ ପ୍ରକାଶିତ ହୋଇଛି ସେଥିରେ ମଧ୍ୟ ଏହି ନାମ ହିଁ ଲିଖିତ ଅଛି ଏବଂ (8) ଅନ୍ୟାନ୍ୟ ସମସ୍ତ ସରକାରୀ କାଗଜପତ୍ର ଏବଂ ଦସ୍ତାବିଜ୍‌ରେ (ନଥିପତ୍ରରେ) ମଧ୍ୟ ଏହି ନାମ ହିଁ ରେକର୍ଡ (ଦରଜ୍) ହୋଇ ରହିଛି ଏବଂ (9) ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଏବଂ ନିକଟ ସମ୍ପର୍କୀୟ...ସମ୍ପର୍କୀୟମାନଙ୍କ ନାମଗୁଡ଼ିକର ଅନୁମାନ ମଧ୍ୟ ଏହି ନାମର ସମର୍ଥନ କରୁଛି ଏବଂ (10) ଖୋଦ୍ (ନିଜେ) ହ. ମସିହ୍ ମଉଦ୍ ଅ.ସ ମଧ୍ୟ ସର୍ବଦା ନିଜର ପତ୍ର, ଲେଖା ଏବଂ ଗ୍ରନ୍ଥଗୁଡ଼ିକରେ ଏହି ନାମ ହିଁ ବ୍ୟବହାର କରିଛନ୍ତି ଏବଂ (11) ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଇଂରେଜ ଅଦାଲତ୍‌ମାନଙ୍କରେ ଯେତେ ମକଦ୍ଦମା ଦାଏର୍ ହେଲା ସେସବୁରେ ଅଧିକାରୀ ଏବଂ ବିରୋଧୀ ଉଭୟଙ୍କ ପକ୍ଷରୁ ଏହି ନାମ ହିଁ ବ୍ୟବହାର ହୋଇଥିଲା ଏବଂ (12) ହ. ମସିହ୍ ମଉଦ୍ ଅ.ସଙ୍କ ଦାବି ପୂର୍ବରୁ ଯେତେବେଳେ ପ୍ରଥମ କାଫିର୍ ଘୋଷଣାକାରୀ ମୌଲବୀ ମୁହମ୍ମଦ ହୁସୈନ୍ ସାହବ ବଟାଲୱୀ 'ବରାହୀନେ ଅହମଦିୟା' ଉପରେ ରିଭ୍ୟୁ (ମନ୍ତବ୍ୟ) ଲେଖିଲେ ସେତେବେଳେ ସେଥିରେ ମଧ୍ୟ ସେ ଏହି ନାମ ହିଁ ଲେଖିଥିଲେ ଏବଂ (13) କଠୋର ବିରୋଧୀ ତଥା ଘୋର ଶତ୍ରୁ ମୌଲବୀ ସନାଉଲ୍ଲାଃ ଅମୃତସରୀ ନିଜର ସମସ୍ତ ବିରୋଧାତ୍ମକ ଗ୍ରନ୍ଥରେ ସର୍ବଦା ଏହି ନାମ ହିଁ ବ୍ୟବହାର କରିଛନ୍ତି ଏବଂ (14) ହ. ମସିହ୍ ମଉଦ୍ ଅ.ସଙ୍କ ତିରୋଧାନ (ବିୟୋଗ) ରେ ଯେଉଁ ବିଂଶାଧିକ (କୋଡ଼ିଏରୁ ଊର୍ଦ୍ଧ୍ୱ), ଶହ ଶହ ହିନ୍ଦୁ, ଶିଖ, ଖ୍ରୀଷ୍ଟିଆନ୍, ମୁସଲମାନ ସମ୍ବାଦପତ୍ରଗୁଡ଼ିକ ଆପଣ ଅ.ସଙ୍କ ସମ୍ବନ୍ଧରେ ନୋଟ୍ ଲେଖିଥିଲେ, ସେମାନେ ମଧ୍ୟ ଏହି ନାମରେ ହିଁ ଆପଣ ଅ.ସଙ୍କର ଚର୍ଚ୍ଚା କରିଛନ୍ତି । ଯଦି ଏହି ମହାନ୍ ସାକ୍ଷ୍ୟ ସତ୍ତ୍ୱେ କୌଣସି ବିରୋଧୀଙ୍କ ନିକଟରେ ହ. ମସିହ୍ ମଉଦ୍ ଅ.ସଙ୍କ ନାମ ଗୁଲାମ୍ ଅହମଦ ନଥିଲା, ବରଂ ସିନ୍ଧୀ କିମ୍ବା ଅନ୍ୟ କିଛି ଥିଲା ତେବେ ସେଥିପାଇଁ ଆମ ପାଖରେ ଏହାଛଡ଼ା ଆଉ କୌଣସି ଉପାୟ ନାହିଁ ଯେ, لعنت اللہ علی الکاذبین (ଅର୍ଥାତ୍ ମିଥ୍ୟାବାଦୀମାନଙ୍କ ଉପରେ ଅଲ୍ଲାଃଙ୍କର ଅଭିଶାପ ହେଉ)। ଏହି ପ୍ରସଙ୍ଗରେ ରିୱାୟତ୍ ନମ୍ବର (ବର୍ଣ୍ଣନା ସଂଖ୍ୟା) 25, 44, 98, 129, 134, 412 ଏବଂ 438 ମଧ୍ୟ ଦ୍ରଷ୍ଟବ୍ୟ ଅଟେ ଯହିଁରୁ ଏହି ଆଲୋଚନା ଉପରେ ଅଧିକ ଆଲୋକପାତ ହୋଇଥାଏ ।

{52} بسم اللہ الرحمن الرحیم ମୋତେ ଝଣ୍ଡା ସିଂହ, କାଲହ୍ୱାଁର ବାସିନ୍ଦା, ବର୍ଣ୍ଣନା କଲେ ଯେ, ମୁଁ ବଡ଼ ମିର୍ଜା ସାହବଙ୍କ ପାଖକୁ ଯିବା ଆସିବା କରୁଥିଲି । ଥରେ ମୋତେ ବଡ଼ ମିର୍ଜା ସାହବ କହିଲେ ଯେ, ଝଣ୍ଡା ସିଂହ ! ଯାଅ ଗୁଲାମ୍ ଅହମଦଙ୍କୁ ଡାକିଆଣ । ଜଣେ ଇଂରେଜ ହାକିମ ମୋର ପରିଚିତ ଜିଲ୍ଲାକୁ ଆସିଛନ୍ତି । ଯଦି ତାଙ୍କର ଇଚ୍ଛା ଥାଏ ତେବେ କୌଣସି ଭଲ ପଦବୀରେ ଚାକିର କରାଇଦେବି । ଝଣ୍ଡା ସିଂହ କହୁଥିଲେ ଯେ, ମୁଁ ମିର୍ଜା ସାହବଙ୍କ ପାଖକୁ ଯେତେବେଳେ ଗଲି ସେତେବେଳେ ଦେଖିଲି ଯେ, ମସିହ୍ ମଉଦ୍ ଅ.ସ ଚାରିପଟେ ବହିର ସ୍ତୁପ ଲଗାଇ ତା' ଭିତରେ ବସି କିଛି ଅଧ୍ୟୟନ କରୁଛନ୍ତି। ମୁଁ ବଡ଼ ମିର୍ଜା ସାହବଙ୍କ ସନ୍ଦେଶ ପହଞ୍ଚାଇଦେଲି । ମିର୍ଜା ସାହବ ଆସିଲେ ଏବଂ ଉତ୍ତର ଦେଲେ, "ମୁଁ ତ' ଚାକର ହୋଇସାରିଛି ।" ବଡ଼ ମିର୍ଜା ସାହବ କହିବାକୁ ଲାଗିଲେ ଯେ, ଆଚ୍ଛା ! ପ୍ରକୃତରେ ତୁମେ ଚାକିର ହୋଇସାରିଛ କି ? ମିର୍ଜା ସାହବ କହିଲେ, "ହଁ ମୁଁ ଚାକର ହୋଇସାରିଛି ।" ପ୍ରତ୍ୟୁତ୍ତରରେ ବଡ଼ ମିର୍ଜା ସାହବ କହିଲେ, "ଆଚ୍ଛା ! ଯଦି ଚାକର ହୋଇସାରିଛ ତେବେ ଠିକ୍ ଅଛି ।"

ବିନୀତ କହୁଛି ଯେଉଁ କାଲହ୍ୱାଁ କାଦିୟାନ୍ ଠାରୁ ଦକ୍ଷିଣ ଦିଗକୁ ଦୁଇ ମାଇଲ୍ ଦୂରତାରେ ଏକ ଗାଁ ଅଟେ ଏବଂ ଚାକିରି ଅର୍ଥ ଈଶ୍ୱରଙ୍କ ଚାକିରି ଅର୍ଥାତ୍ ଈଶ୍ୱରଙ୍କ ଚାକର ଅଟେ । ସେହିପରି ବିନୀତ କହୁଛି ଯେ, ଝଣ୍ଡା ସିଂହ ଅନେକ ଥର ଏହି ରିୱାୟତ୍ ବର୍ଣ୍ଣନା କରିସାରିଛନ୍ତି ଏବଂ ସେ କାଦିୟାନ୍‌ର ବର୍ତ୍ତମାନର ଉନ୍ନତିକୁ ଦେଖି ହ. ମସିହ୍ ମଉଦ ଅ.ସଙ୍କର ବହୁତ ଚର୍ଚ୍ଚା କରନ୍ତି ଏବଂ ଆପଣଙ୍କୁ ବହୁତ ପ୍ରେମ କରୁଥିଲେ । ବିନୀତ କହୁଛି ଯେ, ଆମର ଦାଦା ସାହବ ପରିବାରରେ ସମସ୍ତଙ୍କ ଠାରୁ ବଡ଼ ଏବଂ ସମ୍ମାନଜନକ ହେବା କାରଣରୁ ସାଧାରଣତଃ ଲୋକମାନେ ତାଙ୍କୁ ବଡ଼ ମିର୍ଜା ସାହବ ବୋଲି କହୁଥିଲେ । ସେଇଥି ପାଇଁ ସ୍ୱୟଂ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ସାଧାରଣତଃ ତାଙ୍କ ସମ୍ପର୍କରେ ଏହି ଶବ୍ଦଗୁଡ଼ିକ ବ୍ୟବହାର କରୁଥିଲେ ।

{53} بسم اللہ الرحمن الرحیم ମୋତେ ହ. ୱାଲିଦା ସାହିବା (ମାତାଶ୍ରୀ) ବର୍ଣ୍ଣନା କଲେ ଯେ, ହ. ମସିହ୍ ମଉଦ ଅ.ସ ସଦ୍‌କା (ଦାନ ଧର୍ମ) ବହୁତ ଦେଉଥିଲେ ଏବଂ ସାଧାରଣତଃ ଏପରି ଲୁଚାଇକି ଦେଉଥିଲେ ଯେ, ଆମକୁ ମଧ୍ୟ ଜଣାପଡୁ ନଥିଲା । ବିନୀତ ମାତାଶ୍ରୀ ପଚାରିଲେ ଯେ କେତେ ସଦ୍‌କା (ଦାନ) ଦେଉଥିଲେ ?

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan